R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୫୩
ତିଥି : ଅଷ୍ଟମୀ
୩୦ ସେପ୍ଟେମ୍ବର ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 353
30 Sept 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur







## ଅନ୍ୟ ଦେଶର ଫିଲ୍ମ ଉପରେ ୧୦୦% ଶୁଳ୍କ ଲଗାଇଲେ ଟ୍ରମ୍ପ

ନୂଆଦିଲ୍ଲୀ, ୨୯ ।୯ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁଳ୍କ ପରେ ଶୁଳ୍କ ବୋଝ ଲଦି ଚାଲିଛନ୍ତି । ଆମେରିକା ବାହାରେ ନିର୍ମାଣ ହେଉଥିବା ଚଳଚ୍ଚିତ୍ର ଯଦି ତାଙ୍କ ଦେଶରେ ପ୍ରଦର୍ଶିତ ହୁଏ ତେବେ ୧୦୦% ଶୁଳ୍କ ଦେବାକୁ ପଡ଼ିବ । ଏହି ମର୍ମରେ ଟ୍ରମ୍ପ ଆଜି ଘୋଷଣା କରିଛନ୍ତି । ଏହାଛଡା ଆମେରିକାରେ ନିର୍ମିତ ହେଉନଥିବାର କାଠ ସାମଗ୍ରୀ ଉପରେ ମଧ୍ୟ ଅନୁପାତିକ ଶୁଳ୍କ ଲଗାଯିବ ବୋଲି ସୂଚନା ଦେଇଛନ୍ତି ।


ଟ୍ରଷ୍ଟ ସୋସିଆଲରେ ଟ୍ରମ୍ପ ଉଲ୍ଲେଖ କରିଛନ୍ତି ଯେ ଚଳଚ୍ଚିତ୍ରଗୁଡ଼ିକ ବ୍ୟବସାୟ ପାଇଁ ନିର୍ମାଣ (୯ ପୃଷ୍ଠାରେ)

## ଆଜି ଘୂର୍ଣ୍ଣିବଳୟ, ୧ରେ ଲଘୁଚାପ

ଭୁବନେଶ୍ୱର, ୨୯ ।୯ (ସବ୍ୟୁ) : ଆସନ୍ତାକାଲି(ମଙ୍ଗଳବାର) ଆଣ୍ଡାମାନ ସାଗରେ ସୃଷ୍ଟି ହେବ ଘୂର୍ଣ୍ଣିବଳୟ । ଏହା ଅଧିକ ଘନୀଭୂତ ଉତ୍ତର ଏବଂ ପାର୍ଶ୍ୱବର୍ତ୍ତୀ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ରୂପ ନେବାର ସମ୍ଭାବନା ଅଛି । ଏହା ପ୍ରଭାବରେ ଜଗତଜନନୀ ମା'ଦୁର୍ଗାଙ୍କ ନବମୀ ଓ ଦଶମୀରେ ରାଜ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ । (୯ ପୃଷ୍ଠାରେ)

## ଶିରୀଶ ମୁର୍ମୁ ଆରବିଆଇର ଡେପୁଟି ଗଭର୍ଣ୍ଣର

ଭୁବନେଶ୍ୱର, ୨୯ ।୯ (ସବ୍ୟୁ) : ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ର ଡେପୁଟି ଗଭର୍ଣ୍ଣର ଭାବେ ଶିରୀଶ ଚନ୍ଦ୍ର ମୁର୍ମୁଙ୍କୁ ନିଯୁକ୍ତି ଦିଆଯାଇଛି । ୩ ବର୍ଷ ଲାଗି କେନ୍ଦ୍ର ସରକାର ତାଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି । ଶ୍ରୀ ମୁର୍ମୁ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରନ୍ତି ଓ ପର୍ଯ୍ୟବେକ୍ଷଣ ବିଭାଗ ଦାୟିତ୍ୱରେ ଅଛନ୍ତି । ସେ ଏମ୍ ରାଜେଶ୍ୱର ରାଓଙ୍କ ସ୍ଥାନ ନେବେ । ଅକ୍ଟୋବର ୯ ତାରିଖରେ ଦାୟିତ୍ୱ ଗ୍ରହଣ କରିବେ । ଶିରୀଶ ମୁର୍ମୁ ହେଉଛନ୍ତି ଜମ୍ମୁ-କାଶ୍ମୀରର ପ୍ରଥମ ଏଲ୍‌ଜି ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ସାନଭାଇ । ଶ୍ରୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା (୯ ପୃଷ୍ଠାରେ)



# ରାତିରେ କାର୍ଯ୍ୟ କରିପାରିବେ ମହିଳା


ଭୁବନେଶ୍ୱର, ୨୯ ।୯ (ସବ୍ୟୁ) : ରାଜ୍ୟରେ ଶିଳ୍ପ ଓ ବ୍ୟବସାୟକୁ ସହଜ କରିବା ଓ ଅଧିକ ଆର୍ଥିକ କାର୍ଯ୍ୟକଳାପ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ୧୯୫୬ ଓ କାରଖାନା ଆଇନ୍ ୧୯୪୮ରେ ସଂଶୋଧନ କରାଯାଇଛି । ଏହାଛଡା ଘଟଗାଁ ତାରିଣୀ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ପାଇଁ ୨୨୬ କୋଟି ଟଙ୍କା ବ୍ୟୟ କରାଯିବ । ଉପରୋକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟ୍ ୩ ବିଭାଗର ୪ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଅଧ୍ୟକ୍ଷତାରେ ଆଜି ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପୂର୍ତ୍ତ ବିଭାଗର ଗୋଟିଏ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଗୋଟିଏ ଏବଂ ରାଜ୍ୟ ଶ୍ରମ ଓ କର୍ମଚାରୀ, ରାଜ୍ୟ ବୀମା ଯୋଜନା ବିଭାଗର ଦୁଇଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବ ସରକାରରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଥିଲା । ୫-ଟି ନାମରେ ଭଙ୍ଗା କାନ୍ଥରେ ରଙ୍ଗ ମରାଯାଉଥିଲା । ଭିତ୍ତିଭୂମି ବିକାଶ ହୋଇନଥିଲା । ଆମ ସରକାର ନୂଆ ଶିକ୍ଷାନୀତି ଲାଗୁ କରିଛନ୍ତି । ଆଜି କ୍ୟାବିନେଟ୍‌ରେ ଅନୁମୋଦିତ ପ୍ରସ୍ତାବ ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ ସଂଶୋଧିତ ଆଇନ୍ ଅନୁଯାୟୀ ବ୍ୟବସାୟ ଅନୁଷ୍ଠାନଗୁଡ଼ିକ ଯେଉଁଠି ୨୦ କିମ୍ବା ତଦୁର୍ଦ୍ଧ୍ୱ କର୍ମଚାରୀ (୯ ପୃଷ୍ଠାରେ)












**ମା'** ଦୁର୍ଗା ଏ ସୃଷ୍ଟିର ଆଦିଶକ୍ତି । ସେ ହିଁ ପରମାତ୍ମା ପରମେଶ୍ୱରଙ୍କର ପ୍ରକୃତ କାର୍ଯ୍ୟକାରିଣୀ ଶକ୍ତି । ସେ ସ୍ଥିର, ନିଶ୍ଚଳ, ସର୍ବବ୍ୟାପୀ, ଅନାଦି, ଅନନ୍ତ କିନ୍ତୁ ସାକ୍ଷୀ ଓ ଦ୍ରଷ୍ଟା ଏବଂ ନିରପେକ୍ଷ କର୍ମଫଳଦାତା । ଓଡ଼ିଶାର ବିଭିନ୍ନ ମନ୍ଦିର, ପୀଠ, ମଠ ବ୍ୟତୀତ ଗୃହେ ଗୃହେ ମଣ୍ଡଳ, କୋଠି, ଚକ୍ର, ଯନ୍ତ୍ର ଓ ନବପତ୍ରିକାରେ ତନ୍ତ୍ର ପୂଜା ଅନୁଷ୍ଠିତ ହୋଇଆସୁଛି । ଓଡ଼ିଶା ତନ୍ତ୍ର ପରମ୍ପରାର ଅନ୍ୟତମ ଅଙ୍ଗ । ସ୍ୱଳ୍ପ ସମୟ ନିମିତ୍ତ ପୂଜା ଆସ୍ଥାନକୁ ମଣ୍ଡଳ, ଯ ନ୍ତ୍ର ଓ କୋଠିରେ ସୁସଜ୍ଜିତ କରି ଅସ୍ଥାୟୀ ତନ୍ତ୍ରପୀଠ ନିର୍ମାଣ ପୂର୍ବକ ସହଜ ଓ ସରଳ ବିଧିରେ ତନ୍ତ୍ର ପୂଜା କରିବାର ଓଡ଼ିଶାରେ ପରମ୍ପରା ରହିଆସିଛି । ସର୍ବସାଧାରଣ କଷ୍ଟସାଧ୍ୟ ତନ୍ତ୍ର ଉପାସନା ନକରି ମଧ୍ୟ ଏହି ସବୁ ଯାତ୍ରା, ଓଷା ଓ ପର୍ବପର୍ବାଣି ମାଧ୍ୟମରେ ମାତୃଭକ୍ତିରେ ଅବଗାହନ କରିପାରୁଛନ୍ତି । ସଂପ୍ରତି ଓଡ଼ିଶାରେ କାଳୀ ପୂଜା, ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା ପ୍ରଭୃତି ମଧ୍ୟ ହେଉଛି । ଓଡ଼ିଶା ହେଉଛି ଶାକ୍ତ ତନ୍ତ୍ରର ଉନ୍ମେଷସ୍ଥଳୀ । ଏହାକୁ ଆଧାର କରି ଓଡ଼ିଶାରେ ବୈଷ୍ଣବତନ୍ତ୍ର, ଶୈବତନ୍ତ୍ର, ଶାବର ତନ୍ତ୍ର, ନାଥ ତନ୍ତ୍ର, ନାଗାନ୍ତକ ବିଦ୍ୟା ପ୍ରଭୃତି ଉତ୍ତରୋତ୍ତର ବିକାଶ ଲାଭ କରିଥିଲା । ଓଡ଼ିଶା ଶାକ୍ତ ପରମ୍ପରା ଉଦବୁଦ୍ଧ ହୋଇ ନିରୀଶ୍ୱରବାଦୀ ବୌଦ୍ଧମାନେ ଏହି ମାଟିରେ ବୌଦ୍ଧ ତନ୍ତ୍ରର ଉନ୍ମେଷ ଓ ବିକାଶ ଘଟାଇ ପାରିଥିଲେ । ପରିଣାମ ସ୍ୱରୂପ ଓଡ଼ିଶା ତନ୍ତ୍ର ସମନ୍ୱୟର ମହାପୀଠ ଭାବରେ ବିଶ୍ୱରେ ସ୍ୱତନ୍ତ୍ର ଆସନ ଅଳଙ୍କୃତ କରିଥିଲା । ଓଡ଼ିଶାର ତନ୍ତ୍ରଧାରା ପରିବର୍ତ୍ତିତ ସମୟ ଓ ସମାଜ ସହିତ ତାଳ ଦେଇ ପାରମ୍ପରିକ ପରିଧିରେ ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ ହୋଇଥିଲା । ଏହାଦ୍ୱାରା ଦେବଦେବୀ ଉପାସନା ନିର୍ଦ୍ଦିଷ୍ଟ ଗୋଷ୍ଠୀ ଭିତରେ ଆବଦ୍ଧ ନହୋଇ ସାର୍ବଜନୀନ ସ୍ୱରୂପ ଗ୍ରହଣ କଲା । ସଂକ୍ଷେପରେ ଉଲ୍ଲେଖ କଲେ, ତନ୍ତ୍ରର ଉତ୍ତରଣରେ ଓଡ଼ିଶା ମାଟିରେ ଜନ୍ମ ନେଇଥିବା ତନ୍ତ୍ରର ନୂତନ ଉପାୟ ଦ୍ୱାରା ଉପାସନାର ଧାରା, ସରଳ, ସହଜ, ସୁବୋଧ ଓ ସାର୍ବଜନୀନ ହୋଇପାରିଛି ।

**ଦେବାଶିଷ ଆଚାର୍ଯ୍ୟ**
**ଦୂରଭାଷ:୯୭୭୬୮୨୫୦୯୪**




## ସୋସିଆଲ କୋଟ୍ସ




"ମ୍ୟାଚ୍‌ଟି ଖୁବ ସୁନ୍ଦର ଥିଲା । ଭାରତୀୟ ଟିମ ଖୁବ ଭଲ ଖେଳିଛି । ଭାରତୀୟ ଟିମ୍‌କୁ ଅନେକ ଅନେକ ଶୁଭେଚ୍ଛା । ତିଲକ, ଶିଭମ ଓ କୁଲଦୀପଙ୍କୁ ଧନ୍ୟବାଦ ଏସିଆ କପ୍ ଜିତିବା ପାଇଁ ।

**ପ୍ରୀତି ଜିଣ୍ଟା, ଅଭିନେତ୍ରୀ**



"ସାମନାରେ ଯେ କେହି ବି ଥାଆନ୍ତୁ, ଭାରତ ତିଲକ ଲଗାଇ ହିଁ ଘରକୁ ପଠାଇବ । ମ୍ୟାଚ୍ ଖୁବ ଭଲ ଥିଲା । ଭାରତୀୟ ଟିମ୍ ପାଇଁ ଖୁବ ଗର୍ବିତ ।

**ବିବେକ ଓବରୟ, ଅଭିନେତା**



"ମୋ ଦ୍ୱିତୀୟ ବିବାହର ମୁଦି ମୋ ପ୍ରଥମ ସ୍ତ୍ରୀ କିଣିଥିଲେ । ମୋନା ଶ୍ରୀଦେବୀଙ୍କୁ ମୁଦି ଦେଇଥିଲେ, ଯାହା ମୋ ପାଇଁ ଖୁବ ମହତ୍ତ୍ୱପୂର୍ଣ୍ଣ ସମୟ ଥିଲା ।

**ବୋନି କପୁର, ଫିଲ୍ମମେକର**


## ଆନ୍ତର୍ଜାତିକ ଅନୁବାଦ ଦିବସ




**ବି**ଶ୍ୱସ୍ତରରେ ଅନୁବାଦକମାନଙ୍କ କାମକୁ ସ୍ୱୀକୃତି ଜଣାଇବା ନିମନ୍ତେ ପ୍ରତିବର୍ଷ ସେପ୍ଟେମ୍ବର ୩୦ରେ ପାଳିତ ହୋଇଥାଏ ଆନ୍ତର୍ଜାତିକ ଅନୁବାଦ ଦିବସ । ଏହା ବାଇବେଲର ଅନୁବାଦକ ସେଣ୍ଟ ଜେରୋମଙ୍କର ଶ୍ରାଦ୍ଧବାର୍ଷିକୀରେ ପାଳନ କରାଯାଇଥାଏ । ୧୯୯୧ ମସିହାରୁ ଆନ୍ତର୍ଜାତିକ ଅନୁବାଦକ ସଂଘଦ୍ୱାରା ଏହି ଦିବସ ପାଳନ କରାଯାଉଛି । , ୧୯୫୩ ମସିହାରେ ଆନ୍ତର୍ଜାତିକ ଅନୁବାଦକ ସଂଘ ସ୍ଥାପନ କରାଯାଇଥିଲା । ୨୦୧୭ ମସିହା ମେ' ମାସ ୨୪ତାରିଖରେ ମିଳିତ ଜାତିସଂଘରେ ୩୦ ସେପ୍ଟେମ୍ବର ଦିନ ଆନ୍ତର୍ଜାତିକ ଅନୁବାଦ ଦିବସ ପାଳନ କରିବା ନିମନ୍ତେ ଏକ ପ୍ରସ୍ତାବ ପାସ କରାଯାଇଥିଲା । ଯାହା ପରଠାରୁ ଏହାକୁ ସାରା ବିଶ୍ୱରେ ପାଳନ କରାଯାଉଛି ।

**୧୯୫୫–** ସଡକ ଦୁର୍ଘଟଣାରେ ଲୋକପ୍ରିୟ ହଲିଉଡ୍ ଅଭିନେତା ଜେମ୍ସ ଡିନ୍‌ଙ୍କ ମୃତ୍ୟୁ ।
**୧୯୭୦–** ଭାରତର ସଟ୍‌ପୁଟ୍ ଓ ଜାଭେଲିନ୍ ଥ୍ରୋର ଖେଳାଳି ଦୀପା ମଳିକଙ୍କ ଜନ୍ମ ।
**୧୯୯୩–** ମହାରାଷ୍ଟ୍ରର ଔରଙ୍ଗାବାଦ ଭୂକମ୍ପରେ ୧୦ ହଜାର ଲୋକଙ୍କ ମୃତ୍ୟୁ ।
**୨୦୦୧–** ବିମାନ ଦୁର୍ଘଟଣାରେ ବରିଷ୍ଠ କଂଗ୍ରେସ ନେତା ମାଧବ ରାଓ ସିନ୍ଧିୟାଙ୍କ ପରଲୋକ ।
**୨୦୦୩–** ବିଶ୍ୱନାଥନ୍ ଆନନ୍ଦ ବିଶ୍ୱ ରାପିଡ୍ ଚେସ୍ ଚାମ୍ପିଅନ୍‌ସିପ୍ ଜିତିଲେ ।
**୨୦୦୯–** ପ୍ରଖ୍ୟାତ୍ ଭାରତୀୟ ପ୍ଲେବ୍ୟାକ୍ ସିଙ୍ଗର୍ ମାନ୍ନା ଦେ'ଙ୍କୁ ୨୦୦୭ ମସିହା ପାଇଁ ଦାଦା ସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରାଗଲା ।

## ହାକୁଟି ମାରିଲେ ଦେବାକୁ ହେବ କର



**ସ**ମଗ୍ର ବିଶ୍ୱ ପରିବେଶ ପ୍ରଦୂଷଣକୁ ରୋକିବାକୁ ବିଭିନ୍ନ ଉପାୟ ଆପଣାଉଥିବା ଦେଖିବାକୁ ମିଳୁଛି । ଏହାକୁ ରୋକିବାକୁ ଲୋକଙ୍କପାଇଁ ବିଭିନ୍ନ ପ୍ରକାର ନିୟମ ଲାଗୁ କରାଯାଉଛି । ତେବେ ବର୍ତ୍ତମାନ ଡେନ୍‌ମାର୍କର ଏକ ନିୟମ ଖୁବ ଚର୍ଚ୍ଚାରେ ରହିଛି । ଡେନମାର୍କ କ୍ଲାଇମେଟ ଚେଞ୍ଜ ବିପକ୍ଷରେ ଲଢିବାକୁ ଏକ ନୂଆ ଟ୍ୟାକ୍ସ ଲୋକଙ୍କ ପାଇଁ ପ୍ରସ୍ତୁତ କରିଛି, ଯାହାର ନାଁ ରହିଛି ଫ୍ଲେଟୁଲେନ୍ସ ଟ୍ୟାକ୍ସ ବା ପେଟର ଗ୍ୟାସ ଉପରେ ଟ୍ୟାକ୍ସ । ଏହି ଅଜବ ନିୟମକୁ ୧୮ ନଭେମ୍ବର ୨୦୨୪ରେ ତିଆରି କରାଯାଇଥିଲା । ଏହି ନିୟମ ଅଧୀନରେ ଏଠାରେ ଥିବା ଚାଷୀଙ୍କୁ ସେମାନଙ୍କର ଗାଈ ଓ ଘୁଷୁରୀଙ୍କର ପେଟରେ ଥିବା ଗ୍ୟାସପାଇଁ ମଧ୍ୟ ଟ୍ୟାକ୍ସ ଦେବାକୁ ପଡିବ । ଯଦି ସେମାନେ ହାକୁଟି ମାରିବେ କିମ୍ବା ବାୟୁ ତ୍ୟାଗ କରିବେ ତେବେ ସେମାନଙ୍କ ମାଲିକଙ୍କୁ ଏଥିପାଇଁ ଟ୍ୟାକ୍ସ ଦେବାକୁ ହେବ । ଚାଷୀଙ୍କୁ ଗୋଟିଏ ଟନ ମିଥେନ ଉପରେ ପାଖାପାଖି ୪ହଜାର ଟଙ୍କାରୁ ଅଧିକ ଟଙ୍କା ଟ୍ୟାକ୍ସ ଦେବାକୁ ହେବ । ସେହିଭଳି ୨୦୩୫ ବେଳକୁ ଏହା ବଢି ୧୦ ହଜାର ହେବ ବୋଲି ଆକଳନ କରାଯାଇଛି । ଏଥିରେ ୬୦ ପ୍ରତିଶତର ରିହାତିର ବ୍ୟବସ୍ଥା ମଧ୍ୟ ରହିଛି । ତେବେ ଏହି ଟ୍ୟାକ୍ସ ଗାଈ ଓ ଘୁଷୁରୀଙ୍କ ପାଖରୁ ବାହାରୁଥିବା ମିଥେନ ଗ୍ୟାସକୁ ନିୟନ୍ତ୍ରଣରେ ରଖିବାକୁ ଲାଗୁ କରାଯାଇଛି । ମିଥେନ ଏକ ଗ୍ରୀନହାଉସ ଗ୍ୟାସ ଯାହା ବିଶ୍ୱତାପମାନର ଏକ ପ୍ରମୁଖ କାରଣ । ବୈଜ୍ଞାନିକଙ୍କ ସୂଚନା ଅନୁସାରେ ଗୋଟିଏ ଗାଈ ପ୍ରତିଦିନ ପାଖାପାଖି ୫୦୦ ଲିଟରର ମିଥେନ ନିର୍ଗତ କରିଥାଏ । ବିଶ୍ୱରେ ପଶୁଙ୍କଠାରୁ ହେଉଥିବା ମିଥେନ ନିର୍ଗମନ କାରଣରୁ ପାଖାପାଖି ୧୨ ପ୍ରତିଶତ ଗ୍ରୀନ ହାଉସ ଗ୍ୟାସ ବଢିଥାଏ ।

## କାଜୋଲଙ୍କୁ ପ୍ରଶଂସା



**ଅ**ଭିନେତ୍ରୀ ତନିସା ନିକଟରେ ନିଜ ଭଉଣୀ କାଜୋଲଙ୍କର ଖୁବ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି । ଏକ ସାକ୍ଷାତକାରରେ ତନିଷା ନିଜର ବ୍ୟକ୍ତିଗତ ଜୀବନକୁ ନେଇ ଅନେକ କଥା ଗଣମାଧ୍ୟମ ସହିତ ସେୟାର କରିଛନ୍ତି । ଏଥିରେ ସେ ନିଜ ଭଉଣୀ କାଜୋଲଙ୍କୁ ନେଇ ଅନେକ ସକରାତ୍ମକ ମତ ଦେଇଛନ୍ତି । କାଜୋଲ ତାଙ୍କ ସନ୍ତାନଙ୍କର ଲାଳନ ପାଳନ ଖୁବ ସୁନ୍ଦରଭାବେ କରିଛନ୍ତି ବୋଲି ମତ ଦେଇଛନ୍ତି । କାଜୋଲଙ୍କ ପୁଅ ଯୁଗର ଏତେ ଭଲ ବ୍ୟବହାର ପଛରେ କାଜୋଲଙ୍କ ଭୂମିକା ରହିଛି । ସେହିଭଳି ଏଥିରେ ଅଜୟଙ୍କର କିଛି ଅବଦାନ ନାହିଁ ବୋଲି ମଜାଳିଆ ଅନ୍ଦାଜରେ ତନିଶା ପ୍ରକାଶ କରିଛନ୍ତି । ଦୁନିଆର ଶ୍ରେଷ୍ଠ ମା' ବୋଲି ସେ କାଜୋଲଙ୍କୁ ଆଖ୍ୟା ଦେଇଛନ୍ତି । କାଜୋଲ ତାଙ୍କୁ ଛୁଆଙ୍କର ଖୁବ ଯତ୍ନ ନେବା ସହିତ ସେମାନଙ୍କ ଲାଳନ ପାଳନ ଖୁବ ଭଲରେ କରିଛନ୍ତି ବୋଲି ତନିସା ମତ ଦେଇଛନ୍ତି । ଏପରିକି କାଜୋଲ ତାଙ୍କୁ ମଧ୍ୟ ଅନେକ ସମୟରେ ମା'ଭଳି ଗାଇଡ କରିଥାଆନ୍ତି ବୋଲି ସେ କହିଛନ୍ତି ।

## ପ୍ରଦୂଷଣ ରୋକିବାକୁ ନୃତ୍ୟ




**ଆ**ଫ୍ରିକାରେ ଏକ ଅଭିନବ ଉପାୟରେ ଯୁବକମାନେ ପ୍ରଦୂଷଣ ରୋକିବାକୁ କାମ କରୁଛନ୍ତି । ସୂଚନା ଅନୁସାରେ ଜିମ୍ବାବେର ଯୁବକମାନେ ନୃତ୍ୟ ସାହାଯ୍ୟରେ ପର୍ଯ୍ୟାବରଣକୁ ସୁରକ୍ଷା ଦେବାକୁ ଚେଷ୍ଟା କରୁଛନ୍ତି । ସେମାନେ ଏଠାରେ ଏକ ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରିଛନ୍ତି ଯେଉଁଥିରେ ଯୁବକମାନେ ଡ୍ୟାନ୍ସ ସାହାଯ୍ୟରେ ପ୍ଲାଷ୍ଟିକ ଓ ଆବର୍ଜନା ବିରୋଧରେ ସଚେତନତା ସୃଷ୍ଟି କରୁଛନ୍ତି । ରିପୋର୍ଟ ଅନୁସାରେ ଜିମ୍ବାବେରେ ପ୍ରତିବର୍ଷ ପାଖାପାଖି ୩ଲକ୍ଷ ଟନର ଆବର୍ଜନା ଯମା ହୋଇଥାଏ । ଏହା ପରିବେଶପାଇଁ ଖୁବ ଅପକାରୀ ହୋଇଥାଏ । ସେହିଭଳି ଏଠିକାର ସ୍ଥାନୀୟ ବାସିନ୍ଦା ଏଗୁଡିକ କିଭଳି ରୋକିବ ସେନେଇ ଅନିଭିଜ୍ଞ । ତେଣୁ ସେମାନଙ୍କୁ ସଚେତନ କରିବାକୁ ଯୁବଗୋଷ୍ଠୀ ଏଭଳି ପଦକ୍ଷେପ ନେଇଥିବା ଜଣା ପଡିଛି ।

## ଡାକ୍ତରଖାନାରେ ରୋବଟ

**ଆ**ଜିକାଲି ରୋବଟକୁ ସବୁ ସ୍ଥାନରେ ବ୍ୟବହାର କରାଯାଉଛି । ସ୍କୁଲ, ରେସ୍ତୋରାଁ, ଅଫିସ ଏପରିକି ଡାକ୍ତରଖାନାରେ ମଧ୍ୟ ରୋବଟର ବ୍ୟବହାର ଆରମ୍ଭ ହୋଇସାରିଛି । ତେବେ ଚୀନର ଏକ ଡାକ୍ତରଖାନାର ଖବର ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ଚୀନର ଏକ ଡାକ୍ତରଖାନାରେ ସଫଳତାପୂର୍ବକ ଗୋଟିଏ ରୋବଟର ପରୀକ୍ଷଣ କରାଯାଇଛି । ଏହି ରୋବଟକୁ ରୋଗୀଙ୍କର ରକ୍ତ ସଂଗ୍ରହ କାମରେ ନିୟୋଜିତ କରାଯାଇଛି । ବିଭିନ୍ନ ପରୀକ୍ଷା ପାଇଁ ରୋବଟଟି ରୋଗୀଙ୍କର ରକ୍ତ ସଂଗ୍ରହ କାମ କରୁଛି । ରୋଗୀଙ୍କର ଶିରା ଖୋଜିବା ଏବଂ ସେଥିରୁ ରକ୍ତ ବାହାର କରିବାକୁ ଏହି ରୋବଟଟି ଏଆଇର ବ୍ୟବହାର କରୁଛି । ଏକ୍ସପର୍ଟଙ୍କ ମତରେ ରୋବଟର ପରୀକ୍ଷଣ ପାଖାପାଖି ୯୪ ପ୍ରତିଶତ ସଫଳ ହୋଇଛି ।





ଭୁବନେଶ୍ୱର ଚକେଇସିହାଣି ଦୁର୍ଗାପୂଜା ସମିତିର ରୌପ୍ୟ ଜୟନ୍ତୀ ଓ ମା ଦୁର୍ଗାଙ୍କର ପୂଜା ଅବସରରେ ସମୟ ର ନିର୍ଦ୍ଦେଶିକା ଅନିତା ମହାନ୍ତି ପୂଜା ମଣ୍ଡପ ପରିଦର୍ଶନ କରିବା ସହିତ ମା ଦୁର୍ଗାଙ୍କର ଆଶିଷ ଲାଭ କରିଛନ୍ତି । ଏହି ଅବସରରେ ଚକେଇସିହାଣି ଦୁର୍ଗାପୂଜା ସମିତିର କର୍ମକର୍ତ୍ତାଙ୍କ ସମେତ ସମୟ ର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ବାହୁଡା ବନ୍ଦର ଶିଳ୍ପାୟନ ଲାଗି ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କୃତଜ୍ଞତା

ଭୁବନେଶ୍ୱର ( ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ପାଇଁ ଓ ବନ୍ଦର, ଜାହାଜ ଚଳାଚଳ ତଥା ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ଐତିହାସିକ ବାହୁଡା ବନ୍ଦର ପ୍ରକଳ୍ପକୁ ସକ୍ଷମ କରିବା ପାଇଁ ଓଡିଶାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତଜ୍ଞତା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାମାଜିକ ଗଣମାଧ୍ୟମ "ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ, ୫୭୫ କିଲୋମିଟର ଲମ୍ବା ଉପକୂଳ, ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ସହିତ ଓଡ଼ିଶା ବାଣିଜ୍ୟ ଏବଂ ଶିଳ୍ପ ଅଭିବୃଦ୍ଧିର ଏକ ପ୍ରମୁଖ ପ୍ରବେଶ ଦ୍ୱାର ଭାବରେ ଉଭା ହେବାକୁ ପ୍ରସ୍ତୁତ ହେଉଛି । ୧୫୦ ଏମଟିପିଏ କ୍ଷମତା ବିଶିଷ୍ଟ ବାହୁଡା ବନ୍ଦର ଶିଳ୍ପାୟନକୁ ପ୍ରୋତ୍ସାହିତ କରିବ ସହିତ ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ । ଭାରତର ବିଶ୍ୱ ସାମୁଦ୍ରିକ ନେଟଓ୍ୱାର୍କରେ ଓଡ଼ିଶାର ସ୍ଥିତିକୁ ମଜବୁତ କରିବାକୁ ଆଶା କରାଯାଉଛି । ଏହା ୨୧,୫୦୦ କୋଟି ନିବେଶକୁ ଆକର୍ଷିତ କରିବ । ଏହି ପରିବର୍ତ୍ତନକାରୀ ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ଆତ୍ମନିର୍ଭର ଭାରତ ଏବଂ ବିକଶିତ ଭାରତର ୨୦୪୭ ସ୍ୱପ୍ନକୁ ଆଗକୁ ବଢାଇବା ପାଇଁ ଓଡିଶା ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



ବୁଲଗେରିଆ ଓ ଉତ୍ତର ମ୍ୟାକ୍‌ଡୋନିଆର ଭାରତର ରାଷ୍ଟ୍ରଦୂତ ଅମ୍ବ ଅରୁଣ ସାହୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି । ମାଟିର ପୁଅ ଶ୍ରୀ ସାହୁଙ୍କ ଦ୍ୱାରା ଲିଖିତ ଗଳ୍ପ ସଂକଳନ ସାରା ସାରା ଶେଷସ୍ୱର ପୁସ୍ତକକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ଏହି ଅବସରରେ ଓଡ଼ିଶା ଓ ୟୁରୋପ ମଧ୍ୟରେ ସହଯୋଗ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି ।

## ଧରାପୃଷ୍ଠକୁ ଅବତରଣ କଲେ ମା'ଦଶଭୁଜା

# ପୂଜାମଣ୍ଡପରେ ମହାସପ୍ତମୀ, ପୀଠେ ମହାଷ୍ଟମୀ

ଖୋର୍ଦ୍ଧା, (ସବ୍ୟୁ): ମା' ସିଂହବାହିନୀ, ତଥା ଦଶଭୂଜା, ଜଗଦମ୍ବା, ସର୍ବଜନନୀ ମା' ଦୁର୍ଗାଙ୍କ ମହାସପ୍ତମୀ ଖୋର୍ଦ୍ଧା ସହରର ବିଭିନ୍ନ ପୂଜା ମଣ୍ଡପରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହେଉଛି । ଯା'ଦେବୀ ସର୍ବଭୁତେଷୁ ମାତୃ ରୂପେଣ ସଂସ୍ଥିତା, ନମସ୍ତସେ ନମସ୍ତ ସେ ନମଃ ନମଃ ଶ୍ଳୋକ ଉଚାରଣରେ ପୂଜା ମଣ୍ଡପ କମ୍ପମାନ ଦେଖାଯାଇଛି । ଦୀର୍ଘ ଦୁଇବର୍ଷ ପରେ ଏଭଳି ବାତାବରଣ ଦେଖାଯାଇଛି । ପ୍ରତି ପୂଜା ମଣ୍ଡପରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ପାଗ ଅନକୂଳ ଥିବାରୁ ହଜାର ହଜାର ସଂଖ୍ୟାରେ ଭକ୍ତ ମା'ଙ୍କ ଦର୍ଶନ କରିଥିବା ଦେଖାଯାଇଛି । ମହାସପ୍ତମୀ ଅବସରରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତୀ ବସିଥିବା ମଣ୍ଡପରେ ନବପତ୍ରିକା ପ୍ରବେଶ, ଚକ୍ଷୁଦାନ, ପୂଜା ଆରମ୍ଭ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥିବାବେଳେ ଆଶ୍ୱବାହାନ ଉପରେ ମା' ଧରାପୃଷ୍ଠକୁ ଅବତରଣ କରିଥିବା କୁହାଯାଉଛି । ହୁଳ ହୁଳି ସାଙ୍ଗକୁ ଘଂଟ,ଘଂଟି, ଶଙ୍ଖ, ହରିବୋଲ ହୁଳହଳି ପୂଜା ମଣ୍ଡପ ଉଛୁଳିଥିବା ଦେଖାଯାଇଥିବା ବେଳେ ଖୋର୍ଦ୍ଧା ସହରର ସର୍ବ ପୁରାତନ ତଥା ୯୭ବର୍ଷରେ ପଦାର୍ପଣ କରିଥିବା ଖୋର୍ଦ୍ଧା କ୍ଲବ ସର୍ବଜନନୀ ପୂଜା କମିଟି ପୂଜାମଣ୍ଡପ ଠାରେ ସଂନ୍ଧ୍ୟାରେ ବିପୁଳ ମହିଳା ଭକ୍ତଙ୍କୁ ଦେଖିବାକୁ ମିଳିଥିଲା ।ସେହିପରି ଅନ୍ୟତମ ପୂଜାମଣ୍ଡପ ପୁରୁଣା ଦମକଳ ଛକ ମଣ୍ଡପରେ ୧୯୫୨ମସିହାରେ ନିଷ୍ଠାର ସହିତ ମା' ଆଦିଶକ୍ତି ଜଗଦମ୍ବାଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି । ୧୯୭୨ ମସିହା ଠାରୁ କଂଟା ବଜାର ଦୂର୍ଗା ପୂଜା କମିଟି ମହାଆଡ଼ମ୍ବରେ ପୂଜା କରୁଥିବାବେଳେ ଗୁରୁଜଙ୍ଗସ୍ଥିତ ମାଳିସାହି ଛକରେ ମା'ଙ୍କ ପୂଜା ମଣ୍ଡପରେ ପୂଜା ଅବସରରେ ବେଶ ଗହଳି ଦେଖାଯାଇଛି ।


## ପାର୍ବଣ ରେ ଆକ୍ସନମୋଡରେ ପୁଲିସ

# ଅପରେସନ୍ ଦମନ ; ଅମାନିଆଙ୍କ କଟିଛି ୧୭ଲକ୍ଷ ୭୦ହଜାର ଚାଲାଣ

ଖୋର୍ଦ୍ଧା, (ସବ୍ୟୁ): ମଣ୍ଡପରେ ବିରାଜିଛନ୍ତି ମା' ଦୁର୍ଗା । ପାର୍ବଣ ଲାଗି ଜିଲ୍ଲା ପୁଲିସ ତତ୍ପରତା ଦେଖାଇଛି । ଅପରେସନ ଦମନ ଯୋଗେ ବିଭିନ୍ନ ସ୍ଥାନରେ ଚଢଉ କରି ସଫଳତା ପାଇଛି । ଅପରେସନ ଦମନ ଯୋଗେ ପୁଲିସ ନାକା ଚେକିଂ, ଗାଡି ଯାଂଚ, ଜାତୀୟ ରାଜପଥରେ ପାଟ୍ରୋଲିଂ, ଅପରାଧିଙ୍କୁ ନୋଟିସ୍, ୱାରେଂଟି ଗିରଫ, ଏନ୍‌ଡିପିଏସ୍ ମାମଲା, ମଦ ଜନିତ ମାମଲା, ଓପିଜି ଆକ୍ଟ ଉପରେ କାର୍ଯ୍ୟ କରିଛି । ଗତ ୧୩ ତାରିଖରୁ ପୁଲିସ ର ଅପରେସନ୍ ଦମନ୍ ଆରମ୍ଭ ହୋଇଥିବାବେଳେ ଏହା ୨୭ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ବିଭିନ୍ନ ସ୍ଥାନରେ ନାକା ଚେକିଂ କରିଛି । ପାର୍ବଣକୁ ନଜର ରେ ରଖି ବେଆଇନ ନିଶାକାରବାର ତଥା ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ଚେକିଂ କରାଯାଉଥିଲା । ଜିଲ୍ଲା ପୁଲିସ ପକ୍ଷରୁ ପରିବହନ କର୍ମଚାରୀଙ୍କ ସହ ମିଶି ବିଭିନ୍ନ ସ୍ଥାନରେ ନାକା ଚେକିଂ କରାଯାଇ ଅମାନିଆ ଗାଡି ଚାଳକଙ୍କୁ ସାବାଡ କରାଯାଇଛି । ଏହି ସମୟରେ ୧୯୮୨ଗାଡିକୁ ଯାଂଚ କରାଯାଇଛି ।ତନ୍ମଧ୍ୟରେ ୧୭ଲକ୍ଷ ୭୦ହଜାର ୫୦୦ଟଙ୍କାର ଚାଲାଣ କଟାଯାଇଛି । ୧୭ଟି ମୋଟରଯାନ କେଶ ପଞ୍ଜିକୃତ ହୋଇଛି । ଏଥିସହିତ ୫୨ଟି କେଶ ମଦ୍ୟପ ଗାଡିଚାଳକଙ୍କ ନାଁ ରେ କରାଯାଇଛି । ବିଏନ୍‌ଏସ୍ ୧୨୯ରେ ୧୮ଜଣଙ୍କୁ ନୋଟିସ୍ ଦିଆଯାଇଛି ।ଗାଡି ଯାଂଚବେଳେ ୫ଜଣ ୱାରେଂଟି ଧରା ହୋଇଥିବା କୁହାଯାଇଛି । ଆର୍ମସ ଆକ୍ଟରେ ଏକ ମାମଲା ରୁଜୁ ହୋଇଥିବାବେଳେ ୧ବନ୍ଧୁକ, ୧୫୦ଗ୍ରାମ ବାରୁଦ, ୧୩ପ୍ୟାକେଟ ବାଣ ପୁଲିସ ଜବତ କରିଛି । ବିସ୍ଫୋରକ ସମ୍ପର୍କିତ ୨ଟି ମାମଲା ହୋଇଛି । ଏଥିରେ ୭୩କେଜି ବିସ୍ଫୋରକ ଜବତ ହୋଇଥିବାବେଳେ ଏହାର ମୂଲ୍ୟ ୮୮ହଜାର ହେବ ବୋଲି କୁହାଯାଇଛି । ସେହିପରି ଅବକାରୀ ଧରପଗଡ ମାମଲା ୪୫ଟି ହୋଇଥିବାବେଳେ ୩୭୭.୪ଲିଟର ମଦ ପୁଲିସ ଜବତ କରିଛି । ୪୯ଜଣଙ୍କୁ ପୁଲିସ ଗିରଫ କରିଛି । ଏକ ଓପିଜି ମାମଲାରେ ନଗଦ ୭୬୪୦ଟଙ୍କା, ୩ଟି ବାଇକ୍ ଓ ୨୫୦ଟି ତାସ ପତା ଜବତ ହୋଇଛି । ଏହି ଧରପଗଡବେଳେ ୩୪ଜଣ ୱାରେଂଟିଙ୍କୁ ମଧ୍ୟ ପୁଲିସ ଗିରଫ କରିବାରେ ସଫଳ ହୋଇଛି ବୋଲି ଏକ ପ୍ରେସ୍ ବିବୃତି ରେ ଜିଲ୍ଲା ପୁଲିସ ପକ୍ଷରୁ କୁହାଯାଇଛି ।

# ଜାତୀୟ ପୁରସ୍କାର ପ୍ରାପ୍ତ ପ୍ରାମାଣିକ ଚିତ୍ର 'ମୋ ବୋଉ ମୋ ଗାଁ'

ଭୁବନେଶ୍ୱର (ସବ୍ୟୁ): ଫଚାବନ ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବା ପରେ ଏକସ୍ତରୀ ତମ ଜାତୀୟ ପୁରସ୍କାର ଉତ୍ସବରେ କିକସି ଡିକସି ଫିଲ୍ମ ଏବଂ ଆରଏନଭି ୧୮୨୦ ଫିଲ୍ମ ବ୍ୟାନର ରେ ପ୍ରସ୍ତୁତ ଏବଂ ସୁପ୍ରଭା ସାହୁଙ୍କ ପ୍ରଯୋଜିତ ଓଡ଼ିଆ ପ୍ରାମାଣିକ ଚଳଚ୍ଚିତ୍ର 'ମୋ ବୋଉ ମୋ ଗାଁ' ରଜତ କମଳ ପୁରସ୍କାର ଲାଭ କରିଛି । ଏହି ଅବସରରେ ଭୁବନେଶ୍ୱରର ଗୀତ ଗୋବିନ୍ଦ ସଦନରେ ଏକ ପ୍ରେସ ମିଟ ର ଆୟୋଜନ କରାଯାଇଥିଲା, ଯେଉଁଥିରେ ଚଳଚ୍ଚିତ୍ରର ନିର୍ମାତା ନିର୍ଦ୍ଦେଶକ, କଳାକାର ଓ ଟେକନିସିଆନ ଯୋଗ ଦେଇଥିଲେ । ଦିଲ୍ଲୀ ବିଜ୍ଞାନ ଭବନ ରେ ଅନୁଷ୍ଠିତ ଏକସ୍ତରୀ ତମ ରାଷ୍ଟ୍ରୀୟ ଚଳଚ୍ଚିତ୍ର ଉତ୍ସବ ରେ ମୋ ବୋଉ ମୋ ଗାଁ ର ନିର୍ଦ୍ଦେଶକ ତଥା ବଲିଉଡ ର ଅନ୍ୟତମ ଶ୍ରେଷ୍ଠ ଜାତୀୟ ପୁରସ୍କାର ପ୍ରାପ୍ତ ସାଉଣ୍ଡ ଇଂଜିନିୟର ତଥା ଫିଲ୍ମ ନିର୍ଦ୍ଦେଶକ ସୁବାସ ସାହୁ ମହାମହିମ ରାଷ୍ଟ୍ରପତି ଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ଉତ୍ସବ ରେ ମୋ ବୋଉ ମୋ ଗାଁ ର ପ୍ରଯୋଜିକା ସୁପ୍ରଭା ସାହୁ ମଧ୍ୟ ସମ୍ମାନିତ ହୋଇଥିଲେ । ଆଜିର ଦୁନିଆ ସଂସ୍କୃତି ପରମ୍ପରା ଗାଁ ଓ ବୋଉ ଠୁ ଦୁରେଇ ଯାଉଥିବା ବେଳେ ତାକୁ ଜାବୁଡି ଧରି ରଖିବାର ଏକ ପ୍ରୟାସ, ଏହି ଫିଲ୍ମ ଜରିଆରେ କରାଯାଇଛି, ଯେଉଁଥିରେ ଆମ ଅତୀତ ଆମ ଗାଁ ଗଣ୍ଡା ଦିସିବ, ବୋଉ ବୋଉ ଡାକ ଶୁଭିବ । ସଂସ୍କୃତି ଓ ପରମ୍ପରା କୁ ନିକଟରୁ ଜାଣିବାକୁ ମିଳିବ । ଏହି ସଂସ୍କୃତି, ପରମ୍ପରା ଓ ଗାଁ ର ମହାନତା କୁ ଉପସ୍ଥାପନା କରିବା ପାଇଁ ଦିନ କି ମାସ ନୁହେଁ ଅଠର ବର୍ଷର ସୁଟିଂ ଏବଂ ଦୁଇ ବର୍ଷର ପୋଷ୍ଟ ପ୍ରଡ଼କ୍ସନ ପାଇଁ ସମୟ ଲାଗିଛି । ୨୦୦୪ରୁ ଆରମ୍ଭ ହୋଇଥିବା ଏହି ଫିଲ୍ମର ସୁଟିଂ ୨୦୨୩ରେ ସମାପନ ହୋଇଥିଲା ।




# ବଡ଼ିଜୋନ ପକ୍ଷରୁ ୨୧ତମ ରାବଣପୋଡ଼ି ଉତ୍ସବ

ଖୋର୍ଦ୍ଧା, (ସବ୍ୟୁ): ପ୍ରତିବର୍ଷ ପରି ଚଳିତ ବର୍ଷ ଖୋରଧାର ଅଗ୍ରଣୀ ସାଂସ୍କୃତିକ ତଥା ସାମାଜିକ ବଡ଼ି ଜୋନ ଅନୁଷ୍ଠାନ ପକ୍ଷରୁ ୨୧ତମ ରାବଣ ପୋଡ଼ି ଉତ୍ସବ ସ୍ଥାନୀୟ ହାବେଳୀ ପଡ଼ିଆ ଠାରେ ଅନୁଷ୍ଠିତ ହେବ । ଚଳିତ ବର୍ଷ ରାବଣ ପୋଡ଼ି ଉତ୍ସବ ସମେତ ଦୁଇ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିଷ୍ପତି ନିଆଯାଇଛି । ୦୧ ଅକ୍ଟୋବର ୨୦୨୫ ସନ୍ଧ୍ୟା ୬ଘଟିକାରେ ସାଂସ୍କୃତିକ କାର୍ଯ୍ୟକ୍ରମ (ଷ୍ଟାର ନାଇଟ୍) ଅନୁଷ୍ଠିତ ହେବା ସହିତ ପବିତ୍ର ବିଜୟା ଦଶମି ୨ ତାରିଖ ସନ୍ଧ୍ୟା ୬ଘଟିକା ଠାରୁ ରାତ୍ର ୧୧ ଘଟିକା ପର୍ଯ୍ୟନ୍ତ ସୁନାମ ଧନ୍ୟ କ ଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ, ରାବଣ ପୋଡ଼ି ଓ ଆତସବାଜି କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସମ୍ପାଦକ ସୌମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି । ଦୁଇ ଦିନ ଧରି ଏହି କାର୍ଯ୍ୟକ୍ରମ ସନ୍ଧ୍ୟା ୬ଟାରୁ ଆରମ୍ଭ ହୋଇ ରାତ୍ର ୧୧ଟା ମଧ୍ୟରେ ସମାପ୍ତ କରିବାକୁ ଅନୁଷ୍ଠାନ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଛି ।

# ମନ୍ଦିର ତାଲା ଭାଙ୍ଗି ଚୋରି

ବାରଙ୍ଗ,(ସବ୍ୟୁ): ରବିବାର ବିଳମ୍ବିତ ରାତିରେ ତ୍ରିଶୂଳିଆ ବଜାର ନିକଟସ୍ଥ କୁହ୍ନେଇଁପଡା ମୌଜାରେ ଥିବା ରାମେଶ୍ୱରମନ୍ଦିରର କବାଟ ଭାଙ୍ଗି ଚୋରମାନେ ଅଳଙ୍କାର ଘଣ୍ଟ ଓ ପୂଜା ସାମଗ୍ରୀ ଆଦି ଚୋରୀ କରିନେଇଛନ୍ତି ।ଏହାସହ ମନ୍ଦିର ଆଗରେ ରହିଥିବା ଦାନବାକ୍ସକୁ ଭାଙ୍ଗି ତାଭିତରେ ଥିବା ଭକ୍ତମାନେ କରିଥିବା ଦାନ ନେଇଯାଇଛନ୍ତି । ସୋମବାର ଭୋର ସମୟରେପୂଜକ କେଶବ ଚନ୍ଦ୍ର କର ପୁଜା କରିବାକୁ ଆସିବା ବେଳେ ମନ୍ଦିର ଗେଟରେ ପଡ଼ିଥିବା ତାଲା ଭଙ୍ଗା ଯାଇଥିବାର ଦେଖି ମନ୍ଦିର କମିଟିକୁ ଜଣାଇଥିଲେ ।କମିଟିର କର୍ମକର୍ତ୍ତା ମାନଙ୍କଠାରୁ ଖବର ପାଇ ବାରଙ୍ଗଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଆଧାରରେ ତଦନ୍ତ ଆରମ୍ଭ କରିଛି ।







ନୟାପଲ୍ଲୀ


ବମିଖାଲ


ରସୁଲଗଡ


ସହିଦନଗର


ବରମୁଣ୍ଡା


ପଲାଶୁଣୀ

## ଦୈତନଗରୀରେ ୩୫୩ରୁ ଉର୍ଦ୍ଧ୍ୱ ମେଢ଼

# ଆଇନଶୃଙ୍ଖଳା ପାଇଁ ୯୭ ପ୍ଲାଟୁନ ଫୋର୍ସ, ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍

ଭୁବନେଶ୍ୱର, (ସବ୍ୟୁ) : ଚଳିତବର୍ଷ ଦୈତନଗରୀରେ ୩୫୩ରୁ ଉର୍ଦ୍ଧ୍ୱର୍ ଦୁର୍ଗାମେଢ ହୋଇଥିବା ବେଳେ ଆଇନଶୃଙ୍ଖଳା ପାଇଁ ୯୭ ପ୍ଲାଟୁନ ଫୋର୍ସ ଓ ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍ ମୁତୟନ ହୋଇଛନ୍ତି । ଏଥିସହ ଟ୍ରାଫିକ୍ ଓ ଫାୟାର ବ୍ୟବସ୍ଥା ଆବଶ୍ୟକ ଅନୁଯାୟୀ କରାଯାଇଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମିନା, ଟ୍ରାଫିକ୍ ଡିସିପି ତପନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ଭୁବନେଶ୍ୱରରେ ୧୯୩ଟି ମେଢ ହୋଇଥିବା ବେଳେ ସୁନା, ରୂପା ଓ ମୁକ୍ତା ଖଚିତ ୨୪ଟି ହୋଇଛି । ୭ଟି ସ୍ଥାନରେ ରାବଣ ପୋଡି ବ୍ୟବସ୍ଥା ଥିବାବେଳେ ୭ଟି ମୀନା ବଜାର ଆୟୋଜିତ ହୋଇଛି । ୫ଟି ମେଢର ଭସାଣି ଶୋଭାଯାତ୍ରା କରାଯିବ । ଏଥିପାଇଁ ୩ଜଣ ଡିସିପି, ଅତିରିକ୍ତ ଡିସିପି ୬, ଏସିପି ୧୨, ଇନ୍ସପେକଟର ୩୩, ଏସ୍ଆଇ/ଏଏସ୍ଆଇ ୧୭୨ଜଣ ନିୟୋଜିତ ବ୍ୟବସ୍ଥା ହୋଇଥିବା ବେଳେ ୩୮ ପ୍ଲାଟୁନ ଫୋର୍ସ ମୁତୟନ ରହିବେ । ୨୦ ପ୍ଲାଟୁନ ହୋମ୍‌ଗାର୍ଡ, ଓ୍ୱିମେନ କନଷ୍ଟେବଲ ୭୯, ସିଏପିଏଫ୍ ଏକ କମ୍ପାନୀ, ସ୍ପେଶାଲ ଟେକ୍ନିକାଲୟୁନିଟ୍ (ଏସ୍‌ଟିୟୁ) ଏକୟୁନିଟ୍, ବମ୍ ଡିଟେକ୍‌ସନ ସ୍କ୍ୱାଡ୍ ମୁତୟନ ରହିବେ ବୋଲି ସାମ୍ବାଦିକ ସମ୍ମିଳନୀରୁ ସୂଚନା ମିଳିଛି । ଆବଶ୍ୟକ ଅନୁଯାୟୀ ଫେୟାର କମାଣ୍ଡୋ, ମେଡିକାଲ ଟିମ୍ ବ୍ୟବସ୍ଥା କରାଯାଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି ହେବ । ଆଣ୍ଟି ଟେରେରିଷ୍ଟ ସ୍କ୍ୱାଡ୍ କେତେ ମୁତୟନ ହେବେ ସୁରକ୍ଷା ଦୃଷ୍ଟିରୁ ତାହା ସ୍ପଷ୍ଟ କରାଯାଇ ନଥିବା ବେଳେ ସେମାନେ ନିୟୋଜିତ ରହିବେ ବୋଲି ସୂଚନା ମିଳିଛି ।

ସେହିପରି କଟକରେ ୧୬୦ଟି ମଣ୍ଡପ ହୋଇଥିବା ବେଳେ ସୁନାରୂପା ମେଢ ଯେଉଁଠାରେ ହୋଇଛି ସେଠାରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଦୁଇଜଣ ଡିସିପି, ୧୧ ଅତିରିକ୍ତ ଡିସିପି, ୪୮ ଏସିପି, ୬୯ ଇନ୍ସପେକଟର, ଏସ୍ଆଇ/ଏଏସ୍ଆଇ ୪୭୦ ମୁତୟନ ରହିବା ସାଙ୍ଗକୁ ସେମାନଙ୍କ ସହ ୫୯ ପ୍ଲାଟୁନ ଫୋର୍ସ ନିୟୋଜିତ ରହିବେ ବୋଲି ସାମ୍ବାଦିକ ସମ୍ମିଳନୀରୁ ସୂଚନା ମିଳିଛି । ଏମାନଙ୍କ ସହ ୧୨୫ ହାବିଲଦାର, ଟ୍ରାଫିକ / ଓଆର୍ / ଏପିଆର୍ କନଷ୍ଟେବଲ ୧୧୩୨ଜଣ ମୁତୟନ ରହିବେ । ୮୩୧ ହୋମ୍‌ଗାର୍ଡଙ୍କ ସାଙ୍ଗକୁ ୭୦ କନଷ୍ଟେବଲ, ସିଏପିଏଫ୍ ୩ କମ୍ପାନୀ, ସ୍ପେଶାଲ ଟେକ୍ନିକାଲୟୁନିଟ୍ (ଏସ୍‌ଟିୟୁ) ଏକୟୁନିଟ୍, ବମ୍ ଡିଟେକ୍‌ସନ ସ୍କ୍ୱାଡ୍ ମୁତୟନ ରହିବେ । ଏମାନଙ୍କ ସହ ଆବଶ୍ୟକ ଅନୁଯାୟୀ ଫାୟାର କମାଣ୍ଡୋ ଓ ମେଡିକାଲ ଟିମ୍ ବୋଲି ପୋଲିସ କହିଛି ।

ଆଇନଶୃଙ୍ଖଳା ପାଇଁ ଏହିସବୁ ବ୍ୟବସ୍ଥା କମିଶନରେଟ୍ ପୋଲିସ ପକ୍ଷରୁ କରାଯାଇଥିବା ବେଳେ ସିସି କ୍ୟାମେରା, ଏଆଇ କ୍ୟାମେରା, ଡ୍ରୋନ୍ ପ୍ରଭୃତିର ବ୍ୟବସ୍ଥା ଦୈତନଗରୀ ପୂଜାମଣ୍ଡପ ନିକଟରେ କରାଯାଇଛି । ମୁଖ୍ୟତଃ ଟ୍ରାଫିକ୍ ନିୟନ୍ତ୍ରଣରେ ହୋମ୍‌ଗାର୍ଡ ଓ ଟ୍ରାଫିକ୍ କନଷ୍ଟେବଲ ନିୟୋଜିତ ରହିବେ । ଲୋକଙ୍କ ଯାତାୟାତ ସୁରକ୍ଷିତ ଭାବେ ହେବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଛି । ଏଥିସହ ନିର୍ଦ୍ଧାରିତ ପାର୍କିଂପ୍ଲେସ୍‌ରେ ଗାଡି ମୋଟର ରଖିବା ପାଇଁ ପୋଲିସ କହିଛି । ପୂଜା ଓ ଭସାଣି ଶାନ୍ତିଶୃଙ୍ଖଳାର ସହ କିପରି ଶେଷ ହେବ କମିଶନରେଟ୍ ପୋଲିସ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି ।

## ଆଜି ମହାଷ୍ଟମୀ ମଣ୍ଡପରେ ହେବ ଭିଡ

କଟକ, (ସବ୍ୟୁ) ଦୁଲୁକୁଛି ଐତିହାସିକ ରୌପ୍ୟନଗରୀ । ଝଟକୁଛି ମହାମାୟୀଙ୍କ ମଣ୍ଡପ । ଆକାଶ, ପାଣି ଓ ପବନରେ ଆଧ୍ୟାତ୍ମିକତାର ମହକ । ୧୭୦ଟି ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଉଛି । ଏଥର ଚାନ୍ଦି ମେଢ଼ ସଂଖ୍ୟା ୩୭ ରେ ପହଞ୍ଚିଛି । ୧୨୦ କ୍ୱିଣ୍ଟାଲରୁ ଅଧିକ ଓଜନର ଚାନ୍ଦି ବ୍ୟବହାର ହୋଇଥିବା ବେଳେ ୯ଟି ମେଢ଼ରେ ପ୍ରାୟ ୯୭କେଜିରୁ ଅଧିକ ଓଜନର ସୁନା ଅଳଙ୍କାର ବ୍ୟବହୃତ ହୋଇଛି । ସହରରେ ନିର୍ମିତ ମେଢ଼ ଗୁଡ଼ିକ ସୁନା-ଚାନ୍ଦି ଅଳଙ୍କାରରେ ଝଲସି ଉଠୁଛି । ଷଷ୍ଠୀରେ ବିଲ୍ୱବରଣୀ ପରେ ଆଜି ମହାସପ୍ତମୀରେ ମା'ଙ୍କ ଚକ୍ଷୁଦାନ କରାଯାଇଥିଲା । ମଙ୍ଗଳବାର ମହାଷ୍ଟମୀରେ ସନ୍ଧିପୂଜା କରାଯିବ । ବ୍ରତଧାରୀମାନେ ମଣ୍ଡପରେ ଭିଡ ଜମାଇବେ ।

# ଆପୋଲୋ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ବିଶ୍ୱ ହୃଦୟ ଦିବସ

ଭୁବନେଶ୍ୱର, (ସବ୍ୟୁ): ଆପୋଲୋ ହସ୍ପିଟାଲ୍ସ ଭୁବନେଶ୍ୱର ମୁଖ୍ୟ ବ୍ଲକ ଲବିରେ ଏକ ଉତ୍ସର୍ଗୀକୃତ ସଚେତନତା କାର୍ଯ୍ୟକ୍ରମ ସହିତ ବିଶ୍ୱ ହୃଦୟ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ହୃଦ୍‌ରୋଗ ବିଷୟରେ ସଚେତନତା ବୃଦ୍ଧି କରିବା ସହିତ ସମୟୋଚିତ ଚିକିତ୍ସା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିରେ ପ୍ରମୁଖ ଚିକିତ୍ସା ବିଶେଷଜ୍ଞ ଏବଂ ହୃଦ୍‌ରୋଗ ବିଶେଷଜ୍ଞମାନେ ଯୋଗଦେଇ ହୃଦରୋଗର ପ୍ରାରମ୍ଭିକ ଯତ୍ନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ବରିଷ୍ଠ ହୃଦରୋଗ ପରାମର୍ଶଦାତା ଏବଂ ଇଣ୍ଟରଭେନସନାଲ୍ କାର୍ଡିଓଲୋଜି ନିର୍ଦ୍ଦେଶକ ଡକଟର ପ୍ରଶାନ୍ତ କୁମାର ସାହୁ, ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡକଟର ବ୍ରଜରାଜ, ଡକଟର ରଘୁନାଥ ମହାପାତ୍ର, ଭାସ୍କୁଲାର ସର୍ଜରୀ ପରାମର୍ଶଦାତା ଡକଟର ଗୋବିନ୍ଦ ପ୍ରସାଦ ନାୟକ, ପରାମର୍ଶଦାତା ଡକଟର ପ୍ରିୟବ୍ରତ ସାହୁ, ଡକଟର ବ୍ୟୋମେକେଶ ଦୀକ୍ଷିତ, ଡକଟର ସନ୍ଦୀପ ମହାନ୍ତି, ଥୋରାସିକ୍ ସର୍ଜରୀ ଡକଟର ସତ୍ୟଜିତ ସାହୁ ପ୍ରମୁଖ ଯୋଗଦେଇ ହୃଦୟର ସୁରକ୍ଷା ଓ ତାହାର ଯନି ଉପରେ ବକ୍ତବ୍ୟ ରଖିବା ସହିତ । କାର୍ଯ୍ୟକ୍ରମରେ ହସ୍‌ପିଟାଲର ସିଓଓ ଡାକ୍ତର ଆଲୋକ ଶ୍ରୀବାସ୍ତବ ଯୋଗଦେଇ ଡୋଣ୍ଟ ମିସ୍ ଏ ବିଟ୍ ଉପରେ ଆଲୋକପାତ




ଛାତି ଯନ୍ତ୍ରଣା, ଧଡ଼ଧଡ଼, ମୁଣ୍ଡ ବୁଲାଇବା, ଶ୍ୱାସକ୍ରିୟା କମ୍‌ହେବା କିମ୍ବା ହଠାତ ଦୁର୍ବଳତା ଭଳି ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଚିହ୍ନଟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସୁସ୍ଥ ଜୀବନଶୈଳୀ, ନିୟମିତ ଡାକ୍ତରୀ ସ୍କ୍ରିନିଂ ଏବଂ ସମୟୋଚିତ ମୂଲ୍ୟାଙ୍କନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ କରିଥିଲେ । ଏହି ଅବସରରେ ଏକ ବିଶେଷ କାର୍ଯ୍ୟରେ ହସ୍‌ପିଟାଲକୁ ଆସିଥିବା ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ଆପୋଲୋର ସିଓଓ ଡାକ୍ତର ଆଲୋକ ଶ୍ରୀବାସ୍ତବ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ହୃଦରୋଗ ବିଶେଷଜ୍ଞ, ନର୍ସ ଓ କର୍ମଚାରୀମାନେ ଯୋଗ ଦେଇଥିଲେ ।

## ପୂର୍ଣ୍ଣିମା ଫାଉଣ୍ଡେସନ ପକ୍ଷରୁ

# ଇଂ ଗୋପାଳକୃଷ୍ଣ ବେହେରାଙ୍କ ୮୬ତମ ଜନ୍ମଦିନ ପାଳନ

କଟକ (ସବ୍ୟୁ): ପ୍ରାକ୍ତନ ପୂର୍ତ୍ତ ସଚିବ ତଥା ବିଶିଷ୍ଟ ସମାଜସେବୀ ଇଂ ଗୋପାଳକୃଷ୍ଣ ବେହେରାଙ୍କ ୮୬ତମ ଜୟନ୍ତୀ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପୂର୍ଣ୍ଣିମା ଫାଉଣ୍ଡେସନ ପକ୍ଷରୁ



ମହାନଦୀ ବିହାର ଠାରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ସଂପାଦକ ଇଂଜିନିୟର ଆଲୋକ ଭୂୟାଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ବାଦ କଟକ ସଂସ୍କରଣର ମୁଖ୍ୟ କୃଷ୍ଣପ୍ରସାଦ ଦାସ, ଅନୁଷ୍ଠାନର ସଭାପତି ଇଂ ପ୍ରମୋଦ କୁମାର ନାୟକ, ମହାନଦୀ ବିହାର ପେନସନରସ୍ ଆସୋସିଏସନର ସଭାପତି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ ଓ ସମ୍ପାଦକ ପ୍ରମୋଦ କୁମାର ଦାସ, ମହାନଦୀ ବିହାର ଉନ୍ନୟନ ପରିଷଦର ସଭାପତି ସଞ୍ଜୟ କୁମାର ଜେନା, ଶ୍ରୀଜଗନ୍ନାଥ ସଂସ୍କୃତିକ ପରିଷଦର ସଭାପତି ଚତୁର୍ଭୁଜ ମହାପାତ୍ର ଓ କାର୍ଯ୍ୟକାରୀ ସଭାପତି ପ୍ରହଲ୍ଲାଦ ମହାନ୍ତି ,ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇ, ଶିଖରପୁର ଗଣ୍ଡରପୁର ମହାନଦୀବିହାର ପୂଜା କମିଟିର ଉପସଭାପତି ବିଚିତ୍ରାନନ୍ଦ ପଣ୍ଡା,ସମାଜସେବୀ ରବିନାରାୟଣ ଶତପଥୀ,ଶିକ୍ଷାବିତ ଡଃ କମଳ ପ୍ରସାଦ ମହାନ୍ତି, ପ୍ରମୋଦ କୁମାର ଷଡଙ୍ଗୀ,ପ୍ରକାଶ ନାୟକ,ଇଂ ମୁରଲୀଧର ହୋତା, ସଞ୍ଜୟ କୁମାର ସାମନ୍ତରାୟ ସୁଜିତ ଘୋଷ,ସରୋଜ ସ୍ୱାଇଁ,ଶରତ ଚନ୍ଦ୍ର ପାଣି,ମାନବେଶ୍ ରାୟ,ଶଶିକାନ୍ତ ନାୟକ, ରାକେଶ ତ୍ରିପାଠୀ,ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା,ଶରତ ଚନ୍ଦ୍ର ଦାସ, ନିକୁଞ୍ଜ ରଥ,ଶରତ ଚନ୍ଦ୍ର କୁଣ୍ଡୁ,ଅଭୟ ପରିଜା,ଅନୁଷ୍ଠାନର କର୍ମକର୍ତ୍ତା ଇଂଜିନିୟର ଦେବୀ ପ୍ରସାଦ ନନ୍ଦ, ଜନ୍ମେଜୟ ପାତ୍ର, ଅନିଲ କୁମାର ନାୟକ ପ୍ରମୁଖ ଇଂଜିନିୟର ବେହେରାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କ ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଇଂଜିନିୟର ନରେନ୍ଦ୍ର ନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣ୍ଡପଡ଼ା ଅଞ୍ଚଳରେ ମା ଦୁର୍ଗାଙ୍କ ପୂଜା ଉତ୍ସବ

ଖଣ୍ଡପଡ଼ା,(ସବ୍ୟୁ): ଖଣ୍ଡପଡ଼ା ସହର ସମେତ ଖଳିସାହି,ମର୍ଦ୍ଦରାଜପୁର,ବେଣାଗାଡିଆ,ବାହାଡା,ଶିଖରପୁର, ସିଧାମୂଳା ଓ ଆଖପାଖ ଅଞ୍ଚଳରେ ଜଗତଜନନୀ ମା ଦୁର୍ଗାଙ୍କର ପୂଜା ଉତ୍ସବ ସୋମବାର ଠାରୁ ଆରମ୍ଭ ହୋଇଛି ।ଖଣ୍ଡପଡ଼ା ସହରର ସର୍ବପୁରାତନ ତଳସାହି ଦୁର୍ଗା ପୂଜା କମିଟି ପକ୍ଷରୁ ମା' ଙ୍କ ର ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବା ବେଳେ ଖଳିସାହି ଗ୍ରାମର ଲକ୍ଷ୍ମୀ ବଜାର, ଦୁର୍ଗା ବଜାର, ରନିପୁର ସାହି,ଗଉଡସାହି କାର୍ତ୍ତିକ ବଜାରସ୍ଥିତ ପୂଜାମଣ୍ଡପରେ ମା ଦୁର୍ଗାଙ୍କର ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି । ମା ଙ୍କର ପୂଜା ଉତ୍ସବ ଯୋଗୁଁ ଖଳିସାହି ଗ୍ରାମ ଉତ୍ସବମୁଖର ହୋଇ ଉଠିଛି । ରଙ୍ଗିନ ଆଲୋକମାଳାରେ ପୂଜାମଣ୍ଡପ ଓ ତୋରଣ ଗୁଡିକ ଝଲସି ଉଠୁଛି । ମା' ଙ୍କ ସନ୍ଧ୍ୟା ଆଳତି ଦର୍ଶନ ସହ ମା ଙ୍କ ନିକଟରେ ଭୋଗଲାଗି ନିମନ୍ତେ ପୂଜା ମଣ୍ଡପ ଗୁଡିକ ନିକଟରେ ଜନସାଧାରଣଙ୍କ ଭିଡ ପରିଲକ୍ଷିତ ହେଉଛି ।ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଖଣ୍ଡପଡ଼ା ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ଜଣାପଡିଛି । ଏସଡିପିଓ ମଦନ ମୋହନ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ ବିଭିନ୍ନ ପୂଜାମଣ୍ଡପ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି ।ଦୁର୍ଗା ପୂଜା କମିଟି ଗୁଡିକ ପକ୍ଷରୁ ବିଭିନ୍ନ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ସୂଚନା ମିଳିଛି ।

## ନଗସପୁରଠାରେ ତୃତୀୟ ଶ୍ରାଦ୍ଧ ବାର୍ଷିକୀ

# ଜୟନ୍ତୀ ପଟ୍ଟନାୟକ ଥିଲେ ଜଣେ ସଫଳ ଜନନେତ୍ରୀ

ନେମାଳ, (ସବ୍ୟୁ): ସାଧାରଣ ଜନଗଣଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ଲଢେଇ କରିବା ପୂର୍ବତନ ଲୋକସଭା ସଦସ୍ୟା ସ୍ୱର୍ଗୀୟା ଜୟନ୍ତୀ ପଟ୍ଟନାୟକଙ୍କର ରାଜନୀତିକ ଆଦର୍ଶ ଥିଲା ବୋଲି କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ପ୍ରକାଶ କରିଛନ୍ତି। କଟକ ଜିଲ୍ଲା ନଗସପୁରସ୍ଥ ଜୟନ୍ତୀ ବିଦ୍ୟାପୀଠ ପରିସରରେ ଆଜି ପୂର୍ବାହ୍ନରେ ଆୟୋଜିତ ଜୟନ୍ତୀ ପଟ୍ଟନାୟକଙ୍କ ତୃତୀୟ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ପଟ୍ଟନାୟକ ନିଜ ସ୍ୱର୍ଗୀୟା ମା'ଙ୍କର ସ୍ମୃତି ଚାରଣ କରି ଲୋକକଲ୍ୟାଣ କ୍ଷେତ୍ରରେ ତାଙ୍କର ଅଦମ୍ୟ ନିଷ୍ଠା ସଂପର୍କରେ ଅବତାରଣା କରିଥିଲେ।

ଜୟନ୍ତୀ ବିଦ୍ୟାପୀଠର ପ୍ରତିଷ୍ଠାତା ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ କଂଗ୍ରେସ ନେତା ନାରାୟଣ ଦ୍ୱିବେଦୀ, ସାଲେପୁର ବ୍ଲକର ପ୍ରାକ୍ତନ ଚେୟାରମ୍ୟାନ୍ ରବୀନ୍ଦ୍ର କର, କଂଗ୍ରେସ ନେତା ବାଙ୍କନିଧି ବେହେରା, କଂଗ୍ରେସ ନେତା ସୁଧୀର କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜୟନ୍ତୀ ପଟ୍ଟନାୟକଙ୍କ ରାଜନୀତିକ ଦକ୍ଷତାର ବିଭିନ୍ନ ଦିଗ ସମ୍ପର୍କରେ ନିଜ ନିଜର ଅଭିଜ୍ଞତାରୁ ଆଲୋଚନା କରିଥିଲେ। ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ହୋତା ପ୍ରାରମ୍ଭିକ ସୂଚନା ଓ ବିଦ୍ୟାପୀଠରେ ପ୍ରାକ୍ତନ ଛାତ୍ର ଆଇନଜୀବୀ ଇଂ ଆକାଶ ଭୂୟାଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ




ପ୍ରଧାନଶିକ୍ଷକ ସୁଧୀର ଚନ୍ଦ୍ର ଷଡ଼ଙ୍ଗୀ, ଅବସରପ୍ରାପ୍ତ ବ୍ଲକ୍ ଶିକ୍ଷାଧିକାରୀ ଅନନ୍ତ କିଶୋର ଭୂୟାଁ, ଟହଲି ସେଠୀ,କବି ବଟକୃଷ୍ଣ ସ୍ୱାଇଁ,କବି କାର୍ତ୍ତିକ ଚନ୍ଦ୍ର ଦାସ,କବି ପ୍ରଫୁଲ୍ଲ କୁମାର ଷଡଙ୍ଗୀ, ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ, ସାମ୍ବାଦିକ ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ସାମ୍ବାଦିକ ବିନୟ କୁମାର ଦାସ, ସାମ୍ବାଦିକ କ୍ଷମାନିଧି ପୂଝାରୀ, ସମାଜସେବୀ ଅକ୍ଷୟ କୁମାର ସାହୁ, ମହମ୍ମଦ ସମିମ୍ ପ୍ରମୁଖ ବକ୍ତୃତା ଦେଇ ଜନନେତ୍ରୀ ଜୟନ୍ତୀ ପଟ୍ଟନାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ବିଦ୍ୟାପୀଠ ପରିସରରେ ଅବସ୍ଥିତ ଜୟନ୍ତୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶିକ୍ଷକ ଶକ୍ତି ପ୍ରସାଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ।

# ମା' ଙ୍କ ପୂଜା ମଣ୍ଡପ ପରିଦର୍ଶନ କଲେ ମନ୍ତ୍ରୀ



ବ୍ରହ୍ମପୁର, (ସବ୍ୟୁ) : ଗୋସାଇଁନୂଆଗାଁ ବଡ଼ ସାହି ସ୍ଥିତ ଶ୍ରୀଶ୍ରୀ ଶ୍ରୀ ମାଁ କାଲୁଆଙ୍କୁ ଦର୍ଶନ କରିବା ପାଇଁ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଅସ୍ଥାୟୀ ମଣ୍ଡପରେ ପହଞ୍ଚି ମାଁ କାଲୁଆଙ୍କ ଆଶିର୍ବାଦ ନେବା ସହ ଜଗତର କଲ୍ୟାଣ ପାଇଁ କାମନା କରିଛନ୍ତି । କାଲୁଆ ପୂଜା କମିଟି ସଭାପତି ଜଗନ୍ନାଥ ଚୌଧୁରୀ, ରିଟୁ ପଣ୍ଡା, ଶ୍ରୀକାନ୍ତ ସାହୁ, ଶିଶିର ପଣ୍ଡା, ସୁଶାନ୍ତ କୁମାର ପାତ୍ର, ଜୟକୃଷ୍ଣ ମିଶ୍ର, ରାଜେନ୍ଦ୍ର ପାଣିଗ୍ରାହୀଙ୍କ ସମେତ ବହୁ ଗ୍ରାମବାସୀ ମାନ୍ୟବର ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ପାଛୋଟି ନେବା ସହ ଉପଢ୍ୌକନ ଦେଇ ସମ୍ମାନିତ କରିଥିଲେ । ଏହାପରେ ମନ୍ତ୍ରୀ ଶ୍ରୀ ଜେନା ବିଜିପୁର ସ୍ଥିତ ଦୁର୍ଗା ପୂଜା ମେଢ଼ ଦର୍ଶନ କରିଥିଲେ । ପରେ ମାନ୍ୟବର ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର, ବିଜେପିର ବରିଷ୍ଠ ନେତା ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ପ୍ରମୁଖ ଗାନ୍ଧୀନଗର ସ୍ଥିତ ଦୁର୍ଗା ପୂଜା ଟାଟାବେଞ୍ଜ ସ୍ଥିତ ଦୁର୍ଗା ପୂଜା ମେଢ଼ ଦର୍ଶନ କରି ମାଁ ଦୂର୍ଗାଙ୍କ ଆଶିଷ ଭିକ୍ଷା ଲାଭ କରିଥିଲେ । ପରେ କମାପଲ୍ଲୀ ଦୁର୍ଗା ପୂଜା ମେଢ଼ ଦର୍ଶନ କରିଥିଲେ । ସାଥିରେ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ଉପସଭାପତି ଗଙ୍ଗାଧର ଶତପଥୀ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ଚୌଧୁରୀ, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ବି.ରବି ରାଓ, ସମ୍ପାଦକ କିଶୋର କୁମାର ସାହୁ, ସଞ୍ଜୟ କୁମାର ଦାସ, କୃଷ୍ଣ ପଲାଇ, ନୀଳକ= ବେହେରା, ଶ୍ରୀଧର ପାଳ ପ୍ରମୁଖଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ୫୨ନଂ ୱାର୍ଡରେ ସଫେଇ କର୍ମୀଙ୍କୁ ସମ୍ବର୍ଦ୍ଧନା

କଟକ, (ସ୍ୱପ୍ର) : ସଫେଇ କର୍ମଚାରୀ ହେଉଛନ୍ତି ସମାଜର ଜଣେ ଜଣେ ଆଗଧାଡିର ଯୋଦ୍ଧା । ସେମାନଙ୍କ ମୁହଁରେ ହସ ଟିକିଏ ଫୁଟାଇବା ସହିତ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ୫୨ନଂୱାର୍ଡ କର୍ପୋରେଟର ସୌଭାଗିନୀ ଜେନା ନିଆରା ପ୍ରୟାସ କରିଛନ୍ତି । ଶାରଦୀୟ ଦୁର୍ଗାପୂଜା ଅବସରରେ ସୋମବାର ୱାର୍ଡର ରାଜେନ୍ଦ୍ରନଗର ଠାରେ କର୍ପୋରେଟର ଶ୍ରୀମତୀ ଜେନା ୱାର୍ଡରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କରିବା ସହ ନୂତନ ବସ୍ତ୍ର ପ୍ରଦାନ କରିଛନ୍ତି । ୱାର୍ଡକୁ ସ୍ୱଚ୍ଛ, ସୁନ୍ଦର କରିବା ସହିତ ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ



କରିବାକୁ କର୍ପୋରେଟରଙ୍କ ଏପରି ନିଆରା ଉଦ୍ୟମକୁ ୱାର୍ଡବାସୀ ପ୍ରଶଂସା କରିଛନ୍ତି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାହିର ମୂରବୀ, ମହିଳା ଓ ଯୁବବର୍ଗ ମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ୨ ଦିନିଆ ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ ଆଧାରିତ କାର୍ମଶାଳା




ବାରିପଦା, (ସବ୍ୟୁ) : ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜ ଆନୁକୂଲ୍ୟରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ କାର୍ମଶାଳା ଅଧକ୍ଷ ପ୍ରମୋଦ କୁମାର ଡାକୁଆଙ୍କର ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମୟୂରଭଂଜ ବିନୋଦ ସିଂ, ପ୍ରତିଷ୍ଠାନର ପୂର୍ବତନ ଅଧକ୍ଷ ଅନାଦି ଚରଣ ବିନ୍ଧାଣୀ, ପ୍ରତିଷ୍ଠାନର ଆକଳନ ସେଲର ମୁଖ୍ୟ ଅଭିମନ୍ୟୁ ବେହେରା, ସମସ୍ତ ଶିକ୍ଷକ ପ୍ରଶିକ୍ଷକ/ପ୍ରଶିକ୍ଷକା ଯୋଗଦାନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଏହା ୪ ଡିସେମ୍ବର ୨୦୨୪ରେ ଅନୁଷ୍ଠିତ ହୋଇଥିବା ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣରେ ତୃତୀୟ, ଷଷ୍ଠ, ନବମ ଶ୍ରେଣୀର ଭାଷା, ଗଣିତ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ବିଷୟରେ ମୟୂରଭଞ୍ଜ ଜିଲ୍ଲାର ପ୍ରଦର୍ଶନ ତଥା ଶିକ୍ଷଣ ଫଳାଫଳକୁ ବିଶ୍ଳେଷଣ କରି ଆଲୋଚନା କରାଯାଇଥିଲା । ଏହି କର୍ମଶାଳାରେ ଆଗାମୀ ଦିନରେ ହେବାକୁ ଥିବା ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣରେ ଛାତ୍ରଛାତ୍ରୀ ମାନେ କିଭଳି ଉନ୍ନତ ପ୍ରଦର୍ଶନ କରିବେ ସେଥିପାଇଁ ଜିଲ୍ଲାସ୍ତରୀୟ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାକୁ ସାଧନକର୍ମୀ ତଥା ଶିକ୍ଷକ ପ୍ରଶିକ୍ଷକ ଆଶିଷ କୁମାର ଦାସ ମହାପାତ୍ର, ସାଗର କୁମାର ଦଳନାଏକ, ହରପ୍ରିୟା ନାୟକ, ରୂପାଲି ରଚନା ପାତ୍ର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ୨ଜଣ ଲେଖାଏଁ ମୋଟ ୫୨ଜଣ ଜିଲ୍ଲା ସାଧନ କର୍ମୀ ଯୋଗଦାନ କରିଥିଲେ ।

# ଦକ୍ଷିଣ ଓଡିଶାରେ ବିଦ୍ୟୁତ୍ ସେବା କ୍ଷେତ୍ରରେ ପରିବର୍ତ୍ତନ ଆଣିଛି ଟିପିଏସ୍ଓଡିଏଲ୍



ବ୍ରହ୍ମପୁର, (ସବ୍ୟୁ): ଦକ୍ଷିଣ ଓଡ଼ିଶାର ଦୁର୍ଗମ ଅଞ୍ଚଳରେ, ଯେଉଁଠାରେ ଜନଜାତିବହୁଳ ଅଞ୍ଚଳ ବିକାଶୋନ୍ମୁଖୀ ସହରାଞ୍ଚଳ ସହ ମିଶୁଛି ସେଠାରେ ବିଦ୍ୟୁତ ବିତରଣ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏସ୍ଓଡିଏଲ୍) । ବିଦ୍ୟୁତ ସେବା କ୍ଷେତ୍ରରେ ଡ୍ରୋନ୍ ଟେକ୍ନୋଲୋଜିକୁ ବ୍ୟବହାର କରିବା ସହିତ ସ୍କାଡା ଟେକ୍ନୋଲୋଜିକୁ ଆପଣାଇ ଦୈନନ୍ଦିନ ପରିଚାଳନାରେ ସଠିକତା ଓ ଦକ୍ଷତାକୁ ସୁନିଶ୍ଚିତ କରିଛି ଟିପିଏସ୍ଓଡିଏଲ୍ । ଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର ଫଳରେ ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ବିନା କୌଣସି ବାଧାରେ ବିଦ୍ୟୁତ ବିତରଣ ବ୍ୟବସ୍ଥା ନୀରିକ୍ଷଣ କରିବା ହୋଇପାରିଛି ଆହୁରି ସହଜ । ସେହିପରି ଟିପିଏସ୍ଓଡିଏଲର ଛଅଟିଯାକ ସର୍କଲରେ ସ୍କାଡା ଟେକ୍ନୋଲୋଜିକୁ ଆପଣାଇବା ଫଳରେ ପିଏସସିସି ଓ ଏପିଏସସିସି ମାଧ୍ୟମରେ ବିଦ୍ୟୁତ ସମ୍ବନ୍ଧୀୟ ଯେକୌଣସି ତ୍ରୁଟିକୁ ସଠିକ୍ ସମୟରେ ଚିହ୍ନଟ କରାଯିବା ସାଙ୍ଗକୁ ତାର ସମାଧାନ ମଧ୍ୟ କରାଯାଇପାରୁଛି । ଏଥିସହିତ କମ୍ପାନୀ ତରଫରୁ ୮ଟି ଜିଲ୍ଲାରେ ଜିଆଇଏସ୍ ସିଷ୍ଟମ ଦ୍ୱାରା ଏହାର ବିଦ୍ୟୁତ ବିତରଣ ନେଟୱାର୍କକୁ ମ୍ୟାପିଂ କରାଯାଇଛି । ଯାହା ବିଦ୍ୟୁତ ଭିତ୍ତିଭୂମିର ଏକ ସ୍ପଷ୍ଟ ଚିତ୍ର ଦର୍ଶାଇଥାଏ । ବାଣିଜ୍ୟିକ ସେବାରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଆସିପାରିଛି । ତୁରନ୍ତ ବିଦ୍ୟୁତ ବିଲର ସଂଶୋଧନ, ଏଆଇ ଦ୍ୱାରା ମିଟର ରିଡିଂ ଏବଂ ଡିଜିଟାଲ ମାଧ୍ୟମରେ ଅଭିଯୋଗ ପଞ୍ଜିକରଣ ଓ ଟ୍ରାକିଂ ଭଳି ବ୍ୟବସ୍ଥା କମ୍ପାନୀ ତରଫରୁ କରାଯାଇଛି ଯାହା ବିଦ୍ୟୁତ ସେବା କ୍ଷେତ୍ରରେ ଅଧିକ ସ୍ୱଚ୍ଛତା ଓ ଦାୟିତ୍ୱବୋଧତା ଆଣିଛି । ଟିପିଏସ୍ଓଡିଏଲ୍ ସହିତ ଗ୍ରାହକମାନଙ୍କର ଯୋଗାଯୋଗ ଆହୁରି ସହଜ ଓ ସୁବିଧାଜନକ ହୋଇପାରିଛି । ବହୁଭାଷୀ କଲ୍ ସେଣ୍ଟର, ଗ୍ରାହକ ସମ୍ପର୍କ କେନ୍ଦ୍ର (ସିଆରସି), ଡିଜିଟାଲ ଆପ୍ ଏବଂ ମାତ୍ର ଗୋଟିଏ ମିସ୍ଡ କଲ୍ ଜରିଆରେ ଗ୍ରାହକମାନେ ଏନପିଏସ୍ (ନୋ ପାଓ୍ୱାର ସପ୍ଲାଏ) ନମ୍ବର ଦ୍ୱାରା ବିଦ୍ୟୁତ ସେବା ବିଚ୍ଛିନ୍ନ ହେବାର କାରଣ ଓ ସ୍ଥିତି ସ୍ୱାଭାବିକ ହେବାର ସମୟ ଜାଣି ପାରୁଛନ୍ତି । କମ୍ପାନୀ ତରଫରୁ ପ୍ରଚଳିତ ଏଆଇ ଚାଟ୍ ବଟ୍ ଜରିଆରେ ମଧ୍ୟ ଉପଭୋକ୍ତାମାନେ ମଧ୍ୟ ସେମାନଙ୍କର ଅଭିଯୋଗର ସମାଧାନ ସହଜରେ କରିପାରୁଛନ୍ତି । ସମଗ୍ର ଦକ୍ଷିଣ ଓଡିଶାରେ ବିଦ୍ୟୁତ ସେବା ଏବେ କେବଳ ଅଫିସ ପରିସୀମାରେ ସୀମିତ ହୋଇ ରହିନାହିଁ। ଟିପିଏସ୍ଓଡିଏଲ୍ ତରଫରୁ ଏକାଧିକ ଟଚ୍ ପଏଣ୍ଟ ତଥା ଗ୍ରାହକମାନେ ଯେଉଁଠାରେ ସେବା ପାଇପାରିବେ ସେନେଇ ବିଭିନ୍ନ ସେବା କେନ୍ଦ୍ର ସ୍ଥାପନ ହୋଇଛି । ଯାହାଦ୍ୱାରା ପ୍ରତ୍ୟେକ ଉପଭୋକ୍ତା ତଥା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଏବଂ ଜନଜାତି ଅଞ୍ଚଳର ପ୍ରତ୍ୟେକ ଉପଭୋକ୍ତା ବିଦ୍ୟୁତ ସେବା ସହିତ ଯୋଡ଼ି ହୋଇ ପାରିବେ । ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ଦିଗକୁ ଗୁରୁତ୍ୱ ଦେଇ ବିଦ୍ୟୁତ ଭିତ୍ତିଭୂମିର ବିକାଶ ଲାଗି ପ୍ରତିବଦ୍ଧ ରହିଛି ଟିପିଏସ୍ଓଡିଏଲ୍ । ଉଭୟ ଘରୋଇ ଏବଂ ଶିଳ୍ପାଞ୍ଚଳର ବିକାଶକୁ ପ୍ରାଧାନ୍ୟ ଦେଇ କମ୍ପାନୀ ତରଫରୁ ୩୩କେଭି ଏବଂ ୧୧କେଭି ବିଜୁଳି ତାର ସଂଯୋଗ କରାଯିବା ସହ ବିତରଣ ନେଟୱାର୍କଗୁଡ଼ିକୁ ଆହୁରି ସୁଦୃଢ଼ କରାଯାଉଛି । ଏଥିସହିତ ପ୍ରତ୍ୟେକ ଡିଭିଜନରେ ରିଏଲ ଟାଇମ୍ ଡାସବୋର୍ଡ ଦ୍ୱାରା ଉପଯୁକ୍ତ ଟ୍ରାକିଂ ହେବା ସହଜ ହୋଇପାରିଛି । କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ତଥା ସିଏସ୍ଆର୍ ତରଫରୁ ବିଭିନ୍ନ ସ୍କୁଲ ଓ କଲେଜ ମାନଙ୍କରେ ଶକ୍ତି ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରାଯାଉଛି । ଯାହା ଏକ ସ୍ଥାୟୀ ବିକାଶକୁ ଅଗ୍ରାଧିକାର ଦେଇଥାଏ । କମ୍ପାନୀର ଏହି ଅଭିନବ ପଦକ୍ଷେପ ସମ୍ପର୍କରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଟିପିଏସ୍ଓଡିଏଲରେ ବିଦ୍ୟୁତ ସେବାକୁ ଆମେ କେବଳ ଏକ ଆବଶ୍ୟକତା ହିସାବରେ ଦେଖୁ ନାହୁଁ ବରଂ ଏହା ହେଉଛି ବିକାଶର ଏକ ଯାତ୍ରା । ବିଦ୍ୟୁତ ବିତରଣ କ୍ଷେତ୍ରରେ ଡ୍ରୋନ୍, ସ୍କାଡା ଏବଂ ଜିଆଇଏସ୍ ଭଳି ଟେକ୍ନୋଲୋଜି ବ୍ୟବହାର କରି ଓ ଏଆଇ ଚାଟ୍ ବଟ୍, ଏନପିଏସ୍ ସେବା ମାଧ୍ୟମରେ ବିଦ୍ୟୁତ ସେବାକୁ ଅଧିକ ଭରସାଯୋଗ୍ୟ, ସ୍ୱଚ୍ଛ ଓ ସମାବେଶୀ କରୁଛୁ ।

# ପୋଲିସର ଦୃଷ୍ଟି ଆଢୁଆଳରେ ଚାଲିଛି ଅନେକ ଜୁଆଆଡ୍ଡା


ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ପରମ୍ପରା ନାଁରେ ଆରମ୍ଭ ହୋଇଗଲାଣି ତାସଖେଳ ଏବଂ ଜୁଆଖେଳର ଆସର । କେତେକ ସ୍ଥାନରେ ମଜାମଜଲିସରେ ଲୋକେ ତାସ ଖେଳୁଥିବା ବେଳେ ଆଉ କେତେକ ଜୁଆଖେଳରେ ପ୍ରଚୁର ଟଙ୍କା ବାଜିରେ ଲାଗୁଥିବା ଦେଖିବାକୁ ମିଳିଛି । ପୋଲିସ ମଧ୍ୟ ଏହି ବେଆଇନ ଜୁଆଖେଳ ରୋକିବାକୁ ସେମିତି କୌଣସି ଆଖିଦୃଶିଆ ଉଦ୍ୟମ କରୁନଥିବା ଦେଖିବାକୁ ମିଳିଛି । ବିଶେଷ କରି ପାର୍ବଣ ଋତୁ ବା ଦଶହରା ଆସିଲେ ବୁଗୁଡ଼ା ଅଞ୍ଚଳ ହୁଏ ଚଳଚଞ୍ଚଳ । ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ସବୁଠି ଚାଲେ ଜୁଆଖେଳର ଆସର । ମା' ଦୁର୍ଗାଙ୍କ ଆଗମନ କିମ୍ବା କୁମାର ପୂର୍ଣ୍ଣିମା ଉତ୍ସବକୁ ନେଇ ଲୋକମାନେ ଯେତିକି ଉତ୍ସାହିତ ହୋଇଥାନ୍ତି , ସାଙ୍ଗସାଥୀ ଓ ପରିବାର ଲୋକଙ୍କ ମଧ୍ୟରେ ତାସ ଖେଳିବା ପାଇଁ ମଧ୍ୟ ତା'ଠାରୁ ଢେର ଅଧିକ ଉତ୍ସାହିତ ହୋଇ ପଡ଼ିଥାନ୍ତି । କାଳକ୍ରମେ ଏହି ତାସଖେଳ କିଛି ଲୋକଙ୍କ ପାଇଁ ଜୁଆଖେଳର ପରମ୍ପରାରେ ପରିଣତ ହୋଇ ନିଶା ପାଲଟି ଯାଇଥିବାର ଦେଖିବାକୁ ମିଳୁଛି । ଅଳ୍ପ ସମୟ ମଧ୍ୟରେ ଅଧିକ ଟଙ୍କା ଆୟ କରିବା ପାଇଁ କିଛି ବ୍ୟକ୍ତି ଜୁଆଖେଳ ପ୍ରତି ଆଶକ୍ତ ହୋଇ ପଡୁଛନ୍ତି । ଏପରିକି ଅନେକ ସମୟରେ ବହୁ ଜୁଆଡ଼ି ନିଜର ସର୍ବସ୍ୱ ହରାଇ ରାସ୍ତାର ଭିକାରି ପାଲଟି ଯାଇଥିବାର ନଜିର ରହିଛି । ଅଧିକନ୍ତୁ, ଏହାକୁ ନେଇ ଭୟଙ୍କର ପାରିବାରିକ କଳହର ସୂତ୍ରପାତ ହେଉଥିବା ବେଳେ ଅନ୍ୟକିଛି ବ୍ୟକ୍ତି ଆତ୍ମହତ୍ୟା କରୁଥିବାର ମଧ୍ୟ ନଜିର ରହିଛି । କେବଳ ଯେ ଦଶହରା ବା କୁମାର ପୂର୍ଣ୍ଣିମା ନୁହେଁ ବର୍ଷର ପ୍ରାୟ ସବୁ ସମୟରେ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଜୁଆଖେଳ ଚାଲୁଥିବାର ନଜିର ରହିଛି । ପ୍ରତି ବର୍ଷ ଆଶ୍ୱିନ ମାସ ଆରମ୍ଭରୁ ହିଁ ବୁଗୁଡ଼ା ଥାନାର କିଛି ଅଞ୍ଚଳରେ ପୋଲିସ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ପୁଳା ପୁଳା ଟଙ୍କା ଜବତ ସହ ବହୁ ଜୁଆଡ଼ିଙ୍କୁ କାବୁ କରିଥିବା ଦେଖିବାକୁ ମିଳୁଥିଲା ବେଳେ ଏ ବର୍ଷ ଏଥିରେ ଟିକିଏ ବ୍ୟତିକ୍ରମ ଘଟିଛି । ଭଦ୍ରମୁଖା ତଳେ ରହିଥିବା କିଛ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜୁଆଖେଳ ଆୟୋଜନ କରୁଥିବାର ଜଣାପଡ଼ିଛି । ପରିତ୍ୟକ୍ତ ସ୍ଥାନରେ ନିଛାଟିଆ ଘର ମଧ୍ୟରେ, ଗାଁ ନିକଟ ତୋଟା କିମ୍ବା ଜଙ୍ଗଲ ମଧ୍ୟରେ ଜୁଆଖେଳ ଜୋରସୋରରେ ଚାଲିଛି । ବିଭିନ୍ନ ସ୍ଥାନରେ ଚାଲିଥିବା ଏହି ବେଆଇନ ଜୁଆଖେଳ ଆଖପାଖର ଲୋକଙ୍କ ନଜରକୁ ଆସୁଥିବା ବେଳେ ପୋଲିସ୍ କିପରି ଜାଣିପାରୁନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଣୁ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ନବେଢ଼ୀ-କୁଳିଅଣା ରୋଡ୍ ରେଳଷ୍ଟେସନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି

ବାରିପଦା/କୁଳିଅଣା, (ସବ୍ୟୁ) : ନବେଢ଼ୀ-କୁଳିଅଣା ରୋଡ୍ ରେଲୱେ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ କମିଟିର ସଭାପତି ବିଜୟ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମ୍ପାଦକ ପ୍ରଦୀପ ଆଚାର୍ଯ୍ୟ, କୁଳିଅଣା ସରପଞ୍ଚ ଅହଲ୍ୟା ନାଏକ, ପୁରୁଣାପାଣି ସରପଞ୍ଚ ମନୋଜ କୁମାର ନାଏକ, କୁଳିଅଣା ନାଏବ ସରପଞ୍ଚ ଆନନ୍ଦ ଚନ୍ଦ୍ର ହାଁସଦାଃ, ସାମାଜିକ କର୍ମୀ ଝୁନୁରାମ ନାଏକ ଓ ହରିଶ ଚନ୍ଦ୍ର ମହାନ୍ତ, ଶରତ ଚନ୍ଦ୍ର ନାଏକ, ବାବୁଲା ନାଏକ, ଗଜେନ୍ଦ୍ର ହାଁସଦାଃ, ବାଇଧର ହାଁସଦାଃ, ଜିତ୍ରାୟ ସୋରେନ୍, ଜଗନ୍ନାଥ ମହାନ୍ତ, ବୈଦ୍ୟନାଥ ମୁର୍ମୁ, ଗୁରୁଚରଣ ପତ୍ର, ଚନ୍ଦ୍ର ନାଏକ ଓ ଆର. ଅଶ୍ୱନୀ ବଞ୍ଜନ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ସଭ୍ୟମାନେ ନବେଢ଼ୀ-କୁଳିଅଣା ରୋଡ୍ ରେଲୱେ ଷ୍ଟେସନ୍ ପାଇଁ ଦୀର୍ଘଦିନ ଧରି ଦାବି ରହିଥିବା ସତ୍ତ୍ୱେ ପୂରଣ ନହେବା ଯୋଗୁଁ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ୨୦୨୩ ଏପ୍ରିଲ ୪ତାରିଖରେ ଦକ୍ଷିଣ ପୂର୍ବ ରେଲୱେ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରସ୍ତାବିତ୍ ରେଳ ଷ୍ଟେସନ ପରିଦର୍ଶନ ତଥା ସ୍ଥାନକୁ ନିରୀକ୍ଷଣ କରାଯାଇଥିଲା କିନ୍ତୁ ଏହା ଭିତରେ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରସ୍ତାବରେ କୌଣସି ଅଗ୍ରଗତି ହୋଇନାହିଁ । ଗମନା ଗମନ ତଥା ଯୋଗା ଯୋଗ ଦୃଷ୍ଟିକୋଣରୁ ଝାରପୋଖରିଆ ଓ ବାରିପଦା ମଧ୍ୟରେ ଥିବା ଏହି ଷ୍ଟେସନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏହି ଷ୍ଟେସନ କୁଳିଅଣା ଠାରୁ ୨.୫୦ କି.ମି ହେଉଥିବାବେଳେ ବଣ୍ଡାବ, ହାତୀବରି, ଗେଣ୍ଡାପୋଖରୀ ଓ ଅଦାପାଳ ଭଳି ଆଭ୍ୟନ୍ତରୀଣ ଅଞ୍ଚଳର ଲୋକମାନେ ସେଥିରୁ ସିଧାସଳଖ ଉପକୃତ ହେଇପାରିବେ। କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଉଦ୍‌ବେଗ ପ୍ରକାଶ କରାଯାଇ କୁହାଯାଇଛି ଯେ, ରେଲୱେ କର୍ତ୍ତୃପକ୍ଷ କିମ୍ବା ନିର୍ବାଚିତ ପ୍ରତିନିଧିମାନେ କୁଳିଅଣା-ନେବଢ଼ୀ ରୋଡ଼ ଷ୍ଟେସନ ପାଇଁ ସକାରତ୍ମକ ପଦକ୍ଷେପ ଗ୍ରହଣ ନକରନ୍ତି, ତେବେ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ବୁଗୁଡ଼ାରେ ଦୁର୍ଗା ପୂଜା

ବୁଗୁଡ଼ା, (ସବ୍ୟୁ): ମା ଜଗଜ୍ଜନନୀ ଦୁର୍ଗାଦେବୀଙ୍କ ମହାସପ୍ତମୀ ପୂଜା ଅବସରରେ ବୁଗୁଡା ସହର ସମେତ ଗ୍ରାମାଞ୍ଚଳ ମଧ୍ୟ ଚଳଚଞ୍ଚଳ ହୋଇପଡିଛି । ବୁଗୁଡା ସହରର ମଦନ ମୋହନ ଛକ ଓ ବସଷ୍ଟାଣ୍ଡ ସାଙ୍ଗକୁ ଗ୍ରାମାଞ୍ଚଳର ବାଲିପଦର, ଗୋଳିଆ, ବାଦୁଆ, ଆଦିପୁର, ମାଣିବନ୍ଧ ଆଦି ଗ୍ରାମରେ ମା' ଦୁର୍ଗାଦେବୀଙ୍କ ପୂଜା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି । ସଂପୃକ୍ତ ପୂଜା କମିଟି ଏବଂ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଦୁର୍ଗା ପୂଜା ମଣ୍ଡପ ଗୁଡିକରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଶୋଭା ପାଉଥିବା ବେଳେ ସୁସଜ୍ଜିତ ଆଲୋକମାଳାରେ ପୂଜା ପରିସର ଝଲସି ଉଠୁଛି । ମା'ଙ୍କୁ ପାରମ୍ପରିକ ରୀତିନୀତି ଅନୁସାରେ ମନ୍ତ୍ରପାଠ ପୂର୍ବକ ପୂଜାର୍ଚ୍ଚନା ଯୋଗୁଁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି ।

ଶୁଭେଚ୍ଛା ବାର୍ତ୍ତା


ଦୈନିକ 'ସମୟ'ର ୨୯ତମ ସ୍ୱନକ୍ଷତ୍ର ଦିବସ ତଥା ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ଧାମନଗର ଅଞ୍ଚଳର ଅଗଣିତ ଛାତ୍ର-ଛାତ୍ରୀ, ଅଭିଭାବକ ଓ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ପାର୍ବଣର ଶୁଭ ଅବସରରେ ସମସ୍ତ ଛାତ୍ର-ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।
ଶରତ ଚନ୍ଦ୍ର ମିଶ୍ର
ଅଧକ୍ଷ,
ଅକ୍ସଫୋର୍ଡ ପବ୍ଲିକ ସ୍କୁଲ,
ଧାମନଗର, ଭଦ୍ରକ


ଶୁଭେଚ୍ଛା ବାର୍ତ୍ତା

ଦୈନିକ 'ସମୟ'ର ୨୯ତମ ସ୍ୱନକ୍ଷତ୍ର ଦିବସ ତଥା ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ଭଦ୍ରକ ଜିଲ୍ଲା ଓ ଧାମନଗର ବ୍ଲକର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ପାର୍ବଣର ଶୁଭ ଅବସରରେ ସମସ୍ତ ଜନସାଧାରଙ୍କ ସୁଖ ସମୃଦ୍ଧି କାମନା କରୁଛି । ଜଗତ ଜନନୀ ମା' ଦୁର୍ଗାଙ୍କ ଅପାର କରୁଣା ଆପଣମାନଙ୍କୁ ପ୍ରାପ୍ତ ହେଉ ।
ଅଭିଷେକ ରାଉତ
କଂଗ୍ରେସ ନେତା
ଧାମନଗର ବ୍ଲକ, ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା

'ସମୟ'ର ୨୯ତମ ସ୍ୱନକ୍ଷତ୍ର ଓ ପାର୍ବଣ ଅବସରରେ ହିନ୍ଦୋଳ ବ୍ଲକ୍ କନ୍ତାମିଲା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି । ଏଥିସହ ପଞ୍ଚାୟତକୁ ବ୍ଲକର ଏକ ଅଗ୍ରଣୀ ପଞ୍ଚାୟତ ଭାବେ ଗଢ଼ିତୋଳିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରୁଛି ।
ଆପଣଙ୍କର
ଶ୍ରୀମତୀ ସୁନନ୍ଦା ଅମାନ୍ତ
ସରପଞ୍ଚ, କନ୍ତାମିଲା ଗ୍ରା.ପ., (ହିନ୍ଦୋଳ ବ୍ଲକ୍)

ଶୁଭେଚ୍ଛା ବାର୍ତ୍ତା
ସ୍ୱଚ୍ଛତା ହିଁ ସେବାପକ୍ଷ
ଗାନ୍ଧିଜୀଙ୍କ ଆଦର୍ଶ ସ୍ୱଚ୍ଛତା ହିଁ ସେବାପକ୍ଷ ପାଳନ ଅବସରରେ ଆମ ଶିକ୍ଷାନୁଷ୍ଠାନ (ମହାବିଦ୍ୟାଳୟ) ପରିସରରେ ନାନା ପ୍ରକାର ଫଳ, ଫୁଲ ଓ ଔଷଧୀୟ ବୃକ୍ଷ ରୋପଣ କରାଯାଇ ଅନୁଷ୍ଠାନର ଶ୍ରୀବର୍ଦ୍ଧନ କରାଯିବାକୁ ଚେଷ୍ଟା କରାଯାଇଛି । 'ମା ପାଇଁ ଗଛଟିଏ' ସ୍ଲୋଗାନରେ ଅନୁପ୍ରାଣିତ ହେବାକୁ ମହାବିଦ୍ୟାଳୟର ଅଧକ୍ଷ ଓ ଅଧାପକମାନେ ପରାମର୍ଶ ଦେଇଛନ୍ତି।
: ସୌଜନ୍ୟ :
ହିନ୍ଦୋଳ ମହାବିଦ୍ୟାଳୟ
ଖଜୁରିଆକଟା, ଜି: ହିନ୍ଦୋଳ

ଶୁଭେଚ୍ଛା ବାର୍ତ୍ତା

ଏଏମ୍‌ବି ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଧାମନଗର ଅଞ୍ଚଳର ଏକ ସୁନାମଧନ୍ୟ ଶିକ୍ଷାନୁଷ୍ଠାନ, ଯାହା ଛାତ୍ର- ଛାତ୍ରୀ ମାନଙ୍କୁ ମେଧାବୀ କରି ଗଢିତୋଳିବା ପାଇଁ ଅଙ୍ଗିକାର ବଦ୍ଧ । ଦୈନିକ 'ସମୟ'ର ୨୯ ତମ ସ୍ୱନକ୍ଷତ୍ର ଦିବସ ତଥା ପାର୍ବଣର ଶୁଭ ଅବସରରେ ଧାମନଗର ଅଞ୍ଚଳର ଅଗଣିତ ଛାତ୍ର-ଛାତ୍ରୀ, ଅଭିଭାବକ ଓ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ସେକ୍ ଆଜାଦ୍ ଅଲ୍ଲୀ
ପରିଚାଳନା ନିର୍ଦ୍ଦେଶକ,
ଏଏମ୍‌ବି ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଦୋବଳ, ଧାମନଗର

ଶୁଭେଚ୍ଛା ବାର୍ତ୍ତା

ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ସମୟ'ର ୨୯ତମ ସ୍ୱନକ୍ଷତ୍ର ଦିବସ ତଥା ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ଧାମନଗର ବ୍ଲକ ଅଞ୍ଚଳର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ପାର୍ବଣର ଶୁଭ ଅବସରରେ ଆପଣମାନଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ଅଶୋକ କୁମାର ପୁହାଣ
ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି
ଧାମନଗର ବ୍ଲକ, ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା
ସୁସ୍ଥ ଏବଂ ଦୀର୍ଘାୟୁ ଜୀବନ ପାଇଁ ବୃକ୍ଷରୋପଣ ପ୍ରକୃତି ଓ ପରିବେଶକୁ ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ । ଆମ ଉଦ୍ୟାନ ବିଭାଗ, ହିନ୍ଦୋଳରେ ସୁଲଭ ମୂଲ୍ୟରେ ଚାରା ଗଛ ଉପଲବ୍ଧ । ଏହାର ସୁବିଧା ହାସଲ କରିବାକୁ ଆଗେଇ ଆସନ୍ତୁ ।
: ନିବେଦକ :
ଇଂ ସସ୍ମିତା ସାହୁ
ସହକାରୀ ଉଦ୍ୟାନ କୃଷି ଅଧିକାରୀ,
ହିନ୍ଦୋଳ

ଶୁଭେଚ୍ଛା ବାର୍ତ୍ତା
ଶାରଦୀୟ ଦୁର୍ଗାପୂଜା ଅବସରରେ ହିନ୍ଦୋଳ ଏନ୍ଏସି ତଥା ଉପଖଣ୍ଡର ସମସ୍ତ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଅଛି ।
ଇଂ ସୂର୍ଯ୍ୟକାନ୍ତୀ ସ୍ୱାଇଁ
ସହକାରୀ ଯନ୍ତ୍ରୀ, ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ଓ ପରିମଳ ବିଭାଗ,
ହିନ୍ଦୋଳ ଉପଖଣ୍ଡ

ଶୁଭେଚ୍ଛା ବାର୍ତ୍ତା

ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ସମୟ'ର ୨୯ତମ ସ୍ୱନକ୍ଷତ୍ର ଦିବସ ତଥା ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ଧାମନଗର ଏନ୍ଏସି ଅଞ୍ଚଳର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ପାର୍ବଣର ଶୁଭ ଅବସରରେ ଆପଣମାନଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ଜଗଦିଶ ପାତ୍ର
ଯୁବ ସମାଜସେବୀ, ଧାମନଗର ଏନ୍ଏସି, ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା

ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ସମୟ'ର ୨୯ତମ ସ୍ୱନକ୍ଷତ୍ର ଦିବସ ତଥା ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ଧାମନଗର ଏନ୍ଏସି ଅଞ୍ଚଳର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ପାର୍ବଣର ଶୁଭ ଅବସରରେ ଆପଣମାନଙ୍କ ସୁଖ ସମୃଦ୍ଧି କାମନା କରୁଛି । ଜଗତ ଜନନୀ ମା' ଦୁର୍ଗାଙ୍କ ଅପାର କରୁଣା ଆପଣମାନଙ୍କୁ ପ୍ରାପ୍ତ ହେଉ ।
କୈଳାଶ ଚନ୍ଦ୍ର ମହାପାତ୍ର
ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି
ଧାମନଗର ଏନ୍ଏସି, ଭଦ୍ରକ

## ଦାଣ୍ଡିମାଳରେ ଶାରଦୀୟ ଦୁର୍ଗାପୂଜା

# ଆକର୍ଷଣୀୟ ଲାଇଟ ଏବଂ ତୋରଣରେ ଝଲସୁଛି ମଣ୍ଡପ



ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲାର ଓଡାପଡା ବ୍ଲକ ଦାଣ୍ଡିମାଳ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ଷଷ୍ଠି ଏବଂ ସପ୍ତମୀ ତିଥିରୁ ଧୂମଧାମରେ ଆରମ୍ଭ ହୋଇଛି । ଜାକଜମକ ଲାଇଟ ସହିତ ଚଳିତ ବର୍ଷ ୧୯ଟି ପୂଜା ମଣ୍ଡପରେ ମା ଦୁର୍ଗାଙ୍କ ପୂଜା କରାଯାଉଛି । ଆକର୍ଷଣୀୟ ତୋରଣ ଏବଂ ଲାଇଟରେ ମଣ୍ଡପ ଗୁଡିକ ଝଲସୁଛି ।

ଦାଣ୍ଡିମାଳ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜାର ଗଣପର୍ବ ଆରମ୍ଭହୋଇଛି । ଚଳିତ ବର୍ଷ ସିମିନଇରେ ୮ଟି ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଅଙ୍କରାନ୍ତିପୁରରେ ତିନୋଟି,ମୂଳିସିଂହରେ ଗୋଟିଏ, ନିଳାମ୍ବରପୁରରେ ଗୋଟିଏ,ମହେନ୍ଦ୍ରପୁରରେ ଗୋଟିଏ ସାଇଁବିରିରେ ତିନୋଟି, ଗଦାଶିଳା ରାମମନ୍ଦିର ନିକଟରେ ଗୋଟିଏ,ଚାଇଁପୁରରେ ଦୁଇଟି ମଣ୍ଡପରେ ଏଭଳି ମୋଟ ୧୯ଟି ମଣ୍ଡପରେ ଦୁର୍ଗାଦେବୀଙ୍କ ପୂଜା ଅନୁଷ୍ଠିତ ହେଉଛି । ଷଷ୍ଠି ଓ ସପ୍ତମୀ ତିଥିରେ ବିଭିନ୍ନ ମଣ୍ଡପ ତରଫରୁ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସପ୍ତମୀ ତିଥିରୁ ମୃଣ୍ମୟୀ ଦେବୀଙ୍କ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ପୂଜାକୁ ଆକୃଷ୍ଟ କରିବା ପାଇଁ ୧୯ରୁ ଅଧିକ ଲାଇଟ ଗେଟ ନିର୍ମାଣ ହୋଇଛି । ମୂଳିସିଂହ ଠାରୁ ଚାଇଁପୁର ମଣିଦେବୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ତିନି କିଲୋମିଟର ରାସ୍ତାରେ ସାଜସଜ୍ଜା ସହିତ ବିଭିନ୍ନ ଲାଇଟ ଗେଟ ଏବଂ ଲାଇଟରେ ଝଲସୁଛି । ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସିମିନଇ ଯାତ୍ରା ପଡିଆରେ ମୀନା ବଜାର ସହିତ ଦୋଳିର ସହିତ ନୀଳାମ୍ବରପୁର ଠାରେ ମୀନାବଜାରର ବ୍ୟବସ୍ଥା କରାଯାଇଛି । ବିଭିନ୍ନ ସ୍ଥାନରେ ଗୁପଚୁପ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଫାଷ୍ଟ ଫୁଡ ସହିତ ଦୋକାନ ବଜାର ଖୋଲିଛି । ସପ୍ତମୀ ଠାରୁ ଦଶମୀ ପର୍ଯ୍ୟନ୍ତ ଏହି ପୂଜା ଦେଖିବା ପାଇଁ ଢେଙ୍କାନାଳ ସହର ସହିତ ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ସାମିଲ ହୋଇଥାନ୍ତି । ଚଳିତ ବର୍ଷପ୍ରତ୍ୟେକ ପୂଜା ମଣ୍ଡପ ତରଫରୁ ପୂଜାକୁ ଅଧିକ ଆକର୍ଷଣୀୟ କରାଯାଇଥିବା ବେଳେ ମାଳମାଳ ଲାଇଟ ସାଙ୍ଗକୁ ଲାଇଟଗେଟ ଅଧିକ ଆକର୍ଷିତ ହୋଇଛି । ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।ପ୍ରତ୍ୟେକ ପୂଜା କମିଟି ତରଫରୁ ବିଭିନ୍ନ ସାଜସଜ୍ଜା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । କିନ୍ତୁ ବର୍ଷା ଯୋଗୁ ପୂଜା ବଜାର ଫିକା ପଡିଛି । ରାସ୍ତାଘାଟ କାଦୁଅ ପଚପଚ ହେଉଥିବା ବେଳେ ପ୍ରଶାସନ ତରଫରୁ ପୂଜା ପୂର୍ବରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଅସନ୍ତୋଷ ଦେଖାଦେଇଛି ।

## ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ଉଦଘାଟିତ

# ସଂସ୍କୃତି ପ୍ରେମୀଙ୍କ ସ୍ୱପ୍ନ ପୂରଣ ହେଲା:ମନ୍ତ୍ରୀ



ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ସହର ସ୍ଥିତ ସଂସ୍କୃତି କାର୍ଯ୍ୟାଳୟ ପରିସରରେ ଆର୍ଟ ଆଣ୍ଡ କ୍ରାଫଟ ସେଣ୍ଟର ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହିତ ଏହା ଢେଙ୍କାନାଳର ସଂସ୍କୃତି ପ୍ରେମୀଙ୍କ ବହୁଦିନର ସ୍ୱପ୍ନ ବୋଲି କହିଥିଲେ । ଏଥିସହିତ ଢେଙ୍କାନାଳର ଲକ୍ଷ୍ମୀପୂଜାକୁ ରାଜ୍ୟ ସ୍ତରୀୟ ମାନ୍ୟତା ମିଳିବା ସହିତ ୩୮ ଗୋଟି ପୂଜା ମଣ୍ଡପକୁ ୫୦ ହଜାର ଲେଖାଏଁ ଆର୍ଥିକ ଅନୁଦାନ ଦିଆଯିବ ।ଏହି ଐତିହାସିକ ନିଷ୍ପତ୍ତି ପାଇଁ ସମସ୍ତ ୩୮ ଗୋଟି ପୂଜା କମିଟି, ଜିଲ୍ଲାର ବିଭିନ୍ନ ସଂଗଠନ ମନ୍ତ୍ରୀ ଓ ଅନ୍ୟ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ଅବସରରେ କପିଳାସ ନାମକ ଏକ ପୁସ୍ତକର ଉନ୍ମୋଚନ ହେଇଥିଲା ।ସମ୍ମାନିତ ଅତିଥି ଭାବେ ସାଂସଦ ରୁଦ୍ର ନାରାୟଣ ପାଣି ଏହି ଉତ୍ସବରେ ଯୋଗଦେଇ କହିଥିଲେ ଯେ, ଏହି ସେଣ୍ଟରଟି ଢେଙ୍କାନାଳ ବାସୀଙ୍କ ବହୁ ଦିନର ସ୍ୱପ୍ନ ଯାହା ଏବେ ପୂରଣ ହେଇଛି ।ଯାହା ଦ୍ୱାରା ସଂସ୍କୃତି ପ୍ରେମୀ ବହୁ ମାତ୍ରାରେ ଲାଭାବନ ହେବେ ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ମିଳିତ ବଜାର ଲକ୍ଷ୍ମୀ ପୂଜା କମିଟିର ସଭାପତି ରୁଦ୍ର ନାରାୟଣ ତ୍ରିପାଠୀ, ସମ୍ପାଦକ ପୀତବାସ ସାହୁ ଏହି ସମାରୋହରେ ଉପସ୍ଥିତ ଥିଲେ । ଏଥିସହିତ ୩୮ ଗୋଟି ପୂଜା କମିଟିର କର୍ମକର୍ତ୍ତା, ଜିଲ୍ଲାର ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ, ମାନ୍ୟଗଣ ବ୍ୟକ୍ତିବିଶେଷ, ଗଣମାଧମ ପ୍ରତିନିଧି ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଏହି ଉତ୍ସବରେ ଉପସ୍ଥିତ ଥିଲେ ।

# ଇନ୍ଦିପୁର ଶିଶୁ ବିଦ୍ୟାମନ୍ଦିରରେ ପୂର୍ବଛାତ୍ର ଏକତ୍ରୀକରଣ

ଢେଙ୍କାନାଳ,(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଇନ୍ଦିପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପୂର୍ବଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଶିକ୍ଷାବିକାଶ ସମିତି ଓଡିଶାଙ୍କ ମଧ୍ୟ ସମ୍ଭାଗ ସମ୍ପାଦକ ସନ୍ତୋଷ କୁମାର ପୃଷ୍ଟି ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ବସନ୍ତ କୁମାର ସ୍ୱାଇଁ ଅତିଥି ପରିଚୟପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେସମ୍ମାନୀତ ଅତିଥି ଭାବରେ ଓଡାପଡା ସଙ୍କୁଳ ପ୍ରମୁଖ ଅଶୋକ କୁମାର ମହାରଣା, ବିଦ୍ୟାଳୟ ପରିଚାଳନା କମିଟିସଭାପତି ଶେଷ ଦେବ ସାହୁ,ସମ୍ପାଦକ ମହେଶ୍ୱର ନାୟକ,ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ପୃଷ୍ଟି,ପତ୍ରିକା ପ୍ରଚାର ଏବଂ ପ୍ରସାର ବିଭାଗ ସଭାପତି କାମାକ୍ଷାପ୍ରସାଦ ବେହେରା ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଫଂଚ ପରିବର୍ତ୍ତନରେ ପୂର୍ବଛାତ୍ରଙ୍କ ଭୂମିକା ପ୍ରସଙ୍ଗରେ ବୌଦ୍ଧିକ ଉପସ୍ଥାପନ କରିଥିଲେ । ସମ୍ମାନୀତ ଅତିଥି ପୂର୍ବଛାତ୍ରମାନଙ୍କୁ ଜୀବନର ମୂଲ୍ୟବୋଧ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ପୂର୍ବ ଛାତ୍ରଛାତ୍ରୀମାନେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ୧୧୦ଜଣ ପୂର୍ବଛାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଦସ୍ୟ ଏବଂ ଗୁରୁଜୀ ଗୁରୁମା ମାନେ ସହଯୋଗ କରିଥିଲେ ।

## ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲାରେ ଏକ ସରକାରୀ କୃଷି ମହାବିଦ୍ୟାଳୟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ବାଲେଶ୍ୱର ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ଅଧିନସ୍ଥ ଖଇରା ର ବିଭିନ୍ନ ସଙ୍ଗଠନ ତରଫରୁ ଖଇରା ବିଡିଓ ନାରାୟଣ ସାହୁଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପ୍ରଦାନ କରାଯାଇଛି । ବାଲେଶ୍ୱର ଜିଲ୍ଲାରେ ଧାନ,ପାନ,ଚିନା ବାଦାମ,ଡାଲି ଜାତୀୟ ଫସଲ ଉତ୍ପାଦନ ପାଇଁ ସ୍ୱତନ୍ତ୍ର ସ୍ଥାନ ଲାଭ କରିଥିବା ବେଳେ ଅଧିକ ଅମଳ ପାଇଁ ପର୍ଯ୍ୟାପ୍ତି କୃଷି ଭିତ୍ତିଭୂମି ରହିଛି । ଏଣୁ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଗଲେ ବେକାର ସମସ୍ୟା ଦୁର ହେବା ସହ କୃଷି ବିପ୍ଳବ ସୃଷ୍ଟି ହୋଇ ପାରନ୍ତା ।ଏଣୁ ବଜେଟରେ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା କରି କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବାକୁ ଦାବିପତ୍ର ରେ ଉଲ୍ଲେଖ କରାଯାଇଛି । ଖଇରାର ବିଭିନ୍ନ ଦଳ ଓ ସଙ୍ଗଠନର କର୍ମକର୍ତ୍ତା ଅନ୍ତର୍ଯ୍ୟାମୀ ପାତ୍ର,ପ୍ରଶାନ୍ତ କୁମାର ବେହେରା,ରଶ୍ମିତା ମହାପାତ୍ର, ଜଗତାନନ୍ଦ ମହାପାତ୍ର, ସନ୍ତୋଷ ବିଶ୍ୱାଳ,ଅଭିରାମ ମହାପାତ୍ର,ଅନାମ ଚରଣ ପଣ୍ଡା,ରଘୁନାଥ ପତ୍ରୀ,ମୁକ୍ତିକାନ୍ତ ଶତପଥ,ନିରଞ୍ଜନ ବେହେରା,ଅରୁଣ କୁମାର ସ୍ୱାଇଁ,ବୁଦ୍ଧିରାମ ପାଣିଗ୍ରାହୀ ରାମ ଚନ୍ଦ୍ର ଦାସ ପ୍ରମୁଖ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ଏହି ଦାବିପତ୍ର ପ୍ରଦାନ କରିଛନ୍ତି ।

# ସାଇବର ଠକେଇର ଶିକାର ଶିକ୍ଷୟିତ୍ରୀ : ଲୁଟିନେଲେ ୨୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା




ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଉଁଶ ପୋଖରୀ ପଞ୍ଚାୟତ ବରଡ଼ାପାଳ ଉପ୍ରା ବିଦ୍ୟାଳୟର ଜଣେ ଶିକ୍ଷୟତ୍ରୀ ସାଇବର ଠକେଇର ଶିକାର ହୋଇଛନ୍ତି । ଏନେଇ ଶିକ୍ଷୟତ୍ରୀ ଜଣକ ଅନ ଲାଇନ ଯୋଗେ ସାଇବର କ୍ରାଇମ୍ ପ୍ରୋଟାଲ ଯୋଗେ ଅନୁଗୋଳ ସାଇବର ଥାନାଙ୍କୁ ଅଭିଯୋଗ କରିଛନ୍ତି । ଠକେଇର ଶିକାର ହୋଇଥିବା ଶିକ୍ଷୟିତ୍ରୀ ଜଲି ବିଶ୍ୱାଳଙ୍କ ଅଭିଯୋଗ କ୍ରମେ ସେ ଚଳିତ ମାସ ୧୭ ତାରିଖରେ ଏକ କ୍ରେଡିଟ କାର୍ଡ ପାଇଁ ଷ୍ଟେଟ ବ୍ୟାଙ୍କ ହିନ୍ଦୋଳ ଶାଖାରେ ଆବେଦନ କରିଥିବା ବେଳେ ୨୦ ତାରିଖ ଦିନ କାର୍ଡ ଇସୁ ପାଇଁ ଏକ ଅଜଣା ନମ୍ବରରୁ ଓଟିପି ପାଇଁ ଫୋନ କଲ ଆସିଥିଲା ମାତ୍ର ସେ ଓଟିପି ନମ୍ବର ଦେଇ ଦେବାରୁ ଅନଲାଇନ ସପିଙ୍ଗ ଦ୍ୱାରା ପ୍ରଥମେ ୧୯୭୦୦ ଟଙ୍କା ତତ୍ପରେ ଓଟିପି ନମ୍ବର ମାଗିବା ଆଳରେ ତିନୋଟି ପର୍ଯ୍ୟାୟରେ ୨ ହଜାର ଟଙ୍କା ଲେଖାଏଁ ୬ ହଜାର ଟଙ୍କା ଏବଂ ସମୁଦାୟ ୨୫ ହଜାର ୭ ଶହ ଟଙ୍କା ସାଇବର ଠକ ମାନେ ଲୁଟି ନେଇଥିବା ଜଣାଇଛନ୍ତି । ଅନୁଗୋଳ ସାଇବର ଥାନାରେ ତାଙ୍କ ପକ୍ଷରୁ ଅନ ଲାଇନ ଯୋଗେ କରାଯାଇଥିବା ଅଭିଯୋଗ ନେଇ ଏଯାଏଁ ମାମଲା ରୁଜୁ ହୋଇ ଥିବା ନେଇ ତାଙ୍କୁ କୌଣସି ପ୍ରକାର ସୂଚନା ମିଳି ପାରି ନାହିଁ । ସାଇବର ଥାନା ପକ୍ଷରୁ ଏନେଇ ତଦନ୍ତ କରାଯାଇ ପ୍ରକୃତ ଅପରାଧୀଙ୍କୁ ଧରିବା ପାଇଁ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଅଭିଯୋଗ କାରୀଣୀ ଜଲି ବିଶ୍ୱାଳ ଆଶା ବ୍ୟକ୍ତ କରିଛନ୍ତି ।

# ଗୋରୁ ପଲଙ୍କ ସହିତ ପିଟି ହେଲା ବାଇକ

କାମାକ୍ଷାନଗର ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଢେଙ୍କାନାଳ ପୂର୍ବ ବିଭାଗ ରାସ୍ତାର ଅଁଳାବେରେଣୀ ବଜାର ନିକଟରେ ଗୋରୁପଲଙ୍କ ସହ ଧକା ହୋଇ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇ ଚିକିତ୍ସିତହେଉଥିବାର ଜଣାପଡିଛି । ଦୁର୍ଘଟଣାର ଲାଇଭ ଚିତ୍ର ସିସିଟିଭିରେ କଏଦ ହୋଇଛି । ସୂଚନା ଅନୁସାରେ ଆଜି ସନ୍ଧ୍ୟା ସମୟରେ କାମାକ୍ଷାନଗର ପଟୁ ଦୁଇଜଣ ଯୁବକ ଏକ ବାଇକ ଯୋଗେ ଦ୍ରୁତ ଗତିରେ ଢେଙ୍କାନାଳ ଯାଉଥିଲେ । ସେହି ସମୟରେ ଅଁଳାବେରେଣୀ ବଜାର ନିକଟରେ ରାସ୍ତା ମଝିରେ ଗୋରୁପଲ ଛିଡା ହୋଇଥିବା ବେଳେ ବାଇକରେ ଯାଉଥିବା ଯୁବକ ଦୁଇ ଜଣ ଗୋରୁପଲଙ୍କ ସହ ଧକା ହୋଇଥିଲେ । ଫଳରେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଅଛନ୍ତି ।

# ହାତୀ ପାଇଁ ଚାଷୀ କାନ୍ଦୁଛି : ସନ୍ଧ୍ୟା ହେଲେ ଗାଁରେ ପଡୁଛି ଟାଟି କବାଟ



ବଅଁରପାଳ, (ସବ୍ୟୁ): ଅନୁଗୋଳ ଜିଲ୍ଲା ନାଲକୋ ସ୍କେଲଟର ପ୍ଲାଣ୍ଟ ପଛପଟ ଏକ ଛୋଟିଆ ଜଙ୍ଗଲରେ ୪୨ଟି ହାତୀ ରହି ଥିବାରୁ ସ୍ଥାନୀୟ ଜନସାଧାରଣ ଭୟଭୀତ ଅବସ୍ଥାରେ ଅଛନ୍ତି । ସୂଚନା ଅନୁଯାୟୀ ଏହି ୪୨ଟି ହାତୀ ପଲ ବଅଁରପାଳ ବ୍ଲକ ଅଞ୍ଚଳରେ କିଛି ମାସ ହେଲା ରହି ଆତଙ୍କ ସୃଷ୍ଟି କରୁଛନ୍ତି । ଗଡସନ୍ତ୍ରୀ, ତୁଳସୀପାଳ, ବନ୍ଧା ଗାଡ଼ରଖାଇ, ଆଲୁମିନିୟମ ପାର୍କ ଓ ଲଙ୍ଗୁଳିଆବେଡା ଗ୍ରାମର ଲୋକମାନେ ସନ୍ଧ୍ୟା ହେଲେ ହାତୀ ଭୟରେ ଘରୁ ବାହାରୁ ନଥିବାବେଳେ ସହର ଲୋକେ ଗାଁକୁ ଆସୁନାହାନ୍ତି । ଯେଉଁଥିପାଇଁ ସନ୍ଧ୍ୟା ହେଲେ ଘରେ ଘରେ ପଡୁଛି ଟାଟି କବାଟ । ବର୍ତ୍ତମାନ ଧାନରେ ଥୋଡ଼ ବାହାରିଲାଣି ଯେଉଁଥି ପାଇଁ ହାତୀ ଧାନ ଗଛ ଖାଇବା ସହିତ ଦଳି ଚକଟି ନଷ୍ଟ କରୁଛନ୍ତି । ଚାଷୀ ସାର ପାଇଁ ହନ୍ତସନ୍ତ ହେଉଥିବା ବେଳେ ହାତୀଙ୍କ ଉତ୍ପାତ ଯୋଗୁଁ ଚାଷୀ କାନ୍ଦୁଛି । ସହ ସହ ଏକର ଧାନ ଚାଷ ନଷ୍ଟ କରିବା ସହ ପନିପରିବା ଦଳି ଚକଟି ଦେଉଥିବାରୁ ଋଣ କରି ଚାଷ କରୁଥିବା ଚାଷୀ କିଭଳି ଋଣ ଶୁଝିବ ବୋଲି ଚିନ୍ତାରେ ପଡ଼ିଛି । ରବିବାର ରାତିରେ ୪୨ ଟିକିଆ ହାତୀ ପଲ ଗୋପିନାଥପୁରୁ ଓ କାଙ୍ଗୁଲା ପଞ୍ଚାୟତର ଅନେକ ଚାଷୀଙ୍କ ଧାନାବିଲରେ ପଶି ଧାନଗଛ ଖାଇବା ସହିତ ଦଳି ଚକଟି ନଷ୍ଟ କରିବା ପରେ ଆଜି ସକାଳୁ ନାଲକୋ ପ୍ଲାଣ୍ଟ ପଛପଟେ ରହି ଆତଙ୍କ ସୃଷ୍ଟି କରୁଛନ୍ତି । ଫଳରେ ହାତୀଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମୁଛି । ହାତୀ ଓ ଲୋକଙ୍କ ସୁରକ୍ଷା ପାଇଁ ବନବିଭାଗ ଘଟଣା ସ୍ଥଳରେ ଜଗି ରହିଛନ୍ତି ।

# ମା'ଙ୍କ ଆବିର୍ଭାବ, କୋଇଲା ନଗରୀ ଚଳଚଞ୍ଚଳ

ତାଳଚେର,(ସବ୍ୟୁ) : ନବରାତ୍ରୀ ଅବସରରେ ଆଜି ଶିଳ୍ପନଗରୀ ତାଳଚେର ଅଂଚଳ ଚଳଚଂଚଳ ହୋଇପଡ଼ିଛି । ତାଳଚେର ଲିଙ୍ଗରାଜ କୋଇଲା ଖଣି ଠାରୁ ଆରମ୍ଭକରି ଦେଉଳବେଡ଼ା, ଭୁବନେଶ୍ୱରୀ, ଡ଼େରା, ଅନନ୍ତ, ସେଣ୍ଟ୍ରାଲକଲୋନୀ, ଜଗନ୍ନାଥ, ସାଉଥବଲଣ୍ଡା, ନନ୍ଦିରା, ଭରତପୁର, ବଳରାମ, ହିଙ୍ଗୁଳା ଖଣି ଗୁଡ଼ିକରେ ଧୂମଧାମରେ ଆଜି ପିଠେ ଅଷ୍ଟମୀ ନବରାତ୍ର ପୂଜା ଅବସରରେ ଚଳଚଂଚଳ ହୋଇପଡ଼ିଛି । ମା'ଙ୍କ ଦର୍ଶନ କରିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି । କୋଇଲା ଖଣି ପକ୍ଷରୁ ବିରାଟ ତୋରଣ ସହିତ ରଙ୍ଗବେରଙ୍ଗୀ ଆଲୋକମାଳାରେ ଝଲସୁଛି ତାଳଚେର କୋଇଲା ନଗରୀ ଅଂଚଳ । ବାଦ୍ୟ, ଶଙ୍ଖ, ଘଂଟରେ ପ୍ରକମ୍ପିତ ହେଉଥିବା ବେଳେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି । ପ୍ରାତଃ ସମୟରୁ ପୁରୋଧାମାନେ ନିଜର ନିତ୍ୟକର୍ମ ସାରି ମା'ଙ୍କ ଷୋଡ଼ଷ ଉପଚାରରେ ବିଧିବିଧାନ ଅନୁସାରେ ପୂଜା ଆରମ୍ଭ କରିଦେଇଛନ୍ତି । ଭକ୍ତମାନଙ୍କୁ ଆକୃଷ୍ଟ କରିବାନେଇ ବିଭିନ୍ନ ଖଣି ପକ୍ଷରୁ ନାମୀଦାମୀ ଯାତ୍ରାପାର୍ଟି ସହିତ ଅଂଚଳରେ ରାଜ୍ୟ ତଥା ରାଜ୍ୟ ବାହାରୁ ମନୋହରି ସାମଗ୍ରୀ ସହ ଘରଉପକରଣ ସାମଗ୍ରୀ, ବିଭିନ୍ନ ରୁଚିକର ଖାଦ୍ୟପଦାର୍ଥର ଆସର ଜମିଥିବା ଦେଖିବାକୁ ମିଳିଛି । ପ୍ରତ୍ୟେକ ପୂଜାକମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ପୂଜାମାହୋଲକୁ କିପରି ଆହୁରି ଆକର୍ଷଣୀୟ କରାଯାଇ ପାରିବ ତାକୁ ନେଇ ପ୍ରସ୍ତୁତି ଆରମ୍ଭ କରି ଦେଇଥିବା ଦେଖିବାକୁ ମିଳିଛି । ପୋଲିସ୍ ପ୍ରଶାସନ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା କରିବା ସହିତ ପ୍ରତିଛକ, ପୂଜାମଣ୍ଡପ ଗୁଡ଼ିକରେ ବ୍ୟାପକ ପୋଲିସ୍ ମୂତୟନ କରାଯାଇଥିବା ଦେଖିବାକୁ ମିଳିଛି ।

# ଟାଟା ଏସି - ବାଇକ୍ ମୁହାଁମୁହିଁ : ଜେଜେ ବାପା, ନାତି ଗୁରୁତର

ବଅଁରପାଳ (ସବ୍ୟୁ) ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ନିକଟ ଗୋତମରା ଓଭରବ୍ରିଜ ୧୪୯ ନମ୍ବର ଜାତୀୟ ରାଜପଥରେ ଟାଟା ଏସି ଓ ବାଇକ୍ ମୁହାମୁହିଁ ଧକ୍କାରେ ଜେଜେ ବାପା ନାତି ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଦୁଇ ଗୁରୁତର ହେଲେ ଚାଇଁପାଳ ନିକଟସ୍ଥ ଖୋଲୁଆ ଗ୍ରାମର ଜେଜେବାପା ପ୍ରହଲାଦ ଗୋଛାୟତ ଓ ୯ ବର୍ଷୀୟ ନାତି ବଜରଙ୍ଗୀ ଗୋଛାୟତ । ପ୍ରହଲାଦ ଘରୁ ନାତିକୁ ନେଇ ବଅଁରପାଳ ଅଭିମୁଖେ ଆସୁଥିବା ବେଳେ ବଅଁରପାଳରୁ ତାଳଚେର ଅଭିମୁଖେ ଯାଉଥିବା ଟାଟା ଏସି ଟେମ୍ପୁ ସହ ମୁହାମୁହିଁ ଦୁର୍ଘଟଣା ଘଟିଥିଲା । ଜେଜେବାପା ଓ ନାତି ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ । ବଅଁରପାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଜ ଗାଡିରେ ବଅଁରପାଳ ସିଏଚସି ଚିକିତ୍ସା କରାଇଥିବା ବେଳେ ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଇଥିଲେ । ବଅଁରପାଳ ଚିକିତ୍ସାଳୟରେ ଆମ୍ବୁଲାନ୍ସ ନଥିବାରୁ ପୋଲିସ ସାମଲ କେୟାର ହସ୍ପିଟାଲର ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଇଥିଲେ । ଦୁଇ ଗୁରୁତରଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଗୁରୁତରଙ୍କୁ କଟକ ସ୍ଥାନାନ୍ତରିତ କରାଇଛନ୍ତି ।

## ଲୁକାୟିତ ଲୁଣ ଡ୍ରାଇଭିଙ୍ଗ ଉଚ୍ଚରକ୍ତଚାପ ସଙ୍କଟ : ଡ଼ଃ ଓମପ୍ରକାଶ

ତାଳଚେର,(ସବ୍ୟୁ) : ବିଶ୍ୱ ହୃଦୟ ଦିବସ ଯେତିକି ପାଖେଇ ଆସୁଛି, ଅଗ୍ରଣୀ ଡ଼ାକ୍ତରମାନେ ନାଗରୀକ ମାନଙ୍କୁ ଡ଼ାଇନିଙ୍ଗ ଟେବୁଲରେ ଦୃଶ୍ୟମାନ ଲୁଣକୁ ଦେଖାଇବାକୁ ତଥା ଅଧିକ ବିପଦଜନକ ସମ୍ମୁଖୀନ ହେବାକୁ ଆହ୍ୱାନ କରିଛନ୍ତି । ପ୍ୟାକେଜ, ପ୍ରକ୍ରିୟାକରଣ ଏବଂ ଷ୍ଟ୍ରିଟ୍ ଖାଦ୍ୟରେ ଲୁଚି ରହିଥିବା ସୋଡ଼ିଅମ ଉଚ୍ଚ ରକ୍ତଚାପ ଭାରତରେ ହୃଦରୋଗର ଅନ୍ୟତମ ପ୍ରମୁଖ ଯୋଗଦାନକାରୀ ଭାବରେ ଉଭା ହେବା ସହ ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ଅଦୃଶ୍ୟ ଅପରାଧିଙ୍କୁ ଅଣଦେଖା କରିବା ସମସ୍ତଙ୍କ ପାଇଁ ଘାତକ ହୋଇପାରେ । ଏସବି ମେଡ଼ିକାଲ କଲେଜ ଆଣ୍ଡ ହସପିଟାଲ ଡ଼ା ଓମପ୍ରକାଶ ନାୟକ, ଏମଡ଼ି ଡ଼ିଏମ (କାଡ଼ିଓଲୋଜି) ସ୍ପଷ୍ଟ କରିଛନ୍ତି ଯେ ଅନେକ ପରିବାର ସଚେତନ ଭାବରେ ଘରେ ରନ୍ଧା ହୋଇଥିବା ଖାଦ୍ୟରେ ସିଂଚନ ହୋଇଥିବା ଲୁଣକୁ କାଟି ଦେଇଥିବା ବେଳେ ପ୍ରକୃତ ବିପଦ ଅଜାଣତରେ ଖାଇଥିବା ସୋଡ଼ିଅମରୁ ଆସିଥାଏ । ଏଥିରେ ବେକେରୀ ରୁଟି ତତକ୍ଷାଣତ ଲୁଡୁଲସ୍, ଚିଫସ୍, ସସ୍, ପିକଲେସ୍, ଚଟଣି, ପାମ୍ପଡ଼, ମୃଦୁପାନୀୟଜଳ ଏବଂ ସ୍ୱାଦ ଜନିତ ଖାଦ୍ୟ ଅନ୍ତର୍ଭୁକ୍ତ । ଡ଼ା ନାୟକ କହିଛନ୍ତି ଯେ ବିପଦ ଆପଣ ଦେଖୁଥିବା ଲୁଣ ନୁହେଁ କିନ୍ତୁ ଆପଣ ଯେଉଁ ଲୁଣ ଦେଖନ୍ତି ନାହିଁ ମୁଁ ରୋଗୀମାନଙ୍କୁ ଦେଖେ ଯେଉଁମାନେ ଘରେ ଅତିରିକ୍ତ ଲୁଣ ମିଶାଇବା ଠାରୁ ଦୂରେଇ ରୁହନ୍ତି ତଥାପି ସେମାନଙ୍କର ଦୈନନ୍ଦିନ ଖାଦ୍ୟରେ ନାମକିନ୍, ଭୁଜିଆ, ଫାଷ୍ଟଫୁଡ଼, ସ୍ନାକ୍ସ ଅନ୍ତର୍ଭୁକ୍ତ ଯାହାକି ଲୁକାୟତ ସୋଡ଼ିଅମ ସହ ଭରପୁର ଅଟେ । ହାରାହାରି ବୟସ୍କ ବ୍ୟକ୍ତି ସହଜରେ ଦିନକୁ ପ୍ରାୟ ୨ଗ୍ରାମ ଲୁଣ ଖାଉଛନ୍ତି । ଲୁଣ କେବଳ ସେକରୁ ବାହାରୁଥିବା ଜିନିଷ ନୁହେଁ ଏହା ବାହେରେ ଖାଉଥିବା ସମସ୍ତ ଖାଦ୍ୟରେ ରହିଥାଏ । ତେଣୁ ଆସନ୍ତାକାଲିର ହୃଦୟ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଆଜି ଲୁକାୟତ ସୋଡ଼ିଅମ କାଟିବାକୁ ଏକମାତ୍ର ଉପାୟ ବୋଲି ଡ଼ାକ୍ତର ଶ୍ରୀ ନାୟକ ଏହା ପ୍ରକାଶ କରିଛନ୍ତି ।

# ପୋଲିସ ପକ୍ଷରୁ ସ୍ୱସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

ଢେଙ୍କାନାଳ,(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ପୋଲିସ ତରଫରୁ ପୋଲିସ ଆରଓ ଚିକିତ୍ସାଳୟ ଠାରେ ସ୍ୱସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ସମ୍ପର୍କିତ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ବ୍ୟାପକ ଭାବରେ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ବିଭିନ୍ନ ରୋଗ ଏବଂ ତାର ନିରାକରଣ ଉପରେ ସଚେତନ କରାଯାଇଥିଲା । ମହିଳା ମାନେ ସୁସ୍ଥ ରହିଲେ ପରିବାର ସଶକ୍ତ ହେବ ବୋଲି ମତପ୍ରକାଶ ପାଇଥିଲା । ଏହି କାର୍ଯ୍ୟରମରେ ମହିଳା ପୋଲିସ ମାନେ ଉପସ୍ଥିତ ରହିବା। ସହିତ ବିଭିନ୍ନ ବୟସର ମହିଳାମାନେ ଯୋଗଦେଇ ବିଭିନ୍ନ ଦିଗ ଉପରେଅଲୋଚନା କରିବା ସହିତ ରୋଗ ପରୀକ୍ଷା କରିଥିଲେ ।

# ଆରଏସଏସ ଶତବାର୍ଷିକୀ ଓ ବିଜୟା ଦଶମୀ ପାଳିତ

ଆଠମଲ୍ଲିକ, (ସବ୍ୟୁ) : ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଏକଶତ ବର୍ଷ ପୂର୍ତ୍ତି ଓ ବିଜୟା ଦଶମୀ ଉତ୍ସବ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆର. ଏସ. ଏସ. ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ତଥା ମୁଖ୍ୟ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦେହୁରୀଙ୍କ ନେତୃତ୍ୱ ରେ ସଂଘର ସ୍ୱୟଂ ସେବକ ଏକତ୍ରିତ ହୋଇ ସହର ପରିକ୍ରମା କରି ସ୍ଥାନୀୟ ମିନି ଷ୍ଟାଡିଅମ ଖେଳ ପଡିଆ ପହଞ୍ଚି ଥିଲେ । ଶିକ୍ଷକ ଦେହୁରୀଙ୍କ ନେତୃତ୍ୱରେ ଶାରୀରିକ ପ୍ରଦର୍ଶନୀ ହୋଇଥିଲା । ତାପରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଗଣିତ ଅଧ୍ୟାପକ ଗୋପବନ୍ଧୁ ପ୍ରଧାନ ଯୋଗଦେଇ ଆର. ଏସ. ଏସ. ସର୍ବଦା ନାଗରିକ ଚରିତ୍ର ଗଠନକୁ ଗୁରୁତ୍ୱ ଦେଇ ଭାରତୀୟ ସଂସ୍କୃତିକୁ ରକ୍ଷା କରିବା ପାଇଁ କାର୍ଯ୍ୟକରି ଆସୁଛି ବୋଲି ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ସର ସଂଘ ଚାଳକ ସୁଧୀର କୁମାର ମିଶ୍ର , ଆଠମଲ୍ଲିକ ସଂଘ ଚାଳକ ଅଜିତ କୁମାର ମେଣ୍ଡୁଳି , ଢେଙ୍କାନାଳ କାର୍ଯ୍ୟବାହ - ଚନ୍ଦ୍ର ଶେଖର ବେହେରା ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଗଠନ ହେଲା ଦିନଠାରୁ ବିଶ୍ୱ କଲ୍ୟାଣରେ କାର୍ଯ୍ୟ କରି ଆସୁଛି ବୋଲି ପ୍ରକାଶ କରିଥିଲେ । ସଭାରେ ବିଭିନ୍ନ କ୍ଷେତ୍ରରୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । କାର୍ଯ୍ୟାବାହ ଗୌରଚନ୍ଦ୍ର ଆଟି ଅତିଥି ପରିଚୟ ପ୍ରଦାନ କରିବା ସହିତ ଶେଷରେ ଧନ୍ୟବାଦ ଦେଇଥିଲେ ।

# ସୁନିଲ ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି



ଅନୁଗୋଳ, (ସବ୍ୟୁ) :ଏଆଇସିସି ଅନୁମୋଦନ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ବିଭିନ୍ନ ଜିଲ୍ଲା କଂଗ୍ରେସ କମିଟିର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ଭାବେ ସୁନିଲ ପ୍ରଧାନଙ୍କ ନାମ ଘୋଷଣା ହୋଇଛି। ଅନୁଗୋଳ ଏକ ଓବିସି ବହୁଳ ଜିଲ୍ଲା ଓ ସୁନିଲ ପ୍ରଧାନ ଉକ୍ତ ସମ୍ପ୍ରଦାୟର ହୋଇଥିବାରୁ ତାଙ୍କ ନିଯୁକ୍ତିରେ ଅନୁଗୁଳ ଜିଲ୍ଲାବାସୀ ଖୁସିବ୍ୟକ୍ତ କରିଛନ୍ତି। ସୁନିଲ ପୂର୍ବତନ ଅନୁଗୋଳ ବିଧାୟକ ସ୍ୱର୍ଗତ ସନ୍ତୋଷ ପ୍ରଧାନଙ୍କ ସାନପୁଅ। ଅନୁଗୋଳ ମହାବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନରୁ ସେ ନିଜ ରାଜନୀତି ଜୀବନ ଆରମ୍ଭ କରିଥିଲେ। ସେ ଛାତ୍ରସଂସଦ ସାଧାରଣ ସମ୍ପାଦକ ଭାବେ ବିଜୟ ହୋଇଥିଲେ। ପରେ ଯୁବ କଂଗ୍ରେସର ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀ

ଉପସଭାପତି, ଜିଲ୍ଲା କଂଗ୍ରେସ ଉପସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି।ସୁନିଲ ଛାତ୍ର ଓ ଯୁବାବସ୍ଥାରୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଆସିଛନ୍ତି। ବିଭିନ୍ନ ସମୟରେ ରକ୍ତଦାନଶିବିର, ଚକ୍ଷୁଦାନ ଶିବିର, ଚାରାରୋପଣ ଆଦି କାର୍ଯ୍ୟକ୍ରମରେ ନିଜକୁ ସଂଶ୍ଳିଷ୍ଟ ରଖିଛନ୍ତି। ସୁନୀଲଙ୍କର ଲୋକସମ୍ପର୍କ ମଧ୍ୟ ଖୁବ୍ ଭଲ ଅନେକ ସମୟରେ ସେ ଜିଲ୍ଲାର ବିଭିନ୍ନ ସମସ୍ୟା, ଯେପରିକି ଜାତୀୟ ରାଜପଥର ଦୁରବସ୍ଥା, ପ୍ରଦୂଷଣ ଆଦି ଅନେକ ସମସ୍ୟାକୁ ନେଇ ଅନେକବାର ଆନ୍ଦୋଳନରେ ସାମିଲ ମଧ୍ୟ ହୋଇଛନ୍ତି। ନିଜ ଉତ୍ତମ ବ୍ୟବହାର ଯୋଗୁଁ ସୁନୀଲ ଆଗାମୀ ଦିନରେ ନିଜ ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସକୁ ଜିଲ୍ଲାରେ ଅଧିକ ସୁଦୃଢ଼ କରିବେ ବୋଲି ଆଶା କରାଯାଉଛି।

# ବିଶ୍ୱ ହୃଦୟ ଦିବସରେ ଟାଟାଷ୍ଟିଲ ଯୋଡାର ସଚେତନତା କାର୍ଯ୍ୟକ୍ରମ




କେନ୍ଦୁଝର/ଯୋଡା , (ଜିପ୍ର/ସବ୍ୟୁ):ବିଶ୍ୱ ହୃଦୟ ଦିବସ ଅବସରରେ ସୋମବାର ଦିନ ଟାଟା ଷ୍ଟିଲ ଯୋଡା ପକ୍ଷରୁ ବିଶେଷ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଡା. ଭଗବାନ ପାଣିଗ୍ରାହୀ, ଡା. ବିବେକ ଗୌରବ, ଡା. ରେହମାନ ଖାନ ଏବଂ ଡା. ବିବେକ ଗୌରବଙ୍କ ପକ୍ଷରୁ ଟାଟା ମେନ ହସ୍ପିଟାଲ ଯୋଡା, ଖଣ୍ଡବନ୍ଧ, ବିଛାକୁଣ୍ଡି ଏବଂ ଯୋଡା ଇଷ୍ଟ ଆଇରନ ମାଇନରେ ସଚେତନତା ସଭାଗୁଡିକ ଆୟୋଜନ କରାଯାଇଥିଲା । ବହୁ ସଂଖ୍ୟକ ଅଧିକାରୀ, କର୍ମଚାରୀ ଓ ଶ୍ରମିକମାନେ ଏହି ସଭାରେ ଅଂଶଗ୍ରହଣ କରିଥିଲେ।ଆଲୋଚନା ରେ ମୁଖ୍ୟ ବିଷୟ ଥିଲା ଯେ ହୃଦରୋଗ ସାରା ବିଶ୍ୱରେ ମୃତ୍ୟୁର ପ୍ରମୁଖ କାରଣ, କିନ୍ତୁ ଏହାର ବହୁଅଂଶ ପ୍ରତିରୋଧନୀୟ । ସରଳ ଜୀବନଶୈଳୀ ଅଭ୍ୟାସରୁ ସୁସ୍ଥ ହୃଦୟ ରକ୍ଷା କରିହେବ। ଚଳିତ ବର୍ଷର ବଷୟ ବସ୍ତୁ ଥିଲା ଡୋଣ୍ଟ ମିସ ଏ ବିଟ । କାର୍ଯ୍ୟକ୍ରମରେ ସୁସ୍ଥ ଜୀବନଶୈଳୀ ବିଷୟରେ ଆଲୋଚନା କରାଗଲା, ଯାହା ଅଭିଭାଗୀମାନଙ୍କୁ ସୁସ୍ଥତା ରକ୍ଷା ପାଇଁ ପ୍ରେରିତ କଲା।ବିଶ୍ୱ ହୃଦୟ ଦିବସ, ପ୍ରତିବର୍ଷ ୨୯ ସେପ୍ଟେମ୍ବରରେ ପାଳିତ ହୋଇଥାଏ, ଯାହା ୱାର୍ଲ୍ଡ ହାର୍ଟ ଫେଡେରେସନ ପକ୍ଷରୁ ଏକ ଆନ୍ତର୍ଜାତୀୟ ପ୍ରଚେଷ୍ଟା, ଯାହା ଲୋକମାନଙ୍କୁ ହୃଦରୋଗ ବିରୋଧରେ ଏକତ୍ର କରେ ଏବଂ ସୁସ୍ଥ ହୃଦୟ ଜୀବନଶୈଳୀକୁ ପ୍ରୋତ୍ସାହନ ଦିଏ।

# ସୋର ଥାନାଧିକାରୀଙ୍କୁ ମାଡ଼ ଘଟଣା : ୪ ଗିରଫ

ସୋର, (ସବ୍ୟୁ): ସୋର ପୌର ପାଳିକା ଅନ୍ତର୍ଗତ କୋର୍ଟ ସମ୍ମୁଖରେ ରବିବାର ରାତିରେ ସୋର ଥାନାଧିକାରୀଙ୍କୁ ମାଡ଼ ମାରିବା ଘଟଣାରେ ସୋର ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ରବିବାର ରାତିରେ ଏସିଆ କପ ଫାଇନାଲ ମ୍ୟାଚ ଚାଲିଥିବା ବେଳେ କୋର୍ଟ ସମ୍ମୁଖ ତାରିଣୀ ମନ୍ଦିର ସମ୍ମୁଖରେ ରାସ୍ତା ଅବରୋଧ କରି ନିର୍ଦ୍ଦିଷ୍ଟ ଏକ କ୍ଲବର ଯୁବକ ମାନେ ଏଲଇଡି ଲଗାଇ ମ୍ୟାଚର ସିଧା ପ୍ରସାରଣ କରୁଥିଲେ।ଏହି ସମୟରେ ସୋର ଥାନାଧିକାରୀ ସୁଦୀପ୍ତ କୁମାର ସାହୁ ପେଟ୍ରୋଲିଂ କରୁଥିବା ବେଳେ ସେଠାରେ ପହଞ୍ଚି ରାସ୍ତା ଅବରୋଧ ହୋଇଥିବାରୁ ସମ୍ପୃକ୍ତ ଯୁବକମାନଙ୍କୁ ପ୍ରଶ୍ନ କରିଥିଲେ ଏବଂ ଥାନାଧିକାରୀ ନିଜ ମୋବାଇଲରେ ଘଟଣାକୁ ରେକର୍ଡିଂ କରିଥିଲେ। ଏହି ସମୟରେ ଜଣେ ଯୁବକ ତାଙ୍କ ମୋବାଇଲକୁ ଆଣି ଥାନାଧିକାରୀଙ୍କ ମୁହଁ ନିକଟରେ ଦେଖାଇବାରୁ ଥାନାଧିକାରୀ ଶ୍ରୀ ସାହୁ ତାଙ୍କ ହାତକୁ ଠେଲି ଦେବା ଫଳରେ ଯୁବକଙ୍କ ହାତରୁ ମୋବାଇଲଟି ଗଳି ପଡିଥିଲା।ଏଥିରେ ଉତକ୍ଷିପ୍ତ ହୋଇ ଯୁବକ ଜଣଙ୍କ ଥାନାଧିକାରୀଙ୍କୁ ମାଡ଼ ମାରିବା ପରେ ଉପସ୍ଥିତ ଥିବା କିଛି ଯୁବକ ଥାନାଧିକାରୀ ଏବଂ ଏଏସଆଇ ସମୀର ବେହେରାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସମୀର ବେହେରା ଗୁରୁତର ଆହତ ହେବା ସହିତ ଥାନାଧିକାରୀ ସୁଦୀପ୍ତ ସାହୁ ଆହତ ହୋଇଥିଲେ। ପରେ ପୁଲିସ ଆକ୍ରମଣ କାରି ଯୁବକଙ୍କୁ ଉଠାଇ ଆଣି ମେଡିକାଲରେ ଭର୍ତ୍ତି କରିବା ସହିତ ବିଳମ୍ବିତ ରାତିରେ ଖଣ୍ଡାସାହି ଗ୍ରାମର ଚନ୍ଦନ ଧଡ଼ା, ପ୍ରମୋଦ ଧଡ଼ା, ଦୀନବନ୍ଧୁ କାହାଳି ଏବଂ ଶିବ ବେହେରା ପୁଲିସ ରାତିରେ ଉଠାଇ ଆଣି ପଚରା ଉଚରା କରିଥିଲା। ସୋମବାର ଦିନ ଏ ବାବଦରେ ପୁଲିସ ଥାନାରେ ୭୯୧/୨୫ ରେ ଏକ ମାମଲା ରୁଜୁ ସମସ୍ତଙ୍କୁ ଗିରଫ କରିଥିଲା।ଅପରାହ୍ନରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଦେଶୀମଦ ଜବତ, ଜଣେ ଗିରଫ

ବେତନଟୀ ,(ସବ୍ୟୁ):ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ମାଣତ୍ରୀ ଫାଣ୍ଡି ଅଧୀନ ବିଜିପୁର ଗ୍ରାମରେ ଚଢ଼ାଉ କରି ୧୦ଲି. ଦେଶୀ ଜବତ କରିଥିବା ବେଳେ ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରିଛି ପୁଲିସ । ପ୍ରାପ୍ତ ସୂଚନା ମୁତାବକ ସୋମବାର ସନ୍ଧ୍ୟାରେ ବୈଶିଙ୍ଗା ପୁଲିସ ପେଟ୍ରୋଲିଂ କରୁଥିବା ସମୟରେ ବିଶସ୍ତ ସୂତ୍ରରୁ ଖବର ପାଇ ବିଜିପୁର ଗ୍ରାମର ମଙ୍ଗୁଲି ସିଂ (୩୮) ଙ୍କ ଘରେ ଚଢାଉ କରିଥିଲା । ସେ ମଦ ବିକ୍ରି କରୁଥିବା ବେଳେ ମାଡ଼ି ବସିଥିଲା ପୁଲିସ । ତାଙ୍କ ନିକଟରୁ ୧୦ଲି ଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରି ଥାନାକୁ ନେଇ ଆସିଥିଲେ। ଏନେଇ ଏକ ମାମଲା ରୁଜୁ କରି ତାଙ୍କୁ ନୋଟିସ ଜରିଆରେ ଛଡା ଯାଇଥିବା ଜଣାଯାଇଛି ।

# ଦୁର୍ଘଟଣାରେ ଅତିରିକ୍ତ ଥାନା ଅଧିକାରୀଙ୍କ ମୃତ୍ୟୁ

ଭଦ୍ରକ,(ସବ୍ୟୁ): : ସଡ଼କ ଦୁର୍ଘଟଣାରେ ଚାଲିଗଲା ଅତିରିକ୍ତ ଥାନାଧିକାରୀଙ୍କ ଜୀବନ। ୧୬ ନମ୍ବର ଜାତୀୟ ରାଜପଥ କୁଆଖିଆ ଓଭରବ୍ରିଜ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଭଦ୍ରକ ପୁରୁଣାବଜାର ଥାନାରେ କାର୍ଯ୍ୟରତ ଅତିରିକ୍ତ ଥାନାଅଧିକାରୀ ବବ୍ରୁବାହାନ ନାୟକଙ୍କ ମୃତ୍ୟୁ ହୋଇଯାଇଛି। ନିଜ ପୁଅ ସହ ସେ କଟକରୁ ଫେରୁଥିବା ବେଳେ ରବିବାର ବିଳମ୍ବିତ ରାତି ୨ଟା ସମୟରେ ଦୁର୍ଘଟଣା ଘଟିଥିଲା। ଘଟଣା ସ୍ଥଳରେ ଶ୍ରୀ ନାୟକଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ହୋଇ କଟକ ମେଡ଼ିକାଲରେ ଚିକିତ୍ସିତ ହେଉଛି।ଅସୁସ୍ଥ ଅନୁଭବ କରିବାରୁ ନିଜ ପରିବାର ସହ ସେ ରବିବାର ସକାଳୁ କଟକ ଯାଇଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ପରିବାର ସହ ପୂଜା ମାର୍କେଟିଙ୍ଗ ମଧ୍ୟ କରିଥିଲେ। ପରେ ପରିବାର ଲୋକଙ୍କୁ କାରରେ ପଠାଇ ବାପ ପୁଅ ସାଙ୍ଗରେ ବାଇକରେ ଆସୁଥିବା ବେଳେ କୁଆଖିଆ ନିକଟରେ ଦୁର୍ଘଟଣା ଘଟିଥିଲା। ଘଟଣାକୁ ନେଇ ପରିବାର ତଥା ପୁଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି। ଭଦ୍ରକ ଚାନ୍ଦବାଲି ଥାନାରେ ଏସଆଇ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ନାୟକ ଗତ କିଛି ଦିନ ପୂର୍ବରୁ ଆଇଆଇସି ଭାବେ ପଦୋନ୍ନତି ପାଇ ଭଦ୍ରକ ପୁରୁଣାବଜାର ଥାନାରେ ଅତିରିକ୍ତ ଆଇଆଇସି ଭାବେ ନିଯୁକ୍ତ ହୋଇଥିଲେ।ତାଙ୍କ ମୃତ୍ୟୁ ଭଦ୍ରକ ପୁଲିସ ବିଭାଗରେ ଶୋକ ପ୍ରକାଶ ପାଇଛି। ମୃତ ଶ୍ରୀ ନାୟକଙ୍କ ନିଜ ଘର କେନ୍ଦୁଝରଜିଲ୍ଲା ପାଟଣା ଅଞ୍ଚଳରେ ବୋଲି ଜଣାପଡିଛି।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନରେ ଗଳ୍ପ ସାହିତ୍ୟ ଚର୍ଚ୍ଚା

ବାଲେଶ୍ୱର,(ସବ୍ୟୁ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଆଧୁନିକ ଓଡ଼ିଆ ଗଳ୍ପସାହିତ୍ୟ ସଂପର୍କରେ ଏକ ଚର୍ଚ୍ଚା ଆସର ଅନୁଷ୍ଠାନର ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଚର୍ଚ୍ଚା ଆସରକୁ ଉଦ୍‌ଘାଟନ କରି ଓଡ଼ିଆର ଜଣେ ବରିଷ୍ଠ ଗାଳ୍ପିକ ତଥା ସାରଳା ପୁରସ୍କାରପ୍ରାପ୍ତ ଶ୍ରୀମ ପୃଷ୍ଟିକର ଅଶ୍ରୁ ଅର୍ଜୁନ ପୁଷ୍ଟି ଗୁଣାଢ୍ୟଙ୍କ ବୃହତ୍‌କଥା, ସୋମଦେବଙ୍କ କଥାସରିତ ସାଗର ଓ ବିଷ୍ଣୁଶର୍ମାଙ୍କ ପଞ୍ଚତନ୍ତ୍ର କଥାବସ୍ତୁକୁ ମୂଳଦୁଆ କରି ସଂସ୍କୃତ ସାହିତ୍ୟ ଓ ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟର ଗଳ୍ପ ବିଭାଗ ସମୃଦ୍ଧ ହୋଇପାରିଛି ବୋଲି ବକ୍ତବ୍ୟ ରଖିଥିଲେ। ଫକୀରମୋହନଙ୍କ ବିଭିନ୍ନ ଗଳ୍ପକୁ ଆଲୋଚନା କରି ତାହାର ଗୁରୁତ୍ୱ ମଧ୍ୟ ପ୍ରତିପାଦନ କରିଥିଲେ। ଗାଳ୍ପିକା ଦେବଯାନୀ ଦାସ ଓଡ଼ିଆ ଗଳ୍ପସାହିତ୍ୟର ବିଶାଳତ୍ୱ ଓ ଶୈଳୀ ସଂପର୍କରେ ଆଲୋଚନା କରିବା ସଙ୍ଗେସଙ୍ଗେ ସାଂପ୍ରତିକ ଗଳ୍ପସମୂହର ଭିତ୍ତିଭୂମିର ଗଠନ ପ୍ରକ୍ରିୟା ଉପରେ ଚର୍ଚ୍ଚା କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବପୁରସ୍କାରପ୍ରାପ୍ତ ଗାଳ୍ପିକ ସଂଜୟ କୁମାର ପଣ୍ଡା ମଧ୍ୟ ଓଡ଼ିଆ ଗଳ୍ପ ପୁସ୍ତକର ଗହଣରେ ସବ ସମାନ ଭାବରେ ରହି କରି ସମୃଦ୍ଧ ହୋଇପାରିଛି ବୋଲି ମନ୍ତବ୍ୟ ଦେବା ସହିତ ନିଜର ଗଳ୍ପରଚନାର ଶୈଳୀ ସଂପର୍କରେ ଆଲୋଚନା କରିଥିଲେ। କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିବା ସଙ୍ଗେସଙ୍ଗେ ଗଳ୍ପ ସଂପର୍କିତ ଚର୍ଚ୍ଚା ଆମର ଗଳ୍ପରଚନା ପ୍ରବୃତ୍ତିକୁ ବଳିଷ୍ଠ କରିବ ବୋଲି ପ୍ରକାଶ କରିଥିଲେ। ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଓ ଜୁମରନାଥ ପାତ୍ର କେତେଜଣ ଗାଳ୍ପିକ ଓ ଗାଳ୍ପିକାଙ୍କର ଗଳ୍ପଗୁଡ଼ିକୁ ସ୍ୱକୀୟ ଶୈଳୀରେ ସଂଯୋଜନା କରିଥିଲେ। ଆସରରେ ପ୍ରଭାକର ସାହୁ, ରାଜେନ୍ଦ୍ରନାଥ ରାଉତ, ବିଜୟ କୁମାର ଦାସଅଧିକାରୀ, ବିଜୟ କୁମାର ମହାନ୍ତି, ଦ କରୁଣାକର ସ, ଡ. ରମାକାନ୍ତ ନାୟକ, ମଦନମୋହନ ସାହୁ, ତ୍ରିନାଥ ନନ୍ଦୀ, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବନ ବିଭାଗ କଲା ଅସୁସ୍ଥ ମାଖନ ହାତୀର ଚିକିତ୍ସା

କେନ୍ଦୁଝର, (ଜିପ୍ର): କେନ୍ଦୁଝରଜିଲ୍ଲା ତେଲକୋଇ ରେଞ୍ଜ ଟିମ୍ବଳ ଫରେଷ୍ଟ ସେକ୍ସନ ବନ୍ଧନଗରୀ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ପୁରୁଷୋତ୍ତମପୁର ଜଙ୍ଗଲରେ ଏକ ଅସୁସ୍ଥ ମାଖନ ହାତୀ ୪/୫ ଦିନ ହେଲାଣି ଘୁରି ବୁଲୁଥିବା ଜଣାପଡ଼ିଛି। ହାତୀଟିର ଆଗ ବାମ ଗୋଡ଼ରେ ଆଘାତ ଲାଗିଥିବାରୁ ସେ ଠିକ ଭାବେ ଚାଲିପାରୁନଥିଲା। ଦନ୍ତାହାତୀ ଆକ୍ରମଣରେ ତା'ର ଗୋଡରେ ଜଖମ ହେବାରୁ ଠିକ ଭାବେ ଚଳପ୍ରଚଳ କରି ପାରୁନଥିଲା। ରବିବାର ଠାରୁ ଚିକିତ୍ସାକାରୀ ଦଳ ଚିକିତ୍ସା କରିଛନ୍ତି। ହାତୀଟି ସୁସ୍ଥ ହୋଇଯିବ,ତା'ଦେହରେ କୌଣସି ଗୁଳି ବାଜି ନାହିଁ ବୋଲି କେନ୍ଦୁଝର ଡିଏଫଓ ଧନରାଜ ଏଚଡି ପ୍ରକାଶ କରିଛନ୍ତି।

# ମଦ କାରଖାନା ଉପରେ ମିଳିତ ଚଢ଼ାଉ

ବେତନଟୀ ,(ସବ୍ୟୁ): ପାର୍ବଣ ଋତୁ ଚାଲୁଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ଅଧୀନରେ ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଦେଶୀ ଓ ବିଦେଶୀ ମଦ ଜବତ କରାଯାଉଛି । ସେହିଭଳି ବେତନଟୀ ଅବକାରୀ ଥାନା ପକ୍ଷରୁ ସୋମବାର ସକାଳ ୮ ଟାରେ ବଡ଼ସାହି ଥାନା ଅଧୀନ ଅସ୍ତଝରଣ ଠାରେ ଚାଲିଥିବା ଚୋରା ଦେଶିମଦ କାରଖାନା ଉପରେ ମିଳିତ ଭାବରେ ଚଢାଉ କରାଯାଇ ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଗୁଡିକୁ ଜବତ ପୂର୍ବକ ନଷ୍ଟ କରିଦିଆଯାଇଛି । ପ୍ରାପ୍ତ ସୂଚନା ମୁତାବକ ବିଶ୍ୱସ୍ଥ ସୂତ୍ରରୁ ଖବର ପାଇ ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ହୋଇଥିବା ଚଢାଉରେ ଉଦଳା ରେଞ୍ଜ ଇନସ୍ପେକ୍ଟର ସଞ୍ଜୟ କୁମାର କାଣ୍ଡି ,ଖୁଣ୍ଟା ଅବକାରୀ ଥାନା ଅଧିକାରୀ ମମତା କୁମାରୀ ଦାଶ , ଉଦଳା ଅବକାରୀ ଥାନାଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ ପ୍ରମୁଖ ସଦଳବଳେ ବଡସାହି ଥାନା ଅଧୀନ ବାମଡ଼ା ଠାରେ ଚାଲିଥିବା ଚୋରା ଦେଶିମଦ କାରଖାନା ଉପରେ ଚଡାଉ କରାଯାଇ ୧୪ ହଜାର ୫୦୦ଶହ କେଜି ମହୁଲରେ ପୋଚ, ଚୋରାଚାଲାଣ ନିମନ୍ତେ ପ୍ରସ୍ତୁତକରି ରଖାଯାଇଥିବା ୮ଶହ ୬୦ଲିଟର ରନ୍ଧାମଦ ଜବ ଜବତ ପୂର୍ବକ ନଷ୍ଟ କରାଯାଇଥିଲା । ଏଥିସହି ଏହିତ ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ଗୁଡିକୁ ଭାଙ୍ଗିରୁଜି ନଷ୍ଟ କରାଯାଇଥିବା ବେଳେ ଘଟଣାସ୍ଥଳରୁ କିଛି ପ୍ଲାଷ୍ଟିକ ଡ୍ରମ ଏବଂ ଆଲୁମିନିୟମ ଡେକଚି ଜବତ କରାଯାଇଥିଲା । ଚଢାଉ ସମୟରେ ମଦ ମାଫିଆମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇ ଚମ୍ପଟ ମାରିଥିଲେ । ଏ ନେଇ ଅବକାରୀ ବିଭାଗ ତରଫରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ନେଇ ଥାନାଧିକାରୀ ଶ୍ରୀବେହେରା ପ୍ରକାଶ କରିଛନ୍ତି।

# ଓସିଏସ ପରୀକ୍ଷାରେ ରୂପେଶ ରାଉତଙ୍କ ୧୨୬ ର୍ୟାଙ୍କ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବାଲିପୋଖରୀ ପଞ୍ଚାୟତ କୁମ୍ଭାରିଆ ନୂଆସାହିର ରୂପେଶ କୁମାର ରାଉତ ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ୧୨୬ତମ ସ୍ଥାନ ହାସଲ କରି ଗ୍ରାମକୁ ଗୌରବାନ୍ୱିତ କରିଥିବା ଜଣାଯାଇଛି। ଏମବିଏ ପଢ଼ିଥିବା ରୂପେଶ ପିତା ରମେଶ ବାବୁ ଜଣେ ଲୋକପ୍ରିୟ ପ୍ରଶାସନିକ ଅଧିକାରୀ ଥିଲେ। ତାଙ୍କର ଏହି କୃତିତ୍ୱ ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

# ମଦ ଭାଟି ଭାଙ୍ଗିଲେ ମହିଳା

ଅସୁରାଳି,(ସବ୍ୟୁ): ଚୋରା ଦେଶୀ ମଦ ପ୍ରସ୍ତୁତିକୁ ନେଇ ଧାମନଗର ବ୍ଲକ ଧୂଷୁରୀ ଥାନା ଅନ୍ତର୍ଗତ ମଙ୍ଗଳପୁରରେ ସୋମବାର ଦିନ ଉତ୍ତେଜନା ଦେଖିବା ପାଇଁ ମିଳିଛି।ଏହି ଘଟଣାରେ ସମବେତ ମହିଳାମାନେ ଚୋରା ମଦ ଭାଟିରେ ଚଢ଼ାଉ କରି ଭଙ୍ଗାରୁଜା କରିବା ସହ ପ୍ରସ୍ତୁତ ସାମଗ୍ରୀ ନଷ୍ଟ କରିଛନ୍ତି।ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।ଖପରପଦା ପଞ୍ଚାୟତର ମଙ୍ଗଳପୁର ଗାଁରେ କେତେକ ଅସାମାଜିକ ବ୍ୟକ୍ତି ବେଆଇନ ଭାବେ ଦେଶୀ ମଦ ତିଆରି କରି ବିକ୍ରି କରୁଥିବାରୁ ଦୈନିକ ଗାଁକୁ ବିଭିନ୍ନ ଲୋକ ଆସୁଛନ୍ତି।ମଦ ପ୍ରସ୍ତୁତି ବନ୍ଦ କରିବା ପାଇଁ କିଛିଦିନ ତଳେ ଗ୍ରାମବାସୀ ଏକ ବୈଠକରେ ନିଷ୍ପତ୍ତି ନେଇଥିଲେ ଏବଂ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ମଦ ବେପାରୀଙ୍କୁ ତାଗିଦ କରାଯାଇଥିଲା।ଅଳ୍ପ ଦିନ ପରେ ଦୁଇ ଜଣ ଯୁବକ ପୁଣିଥରେ କପାଳି ନଦୀ କୂଳରେ ନିଷ୍ପତ୍ତିକୁ ଫୁ କରି ଦେଶୀ ମଦ ତିଆରି କରୁଥିବା ଜଣାପଡିବା ପରେ ସୋମବାର ସକାଳୁ ମଙ୍ଗଳପୁର ଗାଁରେ ଚାପା ଉତ୍ତେଜନା ଦେଖା ଦେଇଥିଲା।ଗାଁର ୩୦ରୁ ଅଧିକ ମହିଳା ଏକଜୁଟ ହୋଇ କପାଳି କୂଳରେ ଥିବା ମଦ ମରା ସ୍ଥାନରେ ପହଞ୍ଚି ଭଙ୍ଗାରୁଜା କରିଥିଲେ।ମଦ ପ୍ରସ୍ତୁତି ଓ ବିକ୍ରି ବନ୍ଦ ଦାବି କରି ମଙ୍ଗଳପୁର ଗ୍ରାମର ମହିଳାମାନେ ଖୁବଶୀଘ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଦେବାକୁ କହିଛନ୍ତି ।

# ବିଦ୍ୟୁତ ଆଘାତରେ ଜଣେ ମୃତ, ଦୁଇ ଗୁରୁତର

ଆନନ୍ଦପୁର,(ସବ୍ୟୁ)କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳରେ ଅଘଟଣ ଘଟିଛି।୨୦ ନଂ ଜାତୀୟ ରାଜପଥ ଘସିପୁରାର ଏକ ହୋଟେଲ ନିକଟରେ ଅବବା ଏକ ଗୋଦାମ ଘରେ ଅନଲାଇନ ଅର୍ଡରର ସାମଗ୍ରୀ ଗାଡ଼ିରୁ ଅନଲୋଡ଼ ବେଳେ ଟ୍ରକର ଡୋର ଖୋଲିଯିବାରୁ ନିକଟରେ ଥିବା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଗାଡିଟି ଆସି ଯାଇଥିଲା।ଫଳରେ ଅନଲୋଡ଼ିଙ୍ଗ କରୁଥବବା ୩ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ସୁଶାନ୍ତ କୁମାର ଦାସ(୨୪) ଜଷର ଯୁବକଙ୍କୁ ମୃତ୍ୟୁ ଘୋଷଣା କରାଯାଇଥିଲା । ତାଙ୍କ ଘର ମଙ୍ଗଳପୁରରେ ବୋଲି ଜଣାଯାଇଛି। ଦୁଇ ଗୁରୁତର ହେଲେ ପଦ୍ମପୁରର କବିନ୍ଦ୍ର ଦାସ ଓ ଫକୀରପୁରର ରଞ୍ଜନ କୁମାର ଶର୍ମା ବୋଲି କ୍ଲାଯାଇଛି।

# ଚମ୍ପୁଆ ରେଞ୍ଜକୁ ଫେରିଲେ ୩୦ ଟିକିଆ ହାତୀପଲ, ଭାଙ୍ଗିଲେ ଘର

କେନ୍ଦୁଝର,(ଜିପ୍ର): କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜକୁ ପୁଣି ଫେରିଛନ୍ତି ୩୦ ଟିକିଆ ହାତୀପଲ। ଏନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ହାତୀପଲ ଆସୁଆସୁ ମାଳିପଶି ଗାଁରେ ପଶି ୩ଟି ଘର ଭାଙ୍ଗି ଦେଇଥିବା ବେଳେ ଧାନଚାଉଳ ଖାଇ ବ୍ୟାପକ କ୍ଷୟକ୍ଷତି କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳରୁ ହାତୀପଲକୁ ଘଉଡାଇ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।ସୂଚନା ଯୋଗ୍ୟ, ହାତୀପଲରେ ୧୨ଟି ମାଈ ହାତୀ ଥିବା ବେଳେ ୧୧ଟି ଦନ୍ତା ଏବଂ ୭ଟି ଛୁଆ ହାତୀ ଥିବା ଜଣାପଡିଛି।

# ଦୁଇ ବାଲି ବୋଝେଇ ହାଇୱା ଜବତ

ଆଗରପଡ଼ା,(ସବ୍ୟୁ): ଆଗରପଡ଼ା ଥାନାଧିକାରୀ ଦେବରାଜ ଜେନା କୌଣସି ସୂତ୍ରରୁ ଖବର ପାଇ ୨ଟି ବାଲି ବୋଝେଇ ହାଇୱାକୁ ଜବତ କରିବା ସହ ସଂପୃକ୍ତ ୨ ଡ୍ରାଇଭରଙ୍କ ନାଆଁରେ ମାମଲା ରୁଜୁ କରିଥିବାର ଜଣାପଡ଼ିଛି। ଏହି ସଂପର୍କରେ ୧୭୦/୨୫ ରେ ମାମଲା ରୁଜୁ କରି ଥାନାଧିକାର ଶ୍ରୀ ଜେନା ଅଧିକ ତଦନ୍ତ ଜାରୀ ରଖିଛନ୍ତି। ଆଗରପଡ଼ା ଜନ ଗହଳିପୂର୍ଣ୍ଣ ମାର୍କେଟରେ ଦୁଇଟି ହାଇୱା ବାଲି ବୋଝେଇ କରି ଦୃତ ଗତିରେ ଯାଉଥିଲା। ଥାନାଧିକାରୀ ଶ୍ରୀ ଜେନା ହାଇୱା ଦୁଇଟିକୁ ଅଟକାଇ ତନଖି କରିବା ପରେ ଆବଶ୍ୟକୀୟ କାଗଜପତ୍ର ଡ୍ରାଇଭର ଦେଖାଇ ପାରି ନ ଥିଲେ। ସୂଚନାଯୋଗ୍ୟ , ସ୍ଥାନୀୟ ଜନଗହଳି ପୂର୍ଣ୍ଣ ମୁଖ୍ୟ ବଜାର ଦେଇ ପ୍ରତିଦିନ ଚୋରାରେ ବାଲି, ଚିପ୍ସ ଆଦି ଭାରୀ ଯାନ ଗୁଡ଼ିକ ବିଶେଷକରି ଦିନରେ ଚଳାଚଳ କରୁଥିବାରୁ ଦୁର୍ଘଟଣାମାନ ଘଟୁଥିବାର ଅଭିଯୋଗ ହେଉଛି।

# ଦୁଇ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବାଣ ଜବତ, ଜଣେ ଗିରଫ

ନୀଳଗିରି,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଞ୍ଚଳରେ ବେଆଇନ ଭାବରେ ତିଆରି ହୋଇଥିବା ଲକ୍ଷ ଲକ୍ଷ ଟଙ୍କାର ବାଣ ଜବତ କରିବା ସହିତ ପୋଲିସ ଜଣକୁ ଗିରଫ କରିଥିବା ଜଣାପଡ଼ିଛି। ଅଟକ ହୋଇଥିବା ଯୁବକ ଜଣକ ହେଲେ ନୀଳଗିରି ଥାନା ଅଧିନ ଇଶ୍ୱରପୁର ପଞ୍ଚାୟତର ବାଇଧର ଜେନା (୫୮)। ଆଗକୁ ପାର୍ବଣ ଋତୁ ଥିବାରୁ ବାଣ ପ୍ରସ୍ତୁତ କରି ବିକ୍ରି କରିବା ପାଇଁ ବାଣ ତିଆରି କରୁଥିଲେ। ନୀଳଗିରି ଏସ.ଡି.ପି.ଓ ପ୍ରମୋଦ କୁମାର ମଲ୍ଲିକ କୌଣସି ସୂତ୍ରରୁ ଖବର ପାଇବା ପରେ ତାଙ୍କ ନିର୍ଦ୍ଦେଶ ରେ ନୀଳଗିରି ଥାନା ଆଇ.ଆଇ.ସି ଗୋର୍ବଦ୍ଧନ ନାୟକଙ୍କ ନେତୃତ୍ୱରେ ଏସ.ଆଇ ବିକାଶ ଭୋଇ ସଦଳବଳ ନେଇ ବାଣ ତିଆରି ସ୍ଥାନ ଉପରେ ଅଚାନକ ଚଢ଼ାଉ କରି ବାଣ ସହ ଉକ୍ତ ଯୁବକ ଙ୍କୁ ଗିରଫ କରିଛନ୍ତି। ଜବତ ହୋଇଥିବା ବାଣର ମୂଲ୍ୟ ଦୁଇ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏନେଇ ନୀଳଗିରି ଥାନା ପକ୍ଷରୁ କେଶ୍ ନମ୍ବର ୩୮୦/୨୫ରେ ମାମଲା ରଜୁ କରି ଯୁବକକୁ ଗିରଫ କରିବା ପରେ ପୋଲିସ ଘଟଣାର ଅଧିକ ତଦନ୍ତ କରୁଥିବାର ଜଣା ପଡ଼ିଛି।

# ରାସ୍ତା କଡ଼ରୁ ମିଳିଲା ଯୁବକଙ୍କ ମୃତଦେହ

କେନ୍ଦୁଝର, (ଜିପ୍ର) : କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ସାହାରପଡା ମାଟିଆଗୁନି ରାସ୍ତାର କଲେଜ ନିକଟ ରାସ୍ତା କଡ଼ ବିଲରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଠାକୁରମୁଣ୍ଡା ଥାନା ଜଡ଼ିବିଲ ଗ୍ରାମର ବିରଞ୍ଚି ନାରାୟଣ ମହାନ୍ତ (୪୦) ବୋଲି ଜଣାପଡ଼ିଥିବା ବେଳେ ସେ ଭୁବନେଶ୍ୱର ରେ ରହୁଥିବାଲେ। କେହିତାଙ୍କୁ ହତ୍ୟା କରି ମୃତଦେହକୁ ଏଠାରେ ଫିଙ୍ଗିଦେଇ ଚାଲିଯାଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ସାହାରପଡା ଫାଣ୍ଡି ଅଧିକାରୀ ପାତ୍ର ଓରାମ ଓ ପାଟଣା ଥାନା ଏସଆଇ ଲକ୍ଷ୍ମଣ ମାଝି ପହଞ୍ଚି ମୃତଦେହକୁ ଜବତ କରି ଘଟଣାର ତଦନ୍ତ କରୁଛନ୍ତି।

# ବରିଷ୍ଠ ସମ୍ପାଦକ ବସନ୍ତ ପାଣିଗ୍ରାହୀଙ୍କ ପରଲୋକ

ବାଲେଶ୍ୱର,(ସବ୍ୟୁ):ବାଲେଶ୍ୱର ସହରର ଅରଡବଜାରରୁ ପ୍ରକାଶ ପାଉଥିବା ସାପ୍ତାହିକ ସମ୍ବାଦପତ୍ର ଲାଇଟ୍‌ର ସମ୍ପାଦକ ବସନ୍ତ ପାଣିଗ୍ରାହୀ(୭୦)ଙ୍କର ପରଲୋକ ହୋଇଯାଇଛି । ଶ୍ରୀ ପାଣିଗ୍ରାହୀ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧିନ ଥିବାବେଳେ କୋମା ଅବସ୍ଥାକୁ ଚାଲିଯାଇଥିଲେ । ଦୀର୍ଘଦିନର ଅସୁସ୍ଥତା ପରେ ଶୁକ୍ରବାର ସକାଳ ସମୟରେ ତାଙ୍କର ପରଲୋକ ଘଟିଥିଲା । ସ୍ୱର୍ଗତଃ ପାଣିଗ୍ରାହୀଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଶେଷକୃତ୍ୟ କରାଯାଇଥିବା ଜଣାଯାଏ। ୧୯୮୦ ମସିହା ଠାରୁ ପ୍ରକାଶ ପାଉଥିବା ଲାଇଟ୍ ସମ୍ବାଦପତ୍ର ଚର୍ଚ୍ଚାର ପରିସର ମଧ୍ୟରେ ରହିଥିଲା । ସ୍ୱର୍ଗତଃ ପାଣିଗ୍ରାହୀଙ୍କ ପରଲୋକ ଘଟଣା ସାମ୍ବାଦିକଙ୍କ ମହଲରେ ଶୋକରଛାୟା ଖେଳାଇ ଦେଇଛି ।

# ଅଜଣା ମହିଳାଙ୍କ ଶବ ଉଦ୍ଧାର

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ଆସାମ ଅଏଲ ପ୍ରେଟୋଲ ପମ୍ପ ନିକଟରୁ ସୋମବାର ସକାଳେ ଜଣେ ଅଜଣା ମହିଳାଙ୍କ ଶବ ପୁଲିସ ଉଦ୍ଧାର କରିଛି। ମୃତ ମହିଳାଙ୍କ ବୟସ ୫୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଶବ ନିକଟରେ ପଡିଥିବା ଏକ ନୀଳ ରଙ୍ଗର ଟି ସାର୍ଟ କୁ ପୁଲିସ ଜବତ କରିଛି। ସେହି ସ୍ଥାନରେ ବ୍ୟବସାୟ କରୁଥିବା ଧାମନଗର ଥାନା ଖଡିପଦା ଗ୍ରାମର ସଞ୍ଜୟ ସାହୁଙ୍କ ଅଭିଯୋଗ କ୍ରମେ ଥାନାରେ ୨୦/୨୦୨୫ନଂ ଅପମୃତ୍ୟୁ ମାମଲା ରଜୁ ହୋଇ ବ୍ୟବଚ୍ଛେଦ ପାଇଁ ଶବ ଭଦ୍ରକ ପଠାଯାଇଛି। ଅଭିଯୋଗ ଅନୁଯାୟୀ ସଞ୍ଜୟ ପୂର୍ବଦିନ ସନ୍ଧ୍ୟାରେ ସଂପୃକ୍ତ ମହିଳାଙ୍କୁ ବୁଲାବୁଲି କରୁଥିବା ଦେଖିଥିଲେ। ମହିଳା ଜଣକ ବିକୃତ ମସ୍ତିଷ୍କ ଭଳି ଅନୁଭବ କରାଯାଉଥିଲା। ସୋମବାର ସକାଳେ ସେହି ମହିଳା ଉଲଗ୍ନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡିଥିଲା। ସଂପୃକ୍ତ ମହିଳାଙ୍କ ପରିଚୟ ଜଣାପଡିନାହିଁ।

# ସହରରେ ନକଲି ସାର ତିଆରି କାରଖାନା ଠାବ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସହରରେ ନକଲି ସାର ତିଆରି କାରଖାନା ଠାବ କରାଯାଇଛି। ସେଠାରେ ୧୬୫ ବସ୍ତା ପଟାସ ସାର, କିଛି ରଙ୍ଗ, ଲୁଣ ବସ୍ତା, ଓଜନ ମେସିନ, ସିଲାଇ ମେସିନ, ନକଲି ବସ୍ତା ଆଦି ଜବତ କରାଯାଇଛି । ଦୀର୍ଘ ଦିନ ଧରି ନକଲି ସାର କାରଖାନା ଚାଲିବା ସମସ୍ତଙ୍କୁ ଚକିତ କରିଛି ।୩୧ ନମ୍ବର ୱାର୍ଡ (ଖାତା ନଂ ୪୪୫/୧୨୦୭, ପ୍ଲଟ ନଂ ୩୧) ରେ ଏହି କାରଖାନା ଚାଲିଥିବା କୃଷି ବିଭାଗକୁ ସୂଚନା ମିଳିଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତ ତୁଙ୍ଗଙ୍କ ନିର୍ଦ୍ଦେଶକ୍ରମେ ସଦର ଏଡିଓ ସରୋଜ କୁମାର ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ତଦନ୍ତ ଆରମ୍ଭ କରିଥିଲେ। ଶ୍ରୀ ଜେନା ସହଦେବଖୁଣ୍ଟା ପୁଲିସ୍ ସହାୟତାରେ ଅପରାହ୍ନ ୨ଟା ୧୦ରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଏହି ଟିମ୍ ପହଞ୍ଚିବା ପୂର୍ବରୁ ନକଲି ସାର ପ୍ରସ୍ତୁତ କରୁଥିବା ଲୋକେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେଠାରେ ଏହି ଟିମ୍ ୬୫ ବସ୍ତା ଲୁଣ, ୩୦ କିଗ୍ରାରୁ ଉର୍ଦ୍ଧ୍ୱ ନାଲି ରଙ୍ଗ ଆଦି ଜବତ କରିଥିଲେ। ସେଠାରେ ନକଲି ପଟାସ ତିଆରି ହୋଇ ବାହାରକୁ ଚାଲାଣ ପାଇଁ ସମସ୍ତ ବ୍ୟବସ୍ଥା ଥିବା ଦେଖିବାକୁ ମିଳିଥିଲା। ପରେ ଜାଗାର ମାଲିକ କେଶବ ରଞ୍ଜନ ଗିରିଙ୍କୁ ଏନେଇ ପଚାରିବାକୁ ଉଦ୍ୟମ କରିଥିଲେ। ତେବେ ଶ୍ରୀ ଗିରି ଘରେ ନ ଥିବା ତାଙ୍କ ପତ୍ନୀ କହିଥିଲେ। ପରେ ଏହି ଟିମ୍ ଘଟଣାସ୍ଥଳରୁ ୧୬୫ କିଲୋ ପଟାସ ସାର ସହ ଅନ୍ୟ ସମସ୍ତ ସାମଗ୍ରୀ ଜବତ କରିଥିଲେ। ଏଡିଓ ଶ୍ରୀ ଜେନାଙ୍କ କହିବା କଥା ଜବତ ପଟାସ ସାର ଓ ଅନ୍ୟ ସାମଗ୍ରୀକୁ ଦେଖିଲେ ତାହା ନକଲି ବୋଲି ଜଣାପଡୁଛି । ତେବେ ଏହାର ପରୀକ୍ଷା ପାଇଁ ଆମେ ନମୁନା ପଠାଇଛୁ। ନକଲି ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ନେବୁ । ଏହି ଜାଗା ଯେଉଁ ୫ ଜଣଙ୍କ ନାମରେ ଅଛି ସେମାନଙ୍କୁ ତଦନ୍ତ ପରିସରକୁ ଆଣିବୁ। ଏହାପରେ ଅନ୍ୟ ସବୁ ତଦନ୍ତ କରିବା ପାଇଁ ପୁଲିସ୍‌କୁ କହିବୁ ବୋଲି ସେ କହିଥିଲେ ।

# ଟିପିଏନଓଡିଏଲ ପକ୍ଷରୁ ଜାଗୃତି ସଚେତନତା ଶିବିର

ସୋର,(ସବ୍ୟୁ): ସୋର ପୌର ପାଳିକା ଅନ୍ତର୍ଗତ ମହିଳା ମହାବିଦ୍ୟାଳୟ ପରିସରରେ ବିଦ୍ୟୁତ ବିତରଣ ସଂସ୍ଥା ଟିପିଏନଓଡିଏଲ ପକ୍ଷରୁ ଜାଗୃତି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସର୍କଲର ଟିମ ଲିଡର (ଗ୍ରାହକସେବା) ଇଂ. କସ୍ତୁରୀ ତ୍ରିପାଠୀ, ସୋର ବୈଦ୍ୟୁତିକ ଶାଖାର ଗ୍ରାହକସେବା ଅଧିକାରିଣୀ ଇଂ.ରାଜଶ୍ରୀ ଜେନା ଏବଂ ମହିଳା ମହାବିଦ୍ୟାଳୟର ଅଧକ୍ଷା ଅଞ୍ଜଳି ମହାପାତ୍ର ଯୋଗଦେଇ ଛାତ୍ରୀ ମାନଙ୍କୁ ବିଦ୍ୟୁତର ସଠିକ ବ୍ୟବହାର,ସୁରକ୍ଷା, ଡିଜିଟାଲ ବିଲ ପୈଠ,ସୌର ଶକ୍ତି ଯୋଜନା, ଇ -ବିଲ, ବିଲ ପୈଠ ରିହାତି ବାବଦରେ ସଚେତନ କରାଇଥିଲେ।ଏହି କାର୍ଯ୍ୟକ୍ରମକୁ ମହିଳା ମହାବିଦ୍ୟାଳୟର କର୍ମଚାରୀ ଏବଂ ଟିପିଏନଓଡିଏଲର ସମସ୍ତ କର୍ମଚାରୀ ମାନେ ପରିଚାଳନା କରିଥିଲେ।

# ପିଏନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା



କେନ୍ଦୁଝର,(ସବ୍ୟୁ): କେନ୍ଦୁଝର ସହର ସ୍ଥିତ କରଞ୍ଜିଆ ବସ ଷ୍ଟାଣ୍ଡ ନିକଟ ପି ଏନଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତସମ୍ବର୍ଦ୍ଧନା କରାଯାଇଛି ।ଅନୁଷ୍ଠାନର ନିର୍ଦ୍ଦେଶକ ରାୟଗୁରୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅଧକ୍ଷ ଡକ୍ଟର କୁଳମଣି ପ୍ରଧାନ ,ମୁଖ୍ୟ ଅତିଥି ଭାବେ ସନ୍ତୋଷୀ ମା' ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ତଥା ଯୁବ ଜିଲ୍ଲା ସଂଯୋଜକ ହିମାଂଶୁ ଶେଖର ମହାନ୍ତ ଓ ସମ୍ମାନୀତ ଅତିଥି ଭାବେ ଭୀମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷା ବିଭାଗର ଅଧ୍ୟାପକ ତଥା ରେଡ଼କ୍ରସ ପରାମର୍ଶଦାତା ସନ୍ତୋଷ କୁମାର ସେନାପତି , ଚେମନା ଜିପି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ତଥା ଜୁନିଅର ପରାମର୍ଶ ଦାତା ତୃପ୍ତିମୟୀ ବାରିକ ଟ୍ରଷ୍ଟି ବିଶ୍ୱଜିତ ପାତ୍ର ଯୋଗ ଦେଇ ପିଲାମାନଙ୍କୁ ଶିକ୍ଷାର ବିକାଶ କିପରି ହୋଇପାରିବ ଓ ନୂତନ ଅନୁଷ୍ଠାନର ଲକ୍ଷ୍ୟ ଉପରେ ବୁଝାଇଥିଲେ। ସଭାପତି ଛାତ୍ରଛାତ୍ରମାନଙ୍କର ଶୃଙ୍ଖଳିତ ଶିକ୍ଷା ଉପରେ ଓ ଅନୁଷ୍ଠାନର ଆଦର୍ଶ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ପ୍ରାଚୀଶତୋ ଦାସ, ଅଧ୍ୟାପିକା ସ୍ନେହାଶ୍ରୀ ପୃଷ୍ଟି ପରିଚାଳନା କରିବାସହ ଛାତ୍ରଛାତ୍ରୀମାନଙ୍କର ଉଚ୍ଚକୋଟୀର ନୃତ୍ୟ, ସଂଗୀତ, ନାଟକ ପରିବେଷଣ ସମସ୍ତଙ୍କୁ ବାନ୍ଧି ରଖି ପାରିଥିଲା।ଏଥିରେ ଅଧାପିକା ପ୍ରତିଭା ମହାନ୍ତ, ଅଧାପିକା ଶୈଳେନ୍ଦ୍ରି ସେଠୀ, ଅଧାପିକା ଶୁଭଶ୍ରୀ ସାହୁ ସମେତ ଲକ୍ଷ୍ମୀଧର ସେଠୀ, ଶେଖର ବେହେରା, ସହଯୋଗ କରିଥିଲେ। ଶେଷରେ ପ୍ରାଚୀଶତୋ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଏଏସ୍ ପାଇଥିବା ସ୍ୱାତୀଦୀପାଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ,(ସବ୍ୟୁ): ଚଳିତବର୍ଷ ଓଏଏସ୍ ପରୀକ୍ଷାରେ ଭଦ୍ରକ ବ୍ଲକ୍ ଅଧୀନସ୍ଥ କଲେଇ ଞ୍ଚାୟତ ବଳଭଦ୍ରପୁରର ଛାତ୍ରୀ ସ୍ୱାତୀଦୀପା ରାଉତ(୨୩) ୪୬ ନଂ ର୍ୟାଙ୍କ ରଖି କୃତିତ୍ୱ ହାସଲ କରିଛନ୍ତି। ସ୍ୱାତୀଦୀପା ଭୁବନେଶ୍ୱରସ୍ଥିତ କଳିଙ୍ଗ ଆଇଏଏସ୍ କୋଚିଂ ସେଂଟରରେ ଅଧ୍ୟୟନ କରୁଥିଲେ। ଭଦ୍ରକ କେନ୍ଦ୍ରୀୟ ସ୍କୁଲରୁ ଶିକ୍ଷା ଆରମ୍ଭ କରିଥିବା ସ୍ୱାତୀଦୀପା ୮୬% ରଖି ଦଶମ ପାସ୍ କରିଥିବାବେଳେ, ଭଦ୍ରକ କଲେଜରୁ ଯୁକ୍ତ୨ରେ ୭୫% ଓ ଓଡଶପୁର ଅଟୋନମସ୍ କଲେଜରୁ ୩ ରେ ୭୦% ରଖିଥିଲେ। ସେ ସ୍କୁଲ ଓ କଲେଜରେ ଯଦିଓ ଆଶାନୁରୂପ ସଫଳତା ପାଇନଥିଲେ, ତଥାପି ତାଙ୍କର ଓଏଏସ୍ ହେବାର ଲକ୍ଷ୍ୟ ପୂରଣ ହୋଇଛି ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ସ୍ୱାତୀଦୀପା ଓଡ଼ିଶାରେ ୨୩ ବର୍ଷ ବୟସରେ କେହି ଓଏଏସ୍ ପାଇନଥିବାବେଳେ ପ୍ରଥମ । ସେ କୌଣସି ଚାକିରୀ କରୁନଥିବାରୁ ୮ ଘଣ୍ଟା ଲାଇବ୍ରେରୀରେ କଟାଇ ଏଭଳି ସଫଳତା ଆଣିଛନ୍ତି ବୋଲି କହିଛନ୍ତି। ତାଙ୍କର ଏହି ସଫଳତା ପଛରେ ଇଷ୍ଟଦେବତା ରାଧାକୃଷ୍ଣ, ପିତା ପ୍ରକାଶ ରଞ୍ଜନ ରାଉତ, ମା ସସ୍ମିତା ରାଉତ ଓ ପରିବାରର ସମସ୍ତଙ୍କର ଆଶୀର୍ବାଦ ରହିଥିବାବେଳେ ବିଶେଷକରି ଦିବଂଗତ ତାଙ୍କ ଜେଜେ ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତଙ୍କ ପ୍ରେରଣା ତାଙ୍କୁ ଏଭଳି ଶ୍ରେୟ ଆଣିଦେଇଛି ବୋଲି ସେ କହିଛନ୍ତି। ରବିବାର ଦିନ ସ୍ୱାତୀଦୀପା ଭୁବନେଶ୍ୱରରୁ ଆସିବା ପରେ ତାଙ୍କୁ ନଳାଙ୍ଗ ଛକରୁ ଶତାଧିକ ମୋଟର ସାଇକେଲ୍ ଓ କାର୍‌ର ଶୋଭାଯାତ୍ରାରେ ନିଆଯାଇ ନିଜ ଗ୍ରାମ ବଳଭଦ୍ରପୁରସ୍ଥିତ ବାସଗୃହରେ ପହଂଚାଇଥିଲେ। ଏହି ଅବସରରେ ସେ ନିଜ ଜେଜେ ହୃଦାନନ୍ଦ ରାଉତ, ଗୟାଧର ରାୟ, କମଳାକାନ୍ତ ରାୟ ଓ ବଡବାପା ସୁରେନ୍ଦ୍ର ରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଅର୍ଘ୍ୟ ଦେଇ ଗ୍ରାମରେ ଥିବା ରାଧାକୃଷ୍ଣଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରାରେ ପୂର୍ବତନ ବ୍ଲକ୍ ଉପାଧକ୍ଷା ଜେଯାସ୍ମାମଂଜରୀ ରାଉତ, ଅଭିନ୍ନ ସାହୁ, ତୁଷାରକାନ୍ତ ପରିଡା, ଅମର ରାୟ, କଲେଇ ସରପଂଚ ନିରଞ୍ଜନ ମଲ୍ଲିକ, ଅନୀଲ କୁମାର ବେହେରା, ଶିକ୍ଷାବିତ୍ ଶଙ୍କର୍ଷଣ ଦାସ, ନିର୍ମଳ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିବାବେଳେ ପୂର୍ବତନ ମନ୍ତ୍ରୀ ଯୁଗଳ ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବିଧାୟକ ସଂଜୀବ ମଲ୍ଲିକ ଓ ପୂର୍ବତନ ପଂଚାୟତ ସମିତି ଅଧକ୍ଷ ମଳୟ ଜେନା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଭାରତ ବର୍ଷର ଇରମ ଗୁଳିକାଣ୍ଡର ବିକଳ୍ପ ନାହିଁ : ମନ୍ତ୍ରୀ

ବାସୁଦେବପୁର ,(ସବ୍ୟୁ): )ରକ୍ତତୀର୍ଥ ଇରମ ମାଟି ଏକ ସଂଗ୍ରାମ ମାଟି । ଭାରତଛାଡ ଆନ୍ଦୋଳନର ଏକମାତ୍ର ନାରୀ ସଂଗ୍ରାମୀ ପରି ବେଓ୍ୱା ଇରମର ଶହୀଦ ହୋଇଥିଲେ । ଆଞ୍ଚଳିକ ଇତିହାସକୁ ପ୍ରାଧାନ୍ୟ ନଦେଇ ସର୍ବ ଭାରତୀୟ ଇତିହାସକୁ ଆମ ଉପରେ ଲଦି ଦେଇଛନ୍ତି । ସେହି ତୁଳନାରେ ଆଞ୍ଚଳିକ ଇତିହାସ କେଉଁ ଗୁଣରେ କମ ନୁହେଁ । ରକ୍ତତୀର୍ଥ ଇରମ ମାଟିର ବୀର୍‌ବର ଗାଥାକୁ ସର୍ବ ଭାରତୀୟ ସ୍ତରରେ ପରିଣତ କରାଯିବ ଇରମ ଠାରେ ୮୩ ତମ ଶହୀଦ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ କହିଥିଲେ । ଆଗାମୀ ପିଢୀ ଇତିହାସକୁ ନେଇ ଗର୍ବ ଅନୁଭବ କରିବ । ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରଥମ କରି ରକ୍ତତୀର୍ଥ ଇରମ ଶହୀଦ ଦିବସକୁ ରାଜ୍ୟ ସ୍ତରୀୟ ଦିବସ ଭାବେ ପାଳନ କରାଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ସନ୍ଧ୍ୟା ଆସର ସଭାରେ ଯୋଗଦେବାକୁ ଆସିଥିବା ମନ୍ତ୍ରୀ, ସାଂସଦ ଓ ବିଧାୟକ ଶହୀଦ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଉଚ୍ଚ ଶିକ୍ଷା, କ୍ରୀଡା ଯୁବ ବ୍ୟାପାର ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ଯୋଗଦେଇ କହିଥିଲେ ଇରମ ମାଟିର ସଂଗ୍ରାମୀ କମ୍ପମାଇଜ କରି ମୁଣ୍ଡ ନୁଆଁଇ ନାହାଁନ୍ତି । ଭାରତ ବର୍ଷର ଇରମ ଗୁଳିକାଣ୍ଡର ବିକଳ୍ପ ନାହିଁ । ଆୟୋଜିତ ସଭାର ଶହୀଦ ସ୍ମୃତି କମିଟିର ସଭାପତି ପଦ୍ମନାଭ ଦାଶ ସଭାପତିତ୍ୱ କରିଥିଲେ । ଅଭିନନ୍ଦନ ଦାସ ସଂଯୋଜନା କରିଥିଲେ । ସମ୍ମାନିତ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ ଥିଲେ । ବାସୁଦେବପୁରର ବିଧାୟକ ଅଶୋକ କୁମାର ଦାସ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ,ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ପୌରପାଳିକାର ଅଧକ୍ଷା ନିବେଦିତା ବେହେରା ଓ ସମିତି ସଭ୍ୟା ଲଗ୍ନିକା ମଲ୍ଲିକ ଯୋଗଦେଇ ଉଦବୋଧନ ଦେଇଥିଲେ । ଶହୀଦ ସ୍ମୃତି କମିଟିର ସମ୍ପାଦକ ରଞ୍ଜନ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ସରପଞ୍ଚ ସାବିତ୍ରୀ ବଳ ଧନ୍ୟବାଦ ଅର୍ପଣ କରିଥିଲେ । । ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୫୩)

–ମୋକ୍ଷଯୋଗଃ–

(ଶ୍ରୀଭଗବାନୁବାଚ )

**ଅହଙ୍କାରଂ ବଳଂ ଦର୍ପଂ କାମଂ କ୍ରୋଧଂ ପରିଗ୍ରହମ୍ ।**
**ବିମୁଚ୍ୟ ନିର୍ମ୍ମମଃ ଶାନ୍ତୋ ବ୍ରହ୍ମଭୂୟାୟ କଳ୍ପତେ ।। ୫୩।।**

ଅହଙ୍କାରଂ, ବଳଂ (ଦୁରାଗ୍ରହଂ), ଦର୍ପଂ (ଯୋଗବଳାତ୍ ଉନ୍ମାର୍ଗପ୍ରବୃତ୍ତିଲକ୍ଷଣଂ), (ପ୍ରାରବ୍ଧବଶାତ୍ ପ୍ରାପ୍ୟମାଣେଷ୍ୱ ଅପି ବିଷୟେଷ୍ୱ ) କାମଂ, କ୍ରୋଧଂ, ପରିଗ୍ରହଂ ଚ ବିମୁଚ୍ୟ, ନିର୍ମ୍ମମଃ (ସନ୍), ଶାନ୍ତଃ ( ପରମାଂ ଶାନ୍ତିଂ ପ୍ରାପ୍ତଃ) ବ୍ରହ୍ମଭୂୟାୟ (ବ୍ରହ୍ମାହମିତି ନୈଶ୍ଚଲ୍ୟେନାବସ୍ଥାନାୟ) କଳ୍ପତେ (ଯୋଗ୍ୟା ଭବତି) ।। ୫୩।।

# ନଦୀ ଜଳର ବଣ୍ଟନ ସମସ୍ୟା

ପ୍ରଥମେ ଜଳ କଥା ଚିନ୍ତା କରାଯାଉ । ତା' ପରେ ନଦୀ ବା ନଦୀର ଜଳ ବିଷୟରେ ଆଲୋଚନା କରିବା । ଭାରତର ନୂତନ ଜଳ ନୀତି ଗତ ୨୦୨୨ରେ ତିନି ବର୍ଷ ତଳେ ପ୍ରଣୟନ କରାଯାଇଥିଲା । ତା' ପୂର୍ବରୁ ଅବଶ୍ୟ ଜଳ ନୀତି ପ୍ରଣୟନ କରାଯାଇଥିଲା । ଜଳ ସଙ୍କଟ ଦୂର କରିବା ସହିତ ଜଳର ସୁପରିଚାଳନା, ଜଳ ସଂପଦର ସମନ୍ୱୟ କରାଯିବା ଓ ଜଳ ପରିଚାଳନା କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରାଯିବା ଏହି ଜଳ ନୀତିରେ ଲକ୍ଷ୍ୟ ରହିଛି । ବ୍ୟବହାର ଉପଯୋଗୀ ଜଳର ଆବଶ୍ୟକତା ବଢ଼ିବା ପରିବର୍ତ୍ତେ ହ୍ରାସ ପାଇ ଚାଲିଛି । ୨୦୨୧ରେ ଆକଳନ କରାଯାଇଥିଲା ଯେ ଆମର ବ୍ୟବହାର ଉପଯୋଗୀ ୧୪୮୬ କ୍ୟୁବିକ ମିଟର ଜଳ ମୁଣ୍ଡ ପିଛା ମିଳି ପାରୁଥିଲା ବେଳେ ତାହା ଆଗାମୀ ୨୦୩୧ରେ ହ୍ରାସ ପାଇ ୧୩୬୭ କ୍ୟୁବିକ ମିଟରରେ ପହଞ୍ଚିବ । ଜି.ୱାଇ (GY) ନାମକ ଏକ ପ୍ରସିଦ୍ଧ ଇଂରାଜୀ ପତ୍ରିକାର 'ଜଳ ବିଶେଷାଙ୍କ 'ରେ ଉଲ୍ଲେଖ ରହିଥିଲା ଯେ ଭାରତରେ ଜଳ ସଙ୍କଟର ଅବସ୍ଥା ଉଦ୍‌ବେଗଜନକ ଏବଂ ୨୦୫୦ ବେଳକୁ ମୁଣ୍ଡପିଛା ବ୍ୟବହାର ଉପଯୋଗୀ ଜଳ ୬୬୨ କ୍ୟୁବିକ ମିଟରକୁ ଖସି ଆସିବାର ସମ୍ଭାବନା ରହିଛି । ତେଣୁ ୨୦୩୬ରେ ଓଡ଼ିଶା ତାହାର ଜନ୍ମ ଦିନର ଶତବାର୍ଷିକ ପାଳନ କରିବା ପୂର୍ବରୁ କିମ୍ବା ଭାରତ ତା ସ୍ୱାଧୀନତାର ଶହେ ବର୍ଷ ଉତ୍ସବ ପାଳନ କରିବା ପୂର୍ବରୁ ଯେ ବ୍ୟବହାର ଉପଯୋଗୀ ଜଳର ଅଭାବ ଦେଖାଯିବ, ଏଥିରେ ସନ୍ଦେହ ନାହିଁ । ସେ ସବୁ ବିଷୟରେ ଆମେ ଏବେଠାରୁ ସଚେତନ ହେବା ଦରକାର ।

ଏବେ ଆସିବା ନଦୀ ଦିବସ ପାଳନ ସଂପର୍କରେ । କେନ୍ଦ୍ର ସରକାର ପ୍ରତିବର୍ଷ ସେପ୍ଟେମ୍ବର ଚତୁର୍ଥ ରବିବାରରେ 'ନଦୀ ଦିବସ' ବା River's Day ପାଳନ କରି ଆସୁଛନ୍ତି । ଗତ ମାର୍ଚ୍ଚ ୧୪ରେ (୨୦୨୫) ଅବଶ୍ୟ ନଦୀ କ୍ରିୟାନୁଷ୍ଠାନର ଅର୍ନ୍ତଜାତୀୟ ଦିବସ (The International Day of Action for Rivers) ପାଳନ କରାଯାଇଥିଲା । ନଦୀଗୁଡ଼ିକର ଗୁରୁତ୍ୱ ବୃଦ୍ଧି କରାଯିବା ସହିତ ସେଗୁଡ଼ିକର ସୁରକ୍ଷା ବିଷୟରେ ସଚେତନତା ବୃଦ୍ଧି କରାଯିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ । ୧୯୭୭ ମସିହାରେ ୨୦ଟି ରାଷ୍ଟ୍ରର ପ୍ରତିନିଧିମାନେ ପ୍ରଥମ ଅର୍ନ୍ତଜାତୀୟ ସମ୍ମେଳନର ଆୟୋଜନ କରିଥିଲେ । ଏହାର ବିଷୟବସ୍ତୁ ଥିଲା–'ଆମ ନଦୀ, ଆମ ଭବିଷ୍ୟତ'। ଅବଶ୍ୟ ଚଳିତ ବର୍ଷ ନଦୀ ଦିବସ ଯାହା ସେପ୍ଟେମ୍ବର ମାସର ଶେଷ ରବିବାର ୨୮ ତାରିଖରେ (୨୦୨୫)ପାଳନ କରାଯାଇଛି, ତାହାର ବିଷୟବସ୍ତୁ ଥିଲା 'ସୁସ୍ଥ ନଦୀ, ସୁସ୍ଥ ଭବିଷ୍ୟତ' ।

ଭାରତ ଯଦିଓ ନଦୀପ୍ରଧାନ ଦେଶ, ତଥାପି ନଦୀ ଜଳ ବଣ୍ଟନକୁ କେନ୍ଦ୍ର କରି ରାଜ୍ୟ ରାଜ୍ୟ ମଧ୍ୟରେ ବିବାଦ ତୁଟି ପାରିନାହିଁ । ଏହା ଏକ ଶୁଭ ଲକ୍ଷଣ ନୁହେଁ । ଆନ୍ତଃରାଜ୍ୟ ନଦୀ ଜଳ ବିବାଦଗୁଡ଼ିକର ସମାଧାନ ୧୯୫୬ରେ ପ୍ରଣୀତ ଆଇନଦ୍ୱାରା ଏବଂ ଆମ ସମ୍ବିଧାନରେ ଧାରା ୨୬୨ ଜରିଆରେ କରାଯିବାର ବ୍ୟବସ୍ଥା ରହିଛି, ତଦ୍ୱାରା କେନ୍ଦ୍ର ସରକାର ଜଳ ବିବାଦ ଟ୍ରିବ୍ୟୁନାଲ ଜରିଆରେ ଏହି ବିବାଦର ସମାଧାନ କରିଥା'ନ୍ତି । ରାଜ୍ୟ ରାଜ୍ୟ ମଧ୍ୟରେ ଏହି ନଦୀ ଜଳ ବିବାଦକୁ ନେଇ ଉପୁଜିଥିବା ରାଜିନାମାର ଉଲଂଘନ କରାଗଲେ କିମ୍ବା ଆନ୍ତଃରାଜ୍ୟ ନଦୀର ଜଳ ନିୟନ୍ତ୍ରଣକୁ ନେଇ ବିବାଦ ଆରମ୍ଭ ହେଲେ ଟ୍ରିବ୍ୟୁନାଲରେ ତାହାର ସମାଧାନ କରାଯିବ ବୋଲି କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶନାମା ରହିଛି । ଯଦିଓ ଗତ ୧୯୫୬ ଅଗଷ୍ଟ ୨୮ରେ ଏହି ଟ୍ରିବ୍ୟୁନାଲ ଗଠିତ ହୋଇଥିଲା, ଏହି ଆଇନକୁ ଏକାଧିକବାର ସଂଶୋଧନ କରାଯାଇଛି । ଗତ ୨୦୦୨ ମସିହାରେ ମଧ୍ୟ ଏହି ଆଇନରେ ସଂଶୋଧନ ହୋଇଥିଲା । ୨୦୧୭ରେ ମଧ୍ୟ ଆନ୍ତ ରାଜ୍ୟ ନଦୀଜଳ ବିବାଦ (ସଂଶୋଧନ) ବିଲ ୨୦୧୭ ସଂସଦରେ ଆଗତ କରାଯାଇଥିଲା । ଏସବୁ ସତ୍ତ୍ୱେ କର୍ଣ୍ଣାଟକ ଓ ତାମିଲନାଡୁ ମଧ୍ୟରେ କାବେରୀ ଜଳ ବଣ୍ଟନ ବିବାଦର ସମାଧାନ ହୋଇ ପାରି ନାହିଁ । ଓଡ଼ିଶା ସହିତ ଆନ୍ଧ୍ର ପ୍ରଦେଶ ବା ଛିତିଶଗଡ଼ ମଧ୍ୟରେ ନଦୀ ଜଳ ବଣ୍ଟନ ବିବାଦର ସମାଧାନ ମଧ୍ୟ ସମ୍ଭବ ହୋଇନାହିଁ ।

ସ୍ୱର୍ଗୀୟ ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିଲା ବେଳେ ନଦୀ ସଂଯୋଗୀକରଣ ପ୍ରକଳ୍ପ ଆରମ୍ଭ କରିବାକୁ ପଦକ୍ଷେପ ନେଇଥିଲେ । ୨୦୦୬ରେ ତତ୍କାଳୀନ ବିଜେପି ନେତା ବୃନ୍ଦାବନ କଳସ ଗୋଟିଏ ବିବୃତି ଦେଇ କହିଥିଲେ, 'ଏନ୍.ଡି.ଏ ସରକାର ବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ବାଜପେୟୀ ନଦୀ ସଂଯୋଗୀକରଣ ପ୍ରକଳ୍ପ ଆରମ୍ଭ କରିଥିଲେ । ଏହା କାର୍ଯ୍ୟକାରୀ ହେଲେ ଜଳ ବିବାଦ ରହିବ ନାହିଁ । ତେବେ ଆନ୍ଧ୍ର–ଓଡ଼ିଶା ବିବାଦର ସମାଧାନ ପାଇଁ ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଗଠନ ହେଲେ ଭଲ । କିନ୍ତୁ ରାୟ ଦେବାରେ ବହୁ ବିଳମ୍ବ ହେବାରୁ କିଛି ସୁଫଳ ମିଳୁ ନାହିଁ ।'

ଅବଶ୍ୟ ଏବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ତଃ–ରାଜ୍ୟ ନଦୀ ଜଳ ବିବାଦର ସମାଧାନ ଲାଗି ପଦକ୍ଷେପ ନେଇଛନ୍ତି । ତେବେ ଦେଖାଯାଉ କେତେ ଶୀଘ୍ର ଏହାର ସମାଧାନ ହୋଇପାରିବ ।

## ସ୍ୱଚ୍ଛ ହୃଦୟ


**ତୁମ ହୃଦୟରେ ଯଦି ସବୁଜ ସୁନ୍ଦର ବୃକ୍ଷ ରୋପଣ କରିବ, ତେବେ ଈଶ୍ୱର ପକ୍ଷୀ ହୋଇ ଉଡ଼ ଆସିବେ ସେଥିରେ ବସା ବାନ୍ଧିବା ପାଇଁ**

***ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ***

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଜଗଜ୍ଜନନୀ ମା' ଦୁର୍ଗାଙ୍କ ଉପାସନା



ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ


ସୃଷ୍ଟି ସ୍ଥିତି ବିନାଶାନାଂ ଶକ୍ତିଭୂତେ ସନାତନୀ ଗୁଣାଶ୍ରୟେଗୁଣମୟେ ନାରାୟଣୀ ନମୋସ୍ତୁତେ ।

ସୃଷ୍ଟି, ସ୍ଥିତି ଓ ପ୍ରଳୟର ମୂଳ ହେଉଛନ୍ତି ମାତୃରୂପା ମହାଶକ୍ତି । ଶକ୍ତିର ଉପାସକଙ୍କୁ ଶାକ୍ତ କୁହାଯାଏ ଏବଂ ଏହାର ପୂଜାବିଧି ଶାକ୍ତ ଉପାସନା ନାମରେ ନାମିତ । ଶାକ୍ତଧର୍ମର ଅଭ୍ୟୁଦୟ ସମ୍ପର୍କରେ ବିଭିନ୍ନ ମତ ରହିଛି । କେତେକଙ୍କ ମତରେ ଆର୍ଯ୍ୟ ଓ ଆର୍ଯ୍ୟେତର ବିଶ୍ୱାସ ଏବଂ ସଂସ୍କାରର ସମନ୍ୱୟ ଦ୍ୱାରା ଶାକ୍ତ ଧର୍ମ ଉତ୍ପତ୍ତି ଲାଭ କରିଥିଲା । ପୁଣି କେତେକଙ୍କ ମତରେ ପୃଥିବୀ ମାତାଙ୍କ ପୂଜା ସହିତ ଶାକ୍ତ ସଂସ୍କୃତି ବିକଶିତ ହୋଇଥିଲା । ଅନ୍ୟ କେତେକଙ୍କ ମତରେ ମାତୃ ଉପାସନା ହିଁ ଶକ୍ତି ଉପାସନାର ମୂଳଭିତ୍ତି । ବହୁ ପ୍ରାଚୀନ କାଳରୁ ଶକ୍ତି ଉପାସନାର ପରମ୍ପରା ପ୍ରଚଳିତ । କିନ୍ତୁ ସପ୍ତସତୀ ଚଣ୍ଡୀ ଅନୁସାରେ ରାଜା ସୁରଥ ହିଁ ପ୍ରଥମେ ଶକ୍ତି ପୂଜାର ଆରମ୍ଭ କରିଥିଲେ । ରାମଚନ୍ଦ୍ର ଲଙ୍କା ବିଜୟ କରିବାକୁ ଯିବା ପୂର୍ବରୁ ଦୁର୍ଗାଙ୍କୁ ପୂଜା କରି ଆଶୀର୍ବାଦ ମାଗିଥିଲେ ଏବଂ ମହାଭାରତ ଯୁଦ୍ଧ ପୂର୍ବରୁ ଅର୍ଜୁନ ମଧ୍ୟ ଦେବୀ ଦୁର୍ଗାଙ୍କୁ ଶକ୍ତି ଦେବାପାଇଁ ପ୍ରାର୍ଥନା କରିଥିଲେ । ଶକ୍ତି ଆରାଧନା ଘଟ ବା କଳସ ପୂଜାରୁ ଆସି ମୂର୍ତ୍ତି ପୂଜାରେ ରୂପାନ୍ତରିତ ହୋଇଛି । ଏହି ଶକ୍ତିତତ୍ତ୍ୱ ପ୍ରତି ଦୃଷ୍ଟି ଦେଲେ ମା' ଜଗଜ୍ଜନନୀ ଦୁର୍ଗା ଏକ ସର୍ବୋତ୍କୃଷ୍ଟ ଶକ୍ତି ଭାବରେ ଦୃଷ୍ଟିକୁ ଆସନ୍ତି । ବିଭିନ୍ନ ପୁରାଣ ଶାସ୍ତ୍ରମାନଙ୍କରେ ଆଦ୍ୟାଶକ୍ତି ଦୁର୍ଗା, ମହିଷମର୍ଦ୍ଦିନୀ ଦୁର୍ଗା , ବନଦୁର୍ଗା, ମହାଦୁର୍ଗା , ଶୂଳିନୀ ଦୁର୍ଗା, ବିନ୍ଧ୍ୟବାସିନୀ ଦୁର୍ଗା, ଅନଳଦୁର୍ଗା ଆଦିନାମରେ ଏବଂ ଦ୍ୱିଭୁଜା, ଚତୁର୍ଭୁଜା, ଅଷ୍ଟଭୁଜା ଓ ଦଶଭୁଜା ଆଦି ରୂପରେ ଆରାଧିତା ।

ଯୁଗେ ଯୁଗେ ମାତୃପୂଜାର ପରମ୍ପରା ରହିଆସିଛି । ମାତା ଜୀବର ଜନ୍ମଦାତ୍ରୀ, ଅଭୟଦାତ୍ରୀ, ଆଶ୍ରୟଦାତ୍ରୀ ତଥା ସର୍ବଦା ନିଜର ସୃଷ୍ଟିକୁ ସୁରକ୍ଷା ଯୋଗାଇ ଆସିଛନ୍ତି । ଆମ ସଂସ୍କୃତିରେ ବୃକ୍ଷ (ତୁଳସୀ)କୁ ମାତା, ନଦୀକୁ ମାତା, ଗାଈକୁ ମାତା, ଭୂମିକୁ ମାତା, ଦେଶକୁ ମାତା, ବେଦମାତା ଗାୟତ୍ରୀ ଦେହମାତା ଆଦି ରୂପରେ ପୂଜା କରାଯାଏ । ଜନ୍ମଭୂମିକୁ ମାତା ଭାବରେ ସ୍ୱୀକାର କରାଯାଇଛି । ସେଥିପାଇଁ ପ୍ରଭୁ ରାମଚନ୍ଦ୍ର କହିଥିଲେ :–

'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ ।'

ଜନନୀ ଓ ଜନ୍ମଭୂମିର ସ୍ଥାନ ସ୍ୱର୍ଗଠାରୁ ମଧ୍ୟ ବଡ । ତେଣୁ ମାତୃଜାତି ସର୍ବଦା ପୂଜନୀୟ, ବନ୍ଦନୀୟ ଓ ସ୍ମରଣୀୟ । ସବୁ ସାଧନାର ସିଦ୍ଧି ପଛରେ ମାତୃଶକ୍ତିର ପ୍ରଚ୍ଛନ୍ନ ହାତର ଆଶୀର୍ବାଦ ରହିଛି । ମନୁଷ୍ୟର ସର୍ବ କାମନାର ସିଦ୍ଧିଠାରୁ ମୋକ୍ଷ ପର୍ଯ୍ୟନ୍ତ ସବୁ ମାତୃଶକ୍ତିର କରାୟତ । ସ୍ରଷ୍ଟାଙ୍କଠାରୁ ଆରମ୍ଭକରି ସୃଷ୍ଟିର ସମସ୍ତ ଜୀବ ମାତୃଶକ୍ତିର ଆଶ୍ରିତ । ମାତୃଶକ୍ତି ଜଡବସ୍ତୁରେ ଶକ୍ତି ସଞ୍ଚାର କରି ଜୀବନ ପ୍ରଦାନ କରେ । ମାତୃଶକ୍ତି ମନୁଷ୍ୟକୁ ସତ୍‌ମାର୍ଗ, ସତ୍ ବୁଦ୍ଧି,ସତ୍‌ଜ୍ଞାନ ଓ ସତ୍ ଚିନ୍ତା ପ୍ରଦାନ କରି ମୁକ୍ତି ତଥା ମୋକ୍ଷ ଆଡକୁ ଅନୁଗାମୀ କରାଏ । ଶିବ ଯେପରି ଶକ୍ତି ବିନା ଶବ, ସେହିପରି ସମ୍ପୂର୍ଣ୍ଣ ବିଶ୍ୱବ୍ରହ୍ମାଣ୍ଡ ଶକ୍ତି ବିନା ଜଡ, ସ୍ଥାଣୁ ଓ ଅଚଳ । ବ୍ରହ୍ମା ଯେତେବେଳେ ସୃଷ୍ଟି ସର୍ଜନା କଲେ ସେତେବେଳେ ସେ ଅନେକ ଜୀବଜନ୍ତୁ, ନଦୀ, ସାଗର, ବୃକ୍ଷ ଲତା, ପାହାଡ ପର୍ବତ ସବୁ ସୃଷ୍ଟିକଲେ । କିନ୍ତୁ ସାରାପୃଥିବୀ ଜଡ ଓ ନିସ୍ତବ୍ଧ ଥିଲା । ପବନ ସ୍ଥିର ଥିଲା । ବ୍ରହ୍ମା ବ୍ୟସ୍ତ ହୋଇ ତାଙ୍କ କମଣ୍ଡଳୁରୁ ଜଳ ସିଞ୍ଚନ କଲେ । ସେଥିରୁ ଗୋଟିଏ ଜ୍ୟୋତି ନିର୍ଗତ ହୋଇ ଏକତ୍ର ହେଲାରୁ ଉଦ୍ଭବ ହେଲେ ମାତା ସରସ୍ୱତୀ । ତାଙ୍କର ବୀଣା ଝଙ୍କୃତ ହେବାମାତ୍ରେ ପୃଥିବୀରେ ଜୀବନ ସଞ୍ଚାର ହେଲା ଏବଂ ପୃଥିବୀ ହସିଉଠିଲା । ବୃକ୍ଷମାନେ ପୁଷ୍ପବତୀ ହେଲେ , ନଦୀ, ଝରଣା ବାୟୁ ଉଲ୍ଲସିତ ହେଲେ । ଜନନୀ ଜଠରରୁ ସବୁକିଛିର ଉତ୍ପତ୍ତି । ଜନନୀ ହିଁ ପ୍ରଥମ ସଞ୍ଚାରିତ ଶକ୍ତି , ସେହି ଶକ୍ତି ବଳରେ ପୃଥିବୀ ସଞ୍ଚାଳିତ ହୁଏ । ଜନନୀ ଜୀବନର ପ୍ରଥମ ଜ୍ୟୋତି, ଯାହାକୁ ଆଶ୍ରା କରି ଏ ସୃଷ୍ଟି ଜନ୍ମନିଏ, ପରିଚାଳିତ ହୁଏ ଏବଂ ବିଲୟ ହୋଇ ଏକ ରୂପାନ୍ତରିତ ମାନବ ସୃଷ୍ଟି କରେ ।



**ଯୁଗେ ଯୁଗେ ମାତୃପୂଜାର ପରମ୍ପରା ରହିଆସିଛି । ମାତା ଜୀବର ଜନ୍ମଦାତ୍ରୀ, ଅଭୟଦାତ୍ରୀ, ଆଶ୍ରୟଦାତ୍ରୀ ତଥା ସର୍ବଦା ନିଜର ସୃଷ୍ଟିକୁ ସୁରକ୍ଷା ଯୋଗାଇ ଆସିଛନ୍ତି । ଆମ ସଂସ୍କୃତିରେ ବୃକ୍ଷ (ତୁଳସୀ)କୁ ମାତା, ନଦୀକୁ ମାତା, ଗାଈକୁ ମାତା, ଭୂମିକୁ ମାତା, ଦେଶକୁ ମାତା, ବେଦମାତା ଗାୟତ୍ରୀ ଦେହମାତା ଆଦି ରୂପରେ ପୂଜା କରାଯାଏ । ଜନ୍ମଭୂମିକୁ ମାତା ଭାବରେ ସ୍ୱୀକାର କରାଯାଇଛି ।**

ମାତୃଶକ୍ତି ସୃଷ୍ଟିର ପ୍ରଥମ– ଆଦିପରାଶକ୍ତି ( primordial energy) । ଏହା ମୁଖ୍ୟତଃ ତିନି ଭାଗରେ ବିଭକ୍ତ । ଚିନ୍ତା ଶକ୍ତି( thought power) କ୍ରିୟା ଶକ୍ତି (kinetic energy) ଓ ସଂକଳ୍ପ ଶକ୍ତି (will power) .ଏହି ତିନୋଟିର ସମ୍ମିଶ୍ରଣରେ କାର୍ଯ୍ୟ ସମ୍ପାଦିତ ହୁଏ । ଏଥିରୁ ଗୋଟିଏ କମ୍ ହେଲେ କୌଣସି କାର୍ଯ୍ୟ ସିଦ୍ଧି ହେବନାହିଁ । ଚିନ୍ତା, ସଂକଳ୍ପ ଓ କାର୍ଯ୍ୟ ପରସ୍ପର ସହିତ ସଂଲଗ୍ନ ।

ଆଦି ମାନବର ପରିକଳ୍ପନାରେ ସର୍ବପ୍ରଥମେ ଦେବୀ ଚେତନା ଓ ମାତୃଚେତନା ସ୍ଥାନପାଇ ଶକ୍ତି ମାତାଙ୍କୁ ଉପାସନା କରାଗଲା । ପ୍ରଥମେ ତ୍ରିଶକ୍ତି ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀ, ନବଦିନାତ୍ମକ ନବରାତ୍ରରେ ପ୍ରଥମ ତିନିଦିନ ମା' ଦୁର୍ଗାଙ୍କୁ (ତାମସିକ ଶକ୍ତିକୁ ନିୟନ୍ତ୍ରିତ କରାଯାଏ), ତା' ପର ତିନିଦିନ ମା' ଲକ୍ଷ୍ମୀଙ୍କୁ (ରାଜସିକ ବା କାର୍ଯ୍ୟକାରିଣୀ ଶକ୍ତି), ଓ ଶେଷ ତିନିଦିନ ମା' ସରସ୍ୱତୀଙ୍କୁ( ଜ୍ଞାନର ଦେବୀଙ୍କୁ ସାତ୍ତ୍ୱିକ ଭାବରେ) ଆରାଧନା କରି ଆଶୀର୍ବାଦ ପ୍ରାର୍ଥନା କରାଯାଏ ।

ଷଢମାତୃକା, ସପ୍ତମାତୃକା, ଷୋଢଶମାତୃକା, ଅଷ୍ଟ ଚଣ୍ଡୀ ଓ ଦଶମହାବିଦ୍ୟାର ଆରାଧନା କରାଯାଏ । ପରେ ତାଙ୍କ ସହିତ ରୁଦ୍ର ଶକ୍ତି, ବିଷ୍ଣୁ ଶକ୍ତି, ନବଦୁର୍ଗା ଏବଂ ଚଉଷଠୀଯୋଗିନୀମାନଙ୍କୁ ମଧ୍ୟ ଆରାଧନା କରାଗଲା । ଶକ୍ତିର ନାମ ଓ ରୂପ ଅନନ୍ତ । ସେ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ସ୍ଥିତି ଓ ପ୍ରଳୟକାରିଣୀ । ସେ ବିଶ୍ୱେଶ୍ୱରୀ, ବିଶ୍ୱରୂପା, ସର୍ବରୂପା, ସୌମ୍ୟା ଓ ରୁଦ୍ରା । ଶ୍ରୀ ଦୁର୍ଗାସପ୍ତସତୀ ଅନୁଯାୟୀ ପରମେଶ୍ୱରୀ ତାଙ୍କର ତମୋଗୁଣରୁ ଏକ ନାରୀ ରୂପ ପ୍ରକଟ କଲେ । ତାଙ୍କୁ ମହାମାୟା, ମହାକାଳୀ, କ୍ଷୁଧା, ତୃଷ୍ଣା, ନିଦ୍ରା ତଥା କାଳରାତ୍ରି ଭାବରେ ଉପାସନା କରାଗଲା । ପୁଣି ସତ୍ତ୍ୱଗୁଣରୁ ଅନ୍ୟ ଏକ ନାରୀ ସୃଷ୍ଟି କଲେ । ତାଙ୍କୁ ମହାବିଦ୍ୟା, ମହାବାଣୀ, ଭାରତୀ, ବାଗଦେବୀ, ବ୍ରାହ୍ମୀ, ସରସ୍ୱତୀ, ବେଦଗର୍ଭା ଓ ଧୀଶକ୍ତି ନାମରେ ନାମିତ କରାଗଲା । ତେଣୁ ଆଦିଶକ୍ତିଙ୍କ ଠାରୁ ମହାଲକ୍ଷ୍ମୀ, ମହାସରସ୍ୱତୀ ଓ ମହାକାଳୀ ସୃଷ୍ଟି ହେଲେ ।

ପୌରାଣିକ କଥା ଅନୁସାରେ ଏକଦା ଦକ୍ଷ ପ୍ରଜାପତି ଏକ ମହାନ୍ ଯଜ୍ଞର ଆୟୋଜନ କଲେ । ସେହି ଯଜ୍ଞରେ ଯୋଗ ଦେବାପାଇଁ ସେ ସମସ୍ତ ଦେବତାମାନଙ୍କୁ ଆମନ୍ତ୍ରଣ କଲେ, କିନ୍ତୁ ଜାମାତା ଭଗବାନ ଶିବଙ୍କୁ ଅପମାନିତ କରିବା ପାଇଁ ଆମନ୍ତ୍ରଣ କଲେ ନାହିଁ । ଦକ୍ଷଙ୍କ କନ୍ୟା ସତୀ ବାପା ଏତେବଡ ଯଜ୍ଞ କରୁଥିବାରୁ ନ ଡାକନ୍ତୁ ପଛକେ ଯିବାକୁ ଜିଦ୍ କଲେ । ଭଗବାନ ଶଙ୍କର ତାଙ୍କୁ ପ୍ରତିରୋଧ କରିବାରୁ ସତୀମାତା ତାଙ୍କୁ ଦଶଟି ରୂପରେ ଭୟଭୀତ କରିଥିଲେ । ସେହି ଦଶପ୍ରହରଣ ଦେବୀମାନଙ୍କୁ 'ଦଶମହାବିଦ୍ୟା' କୁହାଗଲା । ସେହି ଦେବୀମାନେ ହେଲେ ମହାକାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଓ କମଳା । ତନ୍ତ୍ରଶାସ୍ତ୍ରରେ ସପ୍ତମାତୃକାଙ୍କ ସ୍ୱରୂପକୁ ପରିକଳ୍ପନା କରାଯାଇ ସପ୍ତମାତୃକାମାନଙ୍କୁ ଉପାସନା କରାଯାଏ । ସେହି ସପ୍ତମାତୃକାମାନେ ହେଲେ ବ୍ରାହ୍ମୀ, ମାହେଶ୍ୱରୀ, ଐନ୍ଦ୍ରୀ, ବୈଷ୍ଣବୀ, ବରାହୀ, କୌମାରୀ ଓ ଚାମୁଣ୍ଡା ।

ଶାସ୍ତ୍ରରୁ ଜଣାଯାଏ ଏକଦା ଭୟଙ୍କର ରାକ୍ଷସ ଅନ୍ଧକାସୁର ସହିତ ଭଗବାନ ଶଙ୍କରଙ୍କର ହଜାର ହଜାର ବର୍ଷ ଧରି ଯୁଦ୍ଧ ଚାଲିଲା । ଶେଷରେ ଶଙ୍କର ନିଜ ଶରୀରରୁ ଭୟଙ୍କର ଦେଦୀପ୍ୟମାନ ଅଗ୍ନିଶିଖା ନିର୍ଗତ କରାଇଲେ । ସେହି ତେଜୋଦୀପ୍ତ ଅଗ୍ନିଶିଖାରୁ ଦେବୀ ଯୋଗେଶ୍ୱରୀ ଆର୍ବିଭୂତା ହେଲେ । ବ୍ରହ୍ମା, ବିଷ୍ଣୁ, ଇନ୍ଦ୍ର, କୁବେର, ନରସିଂହ, କାର୍ତ୍ତିକେୟ, ଯମ, ବରାହ, ଦେବତାମାନେ ମଧ ସ୍ୱକୀୟ ତେଜରୁ ଜଣେ ଜଣେ ଦେବୀ ସୃଷ୍ଟି କଲେ । ସେହି ଦେବୀମାନେ ଅନ୍ଧକାସୁରକୁ ନିଧନ କଲେ । ସେମାନେ ହେଲେ ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ, ବରାହୀ, ଐନ୍ଦ୍ରୀ ଓ ଚାମୁଣ୍ଡା । କେତେକ ସାଧକ ବାସନ୍ତିକ ଓ ଶାରଦୀୟ ଦୁର୍ଗାପୂଜାରେ ନବଦୁର୍ଗାଙ୍କୁ ଉପାସନା କରିଥାନ୍ତି । ସେହି ଦେବୀମାନେ ହେଲେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀ ।

ଧରାପୃଷ୍ଠରୁ ଅମୃତଦାୟିନୀ ବର୍ଷା ବିଦାୟ ନେବା ପରେ ପରେ କାଶତଣ୍ଟୀର ଚାମର ହଲେଇ ହଲେଇ, କଇଁ ପୋଖରୀ ସଜେଇ ପ୍ରସ୍ଫୁଟିତ କରି ଧୀର ପଦପାତରେ ଓହ୍ଲେଇ ଆସନ୍ତି ଶରତର ଶୁଭ୍ର ଆକାଶକୁ ପ୍ରେମମୟ କରି ଦେବୀ ଦୁର୍ଗା । ସୁନ୍ଦର ସ୍ୱଚ୍ଛ ଆକାଶକୁ ଶବ୍ଦମୟ କରି ଗୁଞ୍ଜରି ଉଠେ 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା / ନମୋତସ୍ମୈ ନମୋତସ୍ମୈ ନମୋତସ୍ମୈ ନମୋ ନମଃ' ।

ଶାରଦୀୟ ଦୁର୍ଗାପୂଜାରେ ଦୁର୍ଗମଛେଦିନୀ, ଦୁର୍ଗତିନାଶିନୀ, ସର୍ବରୂପା, ସର୍ବେଶ୍ୱରୀ, ମଙ୍ଗଳମୟୀ, ଶରଣାଗତ ବତ୍ସଳା, ସିଦ୍ଧିକାରିଣୀ, ଜଗଜ୍ଜନନୀ ମାତା ଦୁର୍ଗତିନାଶିନୀ ଦୁର୍ଗା । ଦୈତ୍ୟରାଜ ମହିଷାସୁରକୁ ନିଧନ କରିବା ପାଇଁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଆଦି ଦେବତାମାନେ ନିଜ ନିଜ ତେଜରାଶିରୁ ଶକ୍ତିଦେଇ ଆର୍ବିଭୂତା କଲେ ମାତା ଦୁର୍ଗାଙ୍କୁ । ମାତା ମହାମାୟା, ମହାବିଦ୍ୟା, ମହାମେଧା, ମହାସ୍ମୃତ , ମହାମୋହରୂପା, ମହାଦେବୀ । ସେ ପୁଣି କାଳରାତ୍ରି, ମହାରାତ୍ରି, ଲଜ୍ଜା, ତୁଷ୍ଟି, ଶାନ୍ତି, କ୍ଷମା, ସ୍ୱାହା, ସୁଧା, ବଷଟକାର । ସେ ମୋକ୍ଷଦାତ୍ରୀ କଲ୍ୟାଣମୟୀ । ସେ ସୃଷ୍ଟି ପାଳନକାରିଣୀ ଓ ସଂହାରର ଶକ୍ତିରୂପା ସନାତନୀ । ମହେଶ୍ୱରୀ ସ୍ୱରୂପାରେ ସେ ତ୍ରିଶୂଳଧାରିଣୀ, ସଚରାଚର ପ୍ରାଣୀମାନଙ୍କର ଚେତନା, ବୁଦ୍ଧି, ନିଦ୍ରା, କ୍ଷୁଧା, ଇଚ୍ଛା, ଦୟା, କରୁଣା ଆଦି । ମାତା ଦୁର୍ଗା ହିଁ ସନ୍ଧ୍ୟା, ସାବିତ୍ରୀ, ଗାୟତ୍ରୀ ଓ ସୁଧା । ସେ ଆନନ୍ଦମୟୀ ଓ ସତ୍ ଚିତ୍ ଆନନ୍ଦ ସ୍ୱରୂପା । ସେ ଶକ୍ତିସ୍ୱରୂପିଣୀ, ସିଂହବାହିନୀ, ତ୍ରିଶୂଳଧାରିଣୀ, ଜୟ ପ୍ରଦାୟିନୀ, ସନ୍ତାନ ପ୍ରଦାୟିନୀ, ସମସ୍ତ ବିନୟ, ଧୈର୍ଯ୍ୟ, ପ୍ରେମ, ଅନୁକମ୍ପା, ଶ୍ରଦ୍ଧା, ଶାନ୍ତି ଓ ମାଧୁର୍ଯ୍ୟ –ଅନେକ ରୂପରେ ପ୍ରକଟିତ ।

**ଭୁବନେଶ୍ୱର,ମୋ–୮୮୯୫୨୭୪୭୯୪**

# ନାରୀମୁକ୍ତି ଆନ୍ଦୋଳନ ଓ ସରଳା ଦେବୀ



ମନୋରମା ବିଶ୍ୱାଳ ମହାପାତ୍ର

ନାରୀମୁକ୍ତି ନିମନ୍ତେ ନାରୀ ସମାଜର ଆର୍ଥିକ ସ୍ୱାଧୀନତା ଯେ ସର୍ବପ୍ରଥମେ ପ୍ରୟୋଜନ ଏହା କେତେକ ସଂସ୍କାରକ ଉପଲବ୍ଧି କରି ପାରିଥିଲେ ।

ଉନବିଂଶ ଶତାବ୍ଦୀର ନାରୀମୁକ୍ତି ଆନ୍ଦୋଳନ ପରିପ୍ରେକ୍ଷୀରେ ସରଳା ଦେବୀଙ୍କର ଓଡ଼ିଆ ସାହିତ୍ୟରେ ଆବିର୍ଭାବ ଏକ ବିସ୍ମୟ କହିଲେ ଭୁଲ ହେବ ନାହିଁ । ସରଳା ଦେବୀ କୁନ୍ତଳା କୁମାରୀଙ୍କର ସମସାମୟିକ ଥିଲେ । କଟକ ଜିଲ୍ଲାର ଜଗତସିଂହପୁର ଠାରେ ଗୋଟିଏ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ତାଙ୍କର ଜନ୍ମ ହୋଇଥିଲା । ତାଙ୍କ ଭାଇ ନିତ୍ୟାନନ୍ଦ କାନନ୍‌ଗୋ କେନ୍ଦ୍ର ମନ୍ତ୍ରୀ ଏବଂ ଗୁଜରାଟ୍‌ର ରାଜ୍ୟପାଳ ହୋଇଥିଲେ । ସ୍ୱାମୀ ଭାଗୀରଥି ମହାପାତ୍ର (୧୮୯୨–୧୯୭୫) ମଧ୍ୟ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଓ ଲୋକସଭା ସଦସ୍ୟ ଥିଲେ । ଅଖିଳ ଭାରତୀୟ କଂଗ୍ରେସ କମିଟିରେ ଓଡ଼ିଶାରୁ ସେ ପ୍ରଥମ ନାରୀ ସଦସ୍ୟ ଥିଲେ ଏବଂ ୧୯୩୭ରେ ବିଧାନସଭାକୁ ସଦସ୍ୟ ଭାବରେ ନିର୍ବାଚିତା ହୋଇଥିଲେ ।

ସେ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ଯଶସ୍ୱୀ ହୋଇଥିଲେ । ସବୁଜ ଗୋଷ୍ଠୀ ସହିତ ସେ ସମ୍ପର୍କିତ ଥିଲେ । ୧୯୨୮ରେ ରଚିତ ବାସନ୍ତୀ ଉପନ୍ୟାସର ନଅ ଜଣ ଲେଖକଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ। ସେ ୧୯୬୯ରେ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ। ତାଙ୍କର ସୃଷ୍ଟି ମଧ୍ୟରେ ନାରୀର ଦାବି (୧୯୩୪), ଗାଁ ବାଲାଙ୍କ କଥା, ଅମୂଲ୍ୟ ନିଧି, ଅଭୟ ବାଣୀ, ରାୟରାମାନନ୍ଦ, ନାରୀ ଜଗତ, ବୀର ରମଣୀ, ରବୀନ୍ଦ୍ର ପୂଜା, ଉତ୍କଳୀୟ ନାରୀ ସମସ୍ୟା ଆଦି ଉଲ୍ଲେଖଯୋଗ୍ୟ ।



ତତ୍କାଳୀନ ଡଗର, ଝଙ୍କାର, ଅଗ୍ରଣୀ, ସହକାର, ଆସନ୍ତା କାଲି, ସବିତା, ନବଭରାତ, ଆଶା, ଯୁଗବୀଣା, ନବୀନ, ନୀଳାଚଳ ଆଦି ପତ୍ରିକାରେ ତାଙ୍କ ଲେଖାମାନ ପ୍ରକାଶିତ ହୋଇଥିଲା । ଭୀମ ଭୂୟାଁ, ସ୍ୱପ୍ନ ବାସ୍ତବତା, ସୁଦାମା–ଦାରିଦ୍ର୍ୟ ଭଞ୍ଜନ ଆଦି ନାଟକ ଏବଂ ସାରଳା ମହାଭାରତରେ ନାରୀ ଚରିତ୍ର, କବି ଗୋପାଳକୃଷ୍ଣ ପ୍ରତିଭା ପ୍ରଭୃତି ତାଙ୍କ ପ୍ରତିଭାର ସ୍ୱାକ୍ଷର ବହନ କରିଥାଏ ।

ନାଗପୁର କଂଗ୍ରେସ ଅଧିବେଶନରେ ଯୋଗଦେବା, କରାଚି ଅଧିବେଶନରେ ଯୋଗଦେଇ ଭାଷଣ ଦେବାରେ ସେ ଥିଲେ ଓଡ଼ିଶାର ପ୍ରଥମ ମହିଳା, ଓଡ଼ିଶାର ପ୍ରଥମ ମହିଳା ବିଧାନସଭା ସଦସ୍ୟ । ଓଡ଼ିଶାର ପ୍ରଥମ ମହିଳା ରାଜନୈତିକ ବନ୍ଦୀ, ପ୍ରଥମ ମହିଳା ଅସ୍ଥାୟୀ ବାଚସ୍ପତି, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ ସିନେଟ ସଭ୍ୟା ଭାବରେ ସେ ଦେଶ ଓ ଦଶର ମୁଖ ଉଜ୍ଜ୍ୱଳ କରିଯାଇଛନ୍ତି ।

ରାଜନୀତି, ସାହିତ୍ୟ ଓ ସମାଜସେବା ତିନୋଟି କ୍ଷେତ୍ରରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ରାଜା ରାମମୋହନ, ଦୟାନନ୍ଦ ସରସ୍ୱତୀ, ବିବେକାନନ୍ଦ, ରବୀନ୍ଦ୍ର ନାଥ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଓ ଗୋପାଳକୃଷ୍ଣ ଗୋଖଲେଙ୍କ ପଥ ଅନୁସରଣ କରିଥିଲେ। ଓଡ଼ିଶାରେ ନାରୀ ଜାଗରଣ ସୃଷ୍ଟି କରିବାରେ ତାଙ୍କର ଭୂମିକା ଥିଲା ଅବିସ୍ମରଣୀୟ । ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ପାଞ୍ଚଥର କାରାବରଣ କରି ପାଟଣା, ହଜାରିବାଗ, ଭାଗଲପୁର, ଭେଲୋର, ବ୍ରହ୍ମପୁର ଓ କଟକ ପ୍ରଭୃତି ଜେଲରେ ରହିଥିଲେ । ଜବାହରଲାଲ ନେହେରୁଙ୍କ ଅଧକ୍ଷତାରେ ଗଠିତ ଜାତୀୟ ଯୋଜନା କମିଟିରେ ସେ ସଭ୍ୟା ଥିଲେ ।

ରାଜନୀତି ବ୍ୟତୀତ ସାହିତ୍ୟର ବହୁ ଉଜ୍ଜ୍ୱଳ ଏବଂ ମହିମାମୟ ପରମ୍ପରା ସେ ସୃଷ୍ଟି କରିଯାଇଛନ୍ତି । ୧୯୪୨–୧୯୫୨ ମଧ୍ୟରେ ଓଡ଼ିଶାର ସର୍ବପ୍ରାଚୀନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ସେ ଥିଲେ ଉପସଭାପତି ଓ ସମ୍ପାଦକ । ତାଙ୍କ ବଳିଷ୍ଠ ସମ୍ପାଦନାରେ ସାହିତ୍ୟ ସମାଜ ତରଫରୁ ଜାଗରଣ ପତ୍ରିକା ପ୍ରକାଶ ପାଇଥିଲା ।

ବିଡ଼ମ୍ବନାର ବିଷୟ ତାଙ୍କର ଶତାଧିକ ପ୍ରବନ୍ଧ ଏବଂ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ସାହିତ୍ୟ ସମାଲୋଚନା ଆଦି ସଙ୍କଳିତ ହୋଇପାରିନାହିଁ । ତାଙ୍କର ଦୁଷ୍ପ୍ରାପ୍ୟ ଲେଖାସବୁକୁ ଏକତ୍ର କରି ପ୍ରକାଶ କରିବା ଓଡ଼ିଶା ସାହିତ୍ୟ ଏକାଡେମୀର ଜାତୀୟ କର୍ତ୍ତବ୍ୟ। ବହୁ ପ୍ରାଚୀନ ନାରୀ ପ୍ରତିଭାଙ୍କର ଉପଯୁକ୍ତ ମୂଲ୍ୟାଙ୍କନ ହୋଇପାରି ନାହିଁ ।

**(ଅକ୍ଟୋବର ୪ ତାରିଖରେ ସରଳା ଦେବୀଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ)**

**୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର**
**ଭୁବନେଶ୍ୱର–୭୫୧୦୧୩,**
**ମୋ–୦୯୪୩୭୦୧୧୦୦୩**

# ପିତାଙ୍କର ତ୍ୟାଗ...

ମନୋଜ କୁମାର ବେହେରା

ଭାରତୀୟ ସଂସ୍କୃତିରେ, ସମାଜ,ପରିବାର ଆଉ ବ୍ୟକ୍ତିଗତ ଜୀବନକୁ ଉତ୍କୃଷ୍ଟ ବନେଇବା ପାଇଁ ନୈତିକ ଆଉ ଅଧ୍ୟାତ୍ମିକ ମୂଲ୍ୟର ବର୍ଣ୍ଣନା କରାଯାଇଛି । ପିତାଙ୍କୁ ଧାର୍ମିକ ଗ୍ରନ୍ଥରେ ଦେବତୁଲ୍ୟ କୁହାଯାଇଛି । ଏହି ଭୂପୃଷ୍ଠରେ ପିତାଠୁ ବଢ଼ିକରି ଆଉ କେହି ଶ୍ରେଷ୍ଠ ମାର୍ଗଦର୍ଶକ ନାହାନ୍ତି । ପିତାଙ୍କ ସଂଘର୍ଷ, ଅନୁଭବ ଆଉ ଜ୍ଞାନ ସନ୍ତାନକୁ କଠିନ ପରିସ୍ଥିତିରେ ଆଗକୁ ବଢିବାରେ ଶକ୍ତି ଆଉ ଉର୍ଜା ପ୍ରଦାନ କରିଥାଏ । ପରିବାର ପ୍ରତି ନିଜର ପ୍ରତିବଦ୍ଧତା ଆଉ ସ୍ନେହକୁ ପିତା ଶବ୍ଦରେ ନୁହେଁ, ନିଜର କାର୍ଯ୍ୟରୁ ପ୍ରକଟ କରିଥାଏ । ସେ ଜୀବନସାରା ସଂଘର୍ଷ କରି ନିଜର ସନ୍ତାନର ସୁନ୍ଦର ଭବିଷ୍ୟର ମୂଳଦୁଆ ରଖିଥାନ୍ତି । ବିଷ୍ଣୁ ପୁରାଣରେ କୁହାଯାଇଛି କି ପୁତ୍ର ଯେତେ ବି ନିର୍ଦ୍ଦୟୀ ସ୍ୱଭାବର ହେଇଥାଉ ନା'କାହିଁକି ପିତା ତା' ପ୍ରତି ମମତା ଆଉ ପ୍ରେମ ତ୍ୟାଗ କରେ ନାହିଁ । କାହିଁକି ତା' ପାଇଁ ପିତା କେତେ ବିପତ୍ତିର ସାମ୍ନା କରିଥାନ୍ତି । ପିତାର ହୃଦୟରେ ପୁତ୍ର ପାଇଁ ସଦୈବ ମମତା ଅଉ ପ୍ରେମହିଁ ଅଙ୍କୁରିତ ହୋଇଥାଏ । ସେଥିପାଇଁ ପିତାର ବିରାଟ ବ୍ୟକ୍ତିତ୍ୱ ସ୍ୱର୍ଗରୁ ମଧ୍ୟ ଉଚ୍ଚରେ ଗଣାଯାଏ । ଆମର ଋଷିମାନେ ମଧ୍ୟ କହିଛନ୍ତି ପିତାଙ୍କଠାରେ ସବୁ ଦେବତାଙ୍କର ନିବାସ ହୋଇଥାଏ, ସେଥିପାଇଁ ସନ୍ତାନକୁ ସର୍ବଦା ପିତାର ସମ୍ମାନ ଆଉ ଆଦର କରିବା ଦରକାର ।

ଯେତେବେଳେ ବାଳକର ଯଜ୍ଞ ପବିତ୍ର ନାମକରଣ ସଂସ୍କାର ହେଇଥାଏ । ସେଥିରୁ ଗୋଟିଏ ଧାଗା ପିନ୍ଧାଯାଏ ଯାହା ପିତୃଋଣର ପ୍ରତୀକ ହୋଇଥାଏ । ଏହି ଧାଗା ସନ୍ତାନକୁ ନିଜର ମାତା–ପିତାର ପ୍ରତି ଦାୟିତ୍ୱର ବୋଧ କରେଇଥାଏ । ପିତା ନିଜର ସନ୍ତାନକୁ ମାର୍ଗଦର୍ଶନ କରେଇ ତା'ର ଜୀବନକୁ ସୁଦୃଢ ବନେଇଥାଏ । ପୁରା ଦୁନିଆରେ କେବଳ ପିତାହିଁ, ଯିଏ ନିଜର ସନ୍ତାନକୁ ନିଜଠୁ ମଧ୍ୟ ବେଶୀ ଶ୍ରେଷ୍ଠ ଆଉ ସଫଳ ଦେଖିକରି ପ୍ରସନ୍ନ ହୋଇଥାନ୍ତି । ସେହିଭଳି ପିତୃ ଦିବସ ମଧ୍ୟ ପାଳନ ହୋଇଥାଏ । ପିତାଙ୍କ ପ୍ରତି କୃତଜ୍ଞତା ପ୍ରକଟ କରିବାର ତାହା ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଅବସର ହୋଇଥାଏ । ସୁତରାଂ ଆମେ ଆମ ପିତାଙ୍କ ପ୍ରତି ସମ୍ମାନ ଆଉ ପ୍ରେମ ପ୍ରକଟ କରିବା ଜରୁରୀ । କାହିଁକି ନା ତାଙ୍କର ସଂଘର୍ଷ ଆଉ ବଳିଦାନ ଆମ ପାଇଁ ବହୁତ ମୂଲ୍ୟବାନ ଅଟେ ।

**ପ୍ଲଟ ନମ୍ବର–୨୧୭/ପି,**
**ବାୟାବାବା ମଠଲେନ୍,**
**ୟୁନିଟ୍–୯(ଫ୍ଲାଟ),ଭୁବନେଶ୍ୱର–୨୨**
**ମୋ–୭୯୭୮୮୩୦୬୧୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅନ୍ୟ ଦେଶର...

କରାଯାଉଛି । କ୍ୟାଣ୍ଡି ଫ୍ରମ ଏ ବେବି ଆମେରିକାର ଚଳଚ୍ଚିତ୍ରକୁ ଅନ୍ୟ ଦେଶମାନେ ଚୋରି କରିନେଇଥିଲେ । କାଲିଫର୍ଣ୍ଣିଆରେ ଜଣେ ଅଯୋଗ୍ୟ ଗଭର୍ଣ୍ଣର ଥିବାରୁ ଏହା ଘଟିଥିଲା । ଏଣିକି ଆମେରିକା ବାହାରେ ନିର୍ମାଣ ହେଉଥିବା ଚଳଚ୍ଚିତ୍ରଗୁଡ଼ିକ ଉପରେ ୧୦୦% ଶୁଳ୍କ ଲାଗିବ । ଏହାଛଡ଼ା ଟ୍ରାମ୍ପ ଆସୁଥିବା କାଠ ସାମଗ୍ରୀ ଯୋଗୁ ଉତ୍ତର କାରୋଲିନାରେ ଏହି ବ୍ୟବସାୟ ଠପ୍ ହୋଇଯାଉଛି । ଅନ୍ୟ ଦେଶରୁ ଆସୁଥିବା ସାମଗ୍ରୀ ଯୋଗୁ ଆମେ କ୍ଷତିଗ୍ରସ୍ତ ହେଉଛୁ । ତେଣୁ ଆମେ ସମାନୁପାତିକ ଶୁଳ୍କ ଲାଗୁ କରିବୁ । ଦିନେ ହଲିଉଡ୍ ଆମେରିକା ସିନେମା ପାଇଁ ପ୍ରସିଦ୍ଧ ଥିଲା । ଏବେ ଏଥିଲାଗି ଫର୍ଣ୍ଣର କରିବାକୁ ପଡୁଛି । ଏହାର ନିର୍ମାଣ ବନ୍ଦ ଅଫିସରେ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି । ୨୦୨୩ରେ ପ୍ରାୟ ୫ ବିଲିୟନ୍ ଡଲାର କ୍ଷତି ହୋଇଥିବା ଆକଳନ କରାଯାଇଛି । ଅଗଷ୍ଟ ମାସରେ ଟ୍ରମ୍ପ କାଠରେ ନିର୍ମିତ ସାମଗ୍ରୀ ଉପରେ ଅନୁସନ୍ଧାନ ପାଇଁ ଏକ ଟିମ୍ ଗଠନ କରିଛନ୍ତି । ୫୦ ଦିନ ମଧ୍ୟରେ ଏହା ସମ୍ପୂର୍ଣ୍ଣ ହେବ । ଅନ୍ୟ ଦେଶରୁ ଯେଉଁ କାଠ ସାମଗ୍ରୀ ଆମେରିକାକୁ ଆସୁଛି ସେମାନଙ୍କ ଲାଗି ଅଧିକ ଶୁଳ୍କ ଲାଗିବ । ଏହାଦ୍ୱାରା ଉତ୍ତର କାରୋଲିନାରେ କାଠ ସାମଗ୍ରୀ ବ୍ୟବସାୟ ପୁଣି ଟ୍ରାକ୍‌କୁ ଫେରିବ । ଗୁରୁବାର ଟ୍ରମ୍ପ ସମସ୍ତ କିଚେନ୍ ସାମଗ୍ରୀ କ୍ୟାବିନେଟ୍, ବାଥରୁମ୍ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗୁ କରିଛନ୍ତି । ଏହା ୨୦୨୫ ଅକ୍ଟୋବର ପହିଲାରୁ ଲାଗୁ ହେବ । ଅତିରିକ୍ତ ଭାବେ ଏବେ କାଠ ସାମଗ୍ରୀ ଉପରେ ୩୦% ଶୁଳ୍କ ଲାଗୁ କରାଯିବ ବୋଲି ସୂଚନା ମିଳିଛି ।

## ଆଜି...

ପାଣିପାଗ ବିଭାଗର କହିବାନୁସାରେ, ଆସନ୍ତାକାଲି ଠାରୁ ରାଜ୍ୟରେ ବର୍ଷା ଆରମ୍ଭ ହେବ । ଦକ୍ଷିଣ ଓଡ଼ିଶାର ଗଜପତି, ଗଞ୍ଜାମ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ । ବାକି ସ୍ଥାନଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଛି । ୨ରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ହେବାକୁ ଥିବା ବେଳେ ୨ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ । ସେହିପରି ୩ରେ ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ସୋନପୁର ଜିଲ୍ଲାକୁ ପ୍ରବଳ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ତେବେ ନବମୀ ଓ ଦଶମୀରେ ସାରା ରାଜ୍ୟରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଯୋଗୁ ପୂଜା ବଜାର ଫିକା ପଡ଼ିପାରେ ।

## ଶିରୀଷ...

ଜଣାଇଛନ୍ତି । ସୋସିଆଲ ମିଡିଆରେ ସେ ଉଲ୍ଲେଖ କରିଛନ୍ତି ଯେ ଜଣେ ଓଡ଼ିଆ ଦେଶର ସର୍ବୋଚ୍ଚ ବ୍ୟାଙ୍କରେ ଏପରି ଗୁରୁତ୍ୱପୂର୍ଣ୍ଣ ପଦ ପାଇବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ଆର୍‌ବିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ଓ କାର୍ଯ୍ୟ ଦକ୍ଷତା, ଦେଶର ଆର୍ଥିକ ବ୍ୟବସ୍ଥା ଓ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ ବୋଲି ମୋର ଦୃଢ଼ ବିଶ୍ୱାସ । ଆଗାମୀ କାର୍ଯ୍ୟକାଳ ଓ ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରୁଛି ।

## ରାତିରେ...

ନିୟୋଜିତ ଥିବେ ସେଠାରେ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ୍ ଲାଗୁ ହେବ । ପ୍ରତିଷ୍ଠାନଗୁଡ଼ିକ ନିୟୋଜିତ କର୍ମଚାରୀଙ୍କ ସଂଖ୍ୟା ଓଡ଼ିଆ ସାଇନ୍‌ବୋର୍ଡରେ ପ୍ରଦର୍ଶନ କରିବେ । ଦୈନିକ କାର୍ଯ୍ୟ ନିର୍ଘଣ୍ଟ ୯ ରୁ ୧୦ ଘଣ୍ଟାକୁ ବୃଦ୍ଧି ହୋଇଥିବାବେଳେ କର୍ମଚାରୀଙ୍କ କାର୍ଯ୍ୟ ସମୟ ମଧ୍ୟରେ ଅତି କମ୍‌ରେ ଅଧଘଣ୍ଟା ବ୍ୟବଧାନ ରହିବ । ନିରନ୍ତର ଭାବେ କାର୍ଯ୍ୟ ୬ ଘଣ୍ଟାରୁ ଅଧିକ ହେବନାହିଁ । ତ୍ରୈମାସିକ ଓଭର ଟାଇମ୍‌ର କାର୍ଯ୍ୟସୀମା ୧୪୪ ଘଣ୍ଟାକୁ ବୃଦ୍ଧି କରାଯାଇଛି । ଜଣେ କର୍ମଚାରୀ କୌଣସି ଦିନରେ ୧୦ ଘଣ୍ଟାରୁ ଅଧିକା କିମ୍ବା କୌଣସି ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାର୍ଯ୍ୟକଲେ ଓଭରଟାଇମ୍ କାର୍ଯ୍ୟ ବାବଦକୁ ସାଧାରଣ ମଜୁରୀ ଭାବରେ ଦ୍ୱିଗୁଣିତ ମଜୁରୀ ପାଇବାକୁ ହକ୍‌ଦାର ରହିବେ । ପ୍ରତିଷ୍ଠାନଗୁଡ଼ିକ ୨୪ ଘଣ୍ଟା ଏବଂ ବର୍ଷକୁ ୩୬୫ ଦିନ ଖୋଲା ରହିବ । ମହିଳା କର୍ମଚାରୀମାନେ ଲିଖିତ ସହମତିରେ ରାତିରେ କାର୍ଯ୍ୟ କରିପାରିବେ । ସରକାରଙ୍କ ଦ୍ୱାରା ଅଧିକ ସର୍ତ୍ତାବଳୀ ଅନୁଯାୟୀ ନିୟୋଜିତ ହେବେ । ନୂତନ ଶିଳ୍ପ ଏବଂ ନିବେଶକୁ ଆକର୍ଷିତ କରିବ । ଅଧିକ ଓଭରଟାଇମ୍ କାମ କରିବାକୁ ଦେଇ ଶ୍ରମିକଙ୍କ ରୋଜଗାର ବୃଦ୍ଧି କରିବା ମଧ୍ୟ ସାହାଯ୍ୟ କରିବ । ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଓ ବ୍ୟବସାୟୀକରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ । ସେହିଭଳି ଗୋଦାବରିଶ ଆଦର୍ଶ ବିଦ୍ୟାଳୟ ଯୋଜନାକୁ ସରକାର ଅନୁମୋଦିତ କରିଛନ୍ତି । ଶିକ୍ଷା ଓ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱାରୋପ କରି ପଞ୍ଚାୟତ ସ୍ତରରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ । ଜାତୀୟ ଶିକ୍ଷାନୀତି ୨୦୨୦ ଏବଂ ନିପୁଣ ଓଡ଼ିଶାର ଦୃଷ୍ଟିକୋଣ ସହ ସମନ୍ୱୟ ରକ୍ଷାକରି ସାମାଜିକ ଓ ଶିକ୍ଷାଗତ ଭାବରେ ପିଲାମାନଙ୍କୁ ସଶକ୍ତ କରାଯିବ । ପ୍ରଥମ ପର୍ଯ୍ୟାୟରେ ୨୨୦୦ଟି ମଡେଲ ସ୍କୁଲ ନିର୍ମାଣ ପାଇଁ ୧୨ ହଜାର କୋଟି ଟଙ୍କା ଅଟକଳ କରାଯାଇଛି । ପ୍ରତ୍ୟେକ ସ୍କୁଲ ପାଇଁ ଆନୁମାନିକ ଖର୍ଚ୍ଚ ୫ କୋଟି ଟଙ୍କା ଆକଳନ କରାଯାଇଥିବାବେଳେ ପ୍ରକଳ୍ପ ରିପୋର୍ଟର ଆଧାରରେ ପ୍ରକୃତ ଖର୍ଚ୍ଚ ନିୟନ୍ତ୍ରଣ କରାଯିବ ।

ସେହିଭଳି କେନ୍ଦୁଝର, ଘଟଗାଁରେ ଥିବା ତାରିଣୀ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି କରାଯିବ । କ୍ୟାବିନେଟ୍ ଏଥିପାଇଁ ୧୪୬ କୋଟି ଟଙ୍କା ମୂଲ୍ୟର ଟେଣ୍ଡରକୁ ମଞ୍ଜୁର କରିଛନ୍ତି । ୫୯.୨୦୬ ଏକର ପରିମିତ ଅଞ୍ଚଳରେ ଏହି ବିକାଶ କାର୍ଯ୍ୟ ୨୪ ମାସ ମଧ୍ୟରେ ଶେଷ ହେବ । ୨୨୬ କୋଟି ଟଙ୍କା ବ୍ୟୟ କରାଯିବ । ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ ଓ ତୀର୍ଥଯାତ୍ରୀ କେନ୍ଦ୍ରରେ ଫୁଡ୍ ପ୍ଲାଜା, ୱାଚ୍ ଟାୱାର ଓ ମାର୍କେଟ୍‌କମ୍ପ୍ଲେକ୍ସ ରହିବ । ନଡ଼ିବା ଭଣ୍ଡାର ଓ ୫୦୦ ଜଣ ବସିବା ଭଳି ପ୍ରସାଦ ସେବନ ପ୍ରକୋଷ୍ଠ ନିର୍ମାଣ କରାଯିବ । ଜିନିଷ ରଖିବାକୁ ଘର ମଧ୍ୟ ନିର୍ମାଣ କରାଯିବ ।

# ସାର ସଙ୍କଟ : ରାସ୍ତା ଅବରୋଧ କଲେ ଚାଷୀ



ବୋଲଗଡ଼, (ସବ୍ୟୁ): ବଗୁନିଆ ବ୍ଲକରେ ସେବା ସମବାୟ ସମିତି ରେ ସାରା ଗଚ୍ଛିତ ହୋଇ ରହିଥିଲେ ସୁଧା ଚାଷୀ ମାନଙ୍କୁ ସାର ଆବଶ୍ୟକତା ଅନୁସାରେ ନ ମିଳିବା ଓ କେଉଁ ଚାଷୀକୁ ୧୨ ମାଣ ବିଲକୁ ୫୦ କେଜି ସାରା ମିଳିବା ବା କେଉଁ କେଉଁ ଚାଷୀଙ୍କୁ ଜମା ସାର ନ ମିଳିବା ଓ ଖରାରେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ସକାଳ ୧୦ ଟାରୁ ଉପରବେଳା ୪ ପର୍ଯ୍ୟନ୍ତ ଛିଡ଼ା ହେବା ସେ%ଂ ଓ ଆଧାର କାର୍ଡ ଆଣିକି ଆସ ସାରା ଦିଆଯିବ । ଏଭଳି ଚାଷୀକୁ ହନ୍ତସନ୍ତ କରିବା ଫଳରେ ସୋମବାର ଦିନ ଚାଷୀ ଭାଇ ମାନେ ସମସ୍ତେ ଏକାଠି ହୋଇ ବେଗୁନିଆ ସମବାୟ ସମିତିର ମନ ମାନି ସାର ବଣ୍ଟନକୁ ଓ ସାର ନ ଦେବା ବିରୋଧ ପ୍ରତି ବାଦରେ ସାର ପାଇ ଆସିଥିବା କୁଶପଲ୍ଲା, ଗୋଲାପାଟଣା ଓ ସ୍ଥାନୀୟ ସମସ୍ତ ଚାଷୀ ଭାଇମାନେ ଏକତ୍ରୀତ ହୋଇ ଖୋର୍ଦ୍ଧା - ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ଅବରୋଧ କରିବା ଫଳରେ ଉଭୟ ପାର୍ଶରେ ସହ ସହ ଯାନବାହାନ ଅଟକି ରହିଥିଲା । ସରକାର ସାରର ଅଭାବ ନାହିଁ ପ୍ରଚୁର ସାର ଅଛି କହୁଥିବା ବେଳେ, ନା ବଜାରରେ ସାର ଅଛି ନା ସମବାୟ ସମିତି ଗୁଡିକରେ ପ୍ରଚୁର ପରିମାଣରେ ସାର ଉପଲବ୍ଧ ଅଛି ଯାହା ଫଳରେ ଚାଷୀ ଭାଇ ମାନେ ସାର ନ ମିଳିବାରୁ କ୍ଷୋଭ ପ୍ରକାଶ କରିଛନ୍ତି । ଦେଖିବାକୁ ବାକି ରହିଲା ଫସଲ ଥୋଡ ଧରିବାକୁ ବସିଥିଲା ବେଳେ ଚାଷୀ ଭାଇକୁ କେବେ ସାର ମିଳୁଛି ।

# ଗ୍ରୋସରୀ ଦୋକାନ ତାଲା ଭାଙ୍ଗି ଲୁଟ

ବାଲୁଗାଁ, (ସବ୍ୟୁ): ବାଲୁଗାଁ ମୁଖ୍ୟ ବଜାର ସ୍ଥିତ ରାଜେଶ ସୁବୁଦ୍ଧିଙ୍କ ଗ୍ରୋସରୀ ଦୋକାନ ତାଲା ଭାଙ୍ଗି ରବିବାର ରାତ୍ରିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଓ ନଗଦ ଟଙ୍କା ଲୁଟ ହୋଇଛି । ଏ ନେଇ ଅଭିଯୋଗ ହେବା ପରେ ବାଲୁଗାଁ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ରବିବାର ରାତ୍ରିରେ ରାଜେଶ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ସୋମବାର ସକାଳେ ଆସି ଦୋକାନ ଖୋଲି ଦେଖିବା ବେଳକୁ ସାମଗ୍ରୀ ବିକ୍ଷିପ୍ତ ଭାବେ ପଡିରହିଛି ଏବଂ କ୍ୟାସ ବାକ୍ସରେ ବ୍ୟବସାୟିକ ଅର୍ଥ ନଗଦ ୭୦ ହଜାର ଟଙ୍କା ନାହିଁ । ଦୁର୍ବୃତ୍ତ ମାନେ ଉପର ମହଲା କବାଟ ଭାଙ୍ଗି ଦୋକାନରୁ ଚୋରି କରିଥିବା ଜଣାପଡ଼ିଥିଲା । ଲକ୍ଷାଧିକ ଟଙ୍କାର ବହୁମୂଲ୍ୟ ସାମଗ୍ରୀ ସମେତ ନଗଦ ଟଙ୍କାକୁ ମିଶାଇ ପ୍ରାୟ ଦୁଇ ଲକ୍ଷ ଟଙ୍କା ଚୋରି ହୋଇଥିବା ମାଲିକ ରାଜେଶ କହିଛନ୍ତି ।

# ଅଟୋରୁ ବ୍ୟାଟେରି ଚୋରି : ୨ ଗିରଫ

ବାଲୁଗାଁ, (ସବ୍ୟୁ): ଏକ ଅଟୋରିକ୍ସାରୁ ବ୍ୟାଟେରୀ ଚୋରି ଅଭିଯୋଗରେ ବାଲୁଗାଁ ପୋଲିସ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରିବା ସହ ଚୋରି ବ୍ୟାଟେରୀକୁ ଜବତ କରିଛି । ଗିରଫ ଅଭିଯୁକ୍ତ ହେଲେ ବାଲୁଗାଁ ଅଞ୍ଚଳର ବାପି ବେହେରା (୨୬)ଏବଂ ଗୁରୁପ୍ରସାଦ ନାୟକ (୩୬) । ବାଲୁଗାଁ ଗାନ୍ଧୀ ନଗର ଅଞ୍ଚଳର ବସନ୍ତ ବେହେରା ନିଜ ଅଟୋରିକ୍ସାକୁ ଘର ନିକଟରେ ରଖିଥିବା ବେଳେ ରବିବାର ରାତ୍ରିରେ କେହି ଦୁର୍ବୃତ୍ତ ବ୍ୟାଟେରୀ ଚୋରି କରି ନେଇଥିଲା । ଏ ନେଇ ବସନ୍ତ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ ।

# ଶାରଦୀୟ ପୂଜାରେ ଗାଁ ଗାଁ ବୁଲି ଭୋଗ ଖାଇଲେ ମା' କୁଞ୍ଜେଶରୀ

କଣାସ, (ସବ୍ୟୁ): ଶାରଦୀୟ ନବଦିନାତ୍ମକ ପୂଜା କଣାସ ବ୍ଲକର ବିଭିନ୍ନ ଦେବୀ ପୀଠ ଗୁଡିକରେ ଆରମ୍ଭ ହୋଇଥିବା ବେଳେ କଣାସ ଅଞ୍ଚଳର ଆରାଧ୍ୟା ଠାକୁରାଣୀ ମାଆ କୁଞ୍ଜେଶ୍ୱରୀଙ୍କ ପୂଜା ମହା ଆଡ଼ମ୍ବରରେ ଅନୁଷ୍ଠିତ ହେଉଛି । ପ୍ରତି ବର୍ଷ ପରି ଚଳିତ ବର୍ଷ ପରମ୍ପରା ଅନୁସାରେ ମାଆଙ୍କ ପୀଠରେ ସ୍ରୋତ୍ରୀୟ ବାହ୍ମଣ ମାନଙ୍କ ଦ୍ୱାରା ପୂଜା ପାଠ ଅନୁଷ୍ଠିତ ହେଉଛି । ଫଳରେ ମାତୃଶକ୍ତି ପୀଠ ଚଳ ଚଞ୍ଚଳ ହୋଇଥିବା ଜଣାଡିଛି । ସପ୍ତସତି ଚଣ୍ଡି ପାଠ, ହୋମ, ଷୋଡଶ ଉପଚାର ପୂଜାର ମନ୍ତ୍ର ଶବ୍ଦରେ ମୁଖରିତ ହୋଇ ଉଠିଛି ଶକ୍ତିପୀଠ ଗୁଡିକ । ଗ୍ରାମ ଗୁଡିକରେ ରହିଥିବା ପୀଠ ଦେବୀଙ୍କ ନିକଟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ସକାଳେ ଦ୍ୱାରଫିଟା, ସୂର୍ଯ୍ୟପୂଜା, ମଙ୍ଗଳ ଆଳତି, ସ୍ନାନ, ବେଶ କରାଯିବା ପରେ ମାଆଙ୍କ ପାଖେ ଧୂପ, ଦୀପ ଦେବାପରେ ଉଖୁଡା, ଖଇ, କୋରା, ଚୁଡାଘଷା, ପାଚିଲା କଦଳୀ, ବିଭିନ୍ନ ଫଳମୂଳ ସହିତ ପଇଡ ଆଦି ବାଳଭୋଗ କରାଯାଉଛି । ଦିପହର ଧୂପରେ ଠାକୁରାଣୀଙ୍କ ପାଖରେ ଖେଚାଡି, ଡାଲି, ଡାଲମା, ମସଲା ଡାଲି, ମାଛବେସର, ସାଧା ତରକାରୀ, ପୋଡା ମାଛ, ଖିରି, ଏଣ୍ଡୁରୀ, କାକରା, ପଣା, ପଇଡ ଆଦି ଭୋଗ କରାଯାଉଛି । ସ୍ରୋତ୍ରୀୟ ବ୍ରାହ୍ମଣ ବରଣ କରାଯାଇ ପୀଠରେ ଚଣ୍ଡିପାଠ, ହୋମ ଓ ଷୋଡଶଉପାଚାରରେ ମାଙ୍କୁ ପୂଜା ପାଠ କରାଯାଉଛି । ମାଆ କୁଞ୍ଜେଶ୍ୱରୀଙ୍କ ବଳିପ୍ରଥା ବନ୍ଦ ହୋଇଥିବାରୁ ନବମୀ ଦିନ ଶ୍ରୀଜଗନ୍ନାଥଙ୍କ ଶୁଖିଲି ମହାପ୍ରସାଦ ଠାକୁରାଣୀଙ୍କ ପାଖରେ ସମର୍ପଣ କରାଯାଇଥାଏ । ଦଶହରା ଦିନ ବିଭିନ୍ନ ଗ୍ରାମ ମାନଙ୍କରେ ଶିବ ପାର୍ବତୀଙ୍କୁ ସୁସଜିତ ବିମାନ ବା ରଥରେ ବସାଇ ଗ୍ରାମ ପରିକ୍ରମା କରିବା ସହ ଦୁଆରିଭୋଗ ଖାଇଥାନ୍ତି । ବିଶେଷ କରି ପରମ୍ପରା ଅନୁଯାୟୀ ମାଆ କୁଞ୍ଜେଶରୀଙ୍କ କାଠି ଷୋଳ ଦେଶକୁ ଯାଇ ଗ୍ରାମ ପରିକ୍ରମା କରିଥିଲେ । ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ମାଆ କୁଞ୍ଜେଶ୍ୱରୀଙ୍କ ଚଳନ୍ତି ପ୍ରତିମା ଆଖ ପାଖ କଣାସ, ନୂଆ ଦୋକନ୍ଦା, ବଡାସ, ବଦ୍ୟନାଥପାଟଣା, କଖାରୁବସ୍ତ, ତରପଡା, ବାଲିପାଟଣା, ଦୋକନ୍ଦା, ସିରେଇ, ସହନା, ରହାନ୍ଦିଆ ଓ କଦଳୀଦଣ୍ଡା ଗ୍ରାମମାନଙ୍କୁ ଯାଇ ଦଶହରା ମଣ୍ଡପରେ ବସିବା ପରେ ସେଠାରେ ପୂଜାର୍ଚ୍ଚନା କରିବା ସହ ଭୋଗ ଲାଗି ହୋଇଥିଲା ।

# କାଳରାତ୍ରି ବେଶରେ ମା' ଦୁର୍ଗା

ବଳଙ୍ଗା, (ସବ୍ୟୁ): ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଶାରଦୀୟ ପୂଜା ଅବସରରେ ମା ଦୁର୍ଗାପୂଜା ବଳଙ୍ଗା ଅଞ୍ଚଳରେ ଧୁମ ଧାମରେ ପାଳିତ ହେଉଛି । ସୋମବାର ଦିନ ମୃଣ୍ମୟୀ ଦେବୀ ପିଠେ ଅଷ୍ଟମୀ ଅବସରରେ ଭକ୍ତମାନଙ୍କୁ ପୂଜା ମଣ୍ଡପରେ ଦର୍ଶନ ଦେଉଛନ୍ତି ମା ଦୁର୍ଗା । ଜଗତ ଜନନୀ ଦେବୀ ଦୁର୍ଗାଙ୍କ ଧରାବତରଣ ମହୋତ୍ସବ ତଥା ଆଜି ଦୁର୍ଗାପୂଜାର କାଳରାତ୍ରି ଏବଂ ଆସନ୍ତା କାଲି ନବମୀ ମହାଗୌରୀ ବେଶରେ ଦର୍ଶନ ଦେବେ । ବଳଙ୍ଗା ଅଞ୍ଚଳର ରୁପଦେଇପୁର, କେତକୀ ପାଟଣା, ଗୁଆଳୀ ଗୋରଡ଼ା ପ୍ରଭୃତି ମଣ୍ଡପ ମାନଙ୍କରେ ଭକ୍ତ ମାନଙ୍କୁ ମା ଦର୍ଶନ ଦେଉଥିବା ବେଳେ ପୂଜା କମିଟି ମାନଙ୍କ ପକ୍ଷରୁ ଭକ୍ତ ମାନଙ୍କୁ ଆକର୍ଷଣୀୟ କରିବା ପାଇଁ ମଣ୍ଡପ ଗୁଡ଼ିକୁ ବିଭିନ୍ନ ପ୍ରକାର ତୋରଣରେ ସଜ୍ଜିତ କରାଯାଇଛି । ଭକ୍ତ ମାନଙ୍କ ଗହଳି ଦୃଷ୍ଟିରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।


**AFFIDAVIT**

By virtue of an affidavit sworn before Notary Public, Kendrapara, dated 26.09.2025 I, Bibhuti Bhusan Mishra, S/o Managobinda Mishra, Vill-Teheda, Po-Ghantalo, PS-Kendrapara Sadar, Dist-Kendrapara, Pin-754209 declare that I have changed my daughter's name from Bhavyansh Mishra to Bhavyanshi Mishra. Henceforth, she shall be known as Bhavyanshi Mishra for all purposes.

Sd/- Bibhuti Bhusan Mishra

**AFFIDAVIT**

By virtue of an Affidavit sworn before Executive Magistrate, Nayagarh Odisha on dated. 25.09.2025 I, Runubala Barad, W/o- Prasanna Kumar Barad Resident of Village- Ghadual, P.O.- Nayagarh, P.S.- Nayagarh, Dist- Nayagarh, PIN- 752069 declare that I have changed my minor Daughter's name from Priyanshi Pritilagna Barad to Priyashree Pritilagna. Henceforth, She shall be known as Priyashree Pritilagna for all purposes.

Sd/- Renubala Barad

**NOTICE**
**TO GENERAL PUBLIC**

By virtue of an affidavit, before the court, This is to inform that, I Smt. Kasturi behera, W/o Jayasing Behera, head post office street, Paralakhemundi writing to state that the property situated at dist- Gajapati, Paralakhemundi, at Mouza- Kavitipur, Khata- 46, plot- 2192(New Khata- 99/1678, Plot- 292, 313), billo- do fasali, extent- 1.063, is my husband's paternal property, and me and my children's (heirs), and Grand Daughter- Rupali Kalpana Kussum, hold legal ownership rights and is 'Not for sale' to anybody.
Neither I, We legal heirs consent to the sale of this property. Any attempt, to sale the property, by Jayasing Behera (husband), shall be treated as Null/Void.
Any attempt to purchase or encroach will be strongly resisted, and I, We shall seek appropriate legal remedy holding such persons liable.

Advocate -
Dr. Subrat Kumar Sahu,
Berhampur, Ganjam.
Deponent- Kasturi Behera.

**AFFIDAVIT**

By virtue of an Affidavit Before Executive Magistrate, Banki No : 2868/ Dt. 12.09.2025 I Paresh Chandra Patra, S/o Late Radhakrushna Patra Age 46 years old, Vill : Baghei Samil Gopabandhu Nagar, P.O : Kendupalli, PS : Baideswar, Dist : Cuttack declared that My daughter's name is Subhashree Patra in childhood. But her name is wrongly recorded Subhashree Patra in Adhar Card. So Real name is Shubhashree Patra. Henceforth She shall call Shubhashree Patra for ever for All purpose.

Sd/- Paresh Chandra Patra

**AFFIDAVIT**

By virtue of an affidavit sworn before the Executive Magistrate Tihidi, I Santilata Mahalik wife of Babu Mahalik, At-Taladapa, Po-Tiadisahi, P.S.- Pirahat, Dist-Bhadrak, Odisha, Declare by this affidavit No-5138/dt. 25.08.25 that the name of my minor grand daughter is Kamalini Mahalik in her birth certificate. But her name is recorded Kalyani Mahalik in her Adhar Card No. 6518 2218 4128. So her real name is Kamalini Mahalik. Henceforth she shall be known as Kamalini Mahalik for all purpose for ever.

SBI
**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
**କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ,**
ଭୁବନେଶ୍ୱର ଉତ୍ତର, ରାଜପଥ, ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୮.୧୦.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତା ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) | ୨୯.୦୯.୨୦୨୫ ସୁଦ୍ଧା ବକେୟା ଋଣ |
|---|---|---|---|---|
| | **ସୁନ୍ଦରପଦା ଶାଖା, ଭୁବନେଶ୍ୱର** | | | |
| ୧. | **କୁମାରୀ ବିବି,** ମାର୍ଫତ: ସେଖ୍ ଇସଲାମ, ସା: କପିଳପ୍ରସାଦ, ଆଜାଦ ନଗର, ଓଲ୍ଡ ଟାଉନ୍, ଥାନା: ଏୟାରଫିଲ୍ଡ, ସୁନ୍ଦରପଦା, ପିନ୍-୭୫୧୦୦୨ / ୪୩୫୬୨୬୦୮୩୬୨ | ୧୦.୮୦ | ୧୨.୦୦ | ଟ.୩୯,୫୫୪/- |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ବକେୟା ଋଣର ୧୦%** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବ ନାହିଁ ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୯.୦୯.୨୦୨୫** **କ୍ଷେତ୍ରୀୟ ପ୍ରବନ୍ଧକ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

**୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା,**
**ମୟୂରଭଞ୍ଜର ବିକାଶ ଗାଥା**

ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟ ତରଫରୁ ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ କୃଷିସିଞ୍ଚାଇ ଯୋଜନା ମାଧ୍ୟମରେ ବଡ଼ସାହି ଏବଂ ସାରସକଣା ବ୍ଲକ୍‌ରେ ମୋଟ ଟ. ୭୪୦.୮୭ ଲକ୍ଷ ଅର୍ଥ ବିନିଯୋଗ କରାଯାଇ (NRM, Livelihood, Production system) ଇତ୍ୟାଦି component ରେ ମୋଟ ୨୭୬୭ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି । Livelihood ମାଧ୍ୟମରେ ଖଲି ଦୋନା ପ୍ରସ୍ତୁତି, ବାଉଁଶ ନିର୍ମିତ ହସ୍ତଶିଳ୍ପ, ଛେଳି, ଘୁଷୁରୀ, କୁକୁଡ଼ା ଇତ୍ୟାଦି ପାଳନ, ସିଲେଇ କାମ, ପନିପରିବା ଚାଷ, ଛତୁଆ ପ୍ରସ୍ତୁତି ଆଦି ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଅଛି । Production System Component ମାଧ୍ୟମରେ ପନିପରିବା, ଛତୁ, ମାଛ, ଛେଳି, କୁକୁଡ଼ା ଇତ୍ୟାଦି ଚାଷ, ଜିଆ ଖତ ପ୍ରସ୍ତୁତି, କୃଷି ଯନ୍ତ୍ରପାତି ଇତ୍ୟାଦି ନିମନ୍ତେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଅଛି । ଓଡ଼ିଶା ଖଣିଜ ସମ୍ପଦ ଅଞ୍ଚଳ ଉନ୍ନୟନ ନିଗମ (OMBADC Watershed Cluster) ମାଧ୍ୟମରେ ବହଳଦା, କୁସୁମି, ଯଶିପୁର ବ୍ଲକ୍‌ରେ କାର୍ଯ୍ୟକାରୀ ହୋଇ୨୭୩,୩୦୦୯୩ ଲକ୍ଷ ଅର୍ଥ ବିନିଯୋଗରେ ମୋଟ ୨୮୨୫ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି । କୃଷି ଭିତ୍ତିକ ବନୀକରଣ ଯୋଜନା ମାଧ୍ୟମରେ ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୧୪୦୪ ଜଣ ହିତାଧିକାରୀଙ୍କ ଜମିରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ ଯଥା (ଆମ୍ବ, କାଜୁ, ଆକାଶିଆ ଏବଂ ମିଶ୍ରିତ ଫଳ ଗଛ) ଲଗାଯାଇ ମୋଟ ୧୯୮.୭୬୭୩୫ ଲକ୍ଷ ଅର୍ଥ ଖର୍ଚ୍ଚ ହୋଇଅଛି । ବୃଷ୍ଟିପୁଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନା ମାଧ୍ୟମରେ ୨୦୨୪-୨୫ ଆର୍ଥିକ ବର୍ଷରେ ୦୬ଟି ବ୍ଲକ୍‌ରେ ୨୮ ଜଣ ହିତାଧିକାରୀଙ୍କୁ କୃଷି, ଉଦ୍ୟାନ କୃଷି, କୃଷି ଭିତ୍ତିକ ବନୀକରଣ, ମାଛ ଚାଷ, ପଶୁ ପାଳନ, ଜିଆ ଖତ ଇତ୍ୟାଦି କାର୍ଯ୍ୟ ପାଇଁ ମୋଟ ୪୭.୨୪୪ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଅଛି । ଆଦର୍ଶ ବଗିଚା ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୬୩.୮୯୪୨୫ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ମୋଟ ୧୦୦ ଜଣ ହିତାଧିକାରୀଙ୍କ ୧୦୦ ଏକର ଜମିରେ ଜଙ୍ଗଲ ଜାତୀୟ ବୃକ୍ଷ ଯଥା- ହରିଡ଼ା, ବାହାଡ଼ା, ନିମ୍ବ, କରଞ୍ଜ ଇତ୍ୟାଦି ଏବଂ ମିଶ୍ରିତ ଫଳ ଗଛ ଯଥା- ସପେଟା, କାଗଜି ଲେମ୍ବୁ, ପିଜୁଳି, ଆତ, ଅମୃତଭଣ୍ଡା, ସଜନା, ନଡ଼ିଆ ଇତ୍ୟାଦି ରୋପଣ କରାଯାଇଅଛି । ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ମୋଟ ୪୭୧ ଜଣ ହିତାଧିକାରୀଙ୍କ ୨୯୮.୫ ହେ. ଜମିରେ କାଜୁ, ଆମ୍ବ, ପଣସ ଏବଂ ମିଶ୍ରିତ ବୃକ୍ଷରୋପଣ କରାଯାଇଥିଲା । Trench-cum-Bund, Field Bunding, Straggard trench ଇତ୍ୟାଦି ମୋଟ ୫୨୦ ହେ.ଜମିରେ କରାଯାଇଥିଲା ଏବଂ ମୋଟ ୧୦୮୪ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି । ମୋଟ ୩୧୯ ଜଣ ହିତାଧିକାରୀଙ୍କ ଜମିରେ କ୍ଷେତ ପୋଖରୀ ଖନନ କାର୍ଯ୍ୟ ହାତକୁ ନିଆଯାଇଅଛି । MGNREGA ସ୍କିମ୍ ମାଧ୍ୟମରେ ୪୫୧୮୪୨ ଶ୍ରମ-ଦିବସ ସୃଷ୍ଟି କରାଯାଇଅଛି । ଖାଦ୍ୟ ଏବଂ କୃଷି ସଂଗଠନ (FAO) ଏବଂ ବିଶ୍ୱ ପରିବେଶ ସୁବିଧା (GEF) ସହାୟତାପ୍ରାପ୍ତ ଗ୍ରୀନ- ଏଜି ପ୍ରକଳ୍ପର ଚାରିଟି ମୁଖ୍ୟ ଉଦ୍ଦେଶ୍ୟ ରହିଛି- ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ, ଭୂମି ଅବକ୍ଷୟ ନିୟନ୍ତ୍ରଣ, ସ୍ଥାୟୀ ବନ ପରିଚାଳନା ଏବଂ ଜୈବ ବିବିଧତା ସଂରକ୍ଷଣ । ଏହି ପ୍ରକଳ୍ପ ମୟୂରଭଞ୍ଜ ଜିଲ୍ଲାର ୧୬ଟି ବ୍ଲକ୍‌ର ୩୩୦ଟି ଗାମରେ କାର୍ଯ୍ୟକାରୀ ହେଉଛି । ଏହି ପ୍ରକଳ୍ପରେ ୧୦% ଫାର୍ମ ପୋଖରୀ ମଡେଲ, ଷ୍ଟ୍ରବେରୀ ଚାଷ, ଜିଆଖତ ପ୍ରସ୍ତୁତି । ଶାମାଖୁଣ୍ଟା ବ୍ଲକ୍‌ରେ ୨୫୦ ଏକର ଜମିରେ ମୁଗ ଚାଷ ଏବଂ ବାଙ୍ଗିରିପୋଷି ବ୍ଲକ୍‌ରେ ୧୫୦ ଏକର ଜମିରେ ଚିନାବାଦାମ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ Value Chain committee ଗଠନ କରି କୃଷି ଯାନ୍ତ୍ରିକକରଣ ଦ୍ୱାରା ଚାଷୀଙ୍କ ଆୟବୃଦ୍ଧି କରାଯାଉଅଛି । କୃଷକମାନଙ୍କୁ ବିତରଣ କରାଯାଇଥିବା କୃଷି ଯନ୍ତ୍ରପାତିଗୁଡ଼ିକ ହେଉଛି ଥ୍ରେସର, ଚିନାବାଦାମ ଚୋପା ଅଲଗା କରିବା ଯନ୍ତ୍ର, ଆର୍ଦ୍ରତା ମାପକ ଯନ୍ତ୍ର, ଓଜନ ମାପିବା ଯନ୍ତ୍ର, ପାଲ, ଭଣ୍ଡାରୀକରଣ ପାଇଁ ବ୍ୟାଗ୍ ଇତ୍ୟାଦି ।

Ecoclub ମାଧ୍ୟମରେ ବିଶ୍ୱ ମୃତ୍ତିକା ଦିବସ, ବିଶ୍ୱ ପୃଥିବୀ ଦିବସ, ବନମହୋତ୍ସବ ଇତ୍ୟାଦି ପାଳନ କରି ସ୍କୁଲ ପିଲାମାନଙ୍କୁ ପରିବେଶର ସୁରକ୍ଷା ଓ ମାଟିର ସଂରକ୍ଷଣ ଉପରେ ସଚେତନ କରାଯାଉଅଛି ।

କୃଷକ କ୍ଷେତ୍ର ବିଦ୍ୟାଳୟ (ମୁଗ ଓ ଚିନାବାଦାମ) ମାଧ୍ୟମରେ ଚାଷୀଙ୍କୁ ଉନ୍ନତମୂଳକ ଚାଷ ଉପରେ ପ୍ରଶିକ୍ଷଣ ଦିଆଯାଉଅଛି ।

ଭୂମି ଅବକ୍ଷୟ ନିରାକରଣ- ଜଳ ଅମଳକାରୀ ପ୍ରକଳ୍ପ, ଢିଲା ପଥର ଆଡ଼ିବନ୍ଧ (Loose Boulder Structure) Trench-Cum-Bund, ଜଳ ପୁନର୍ଭରଣ ପ୍ରକଳ୍ପ, ରିଚାର୍ଜ ପିଟ୍, staggered tronches, contour bunding କରାଯାଇ ଭୂମି ଅବକ୍ଷୟର ନିରାକରଣ କରାଯାଉଅଛି ।

**OFFICE OF THE EXECUTIVE ENGINEER, P.H. DIVISION, ANGUL**
Ph. (06764) 296431, Email-eephangul@yahoo.in
**GOVERNMENT OF ODISHA**
C-1187
**Bid Identification No. SE PH Division Angul-22/2025-26 dt. 25.09.2025**

| | | | |
|---|---|---|---|
| 1. | Name of the work | : | 01 (one) no P.H. work |
| 2. | Type of Bid | : | Double bid system |
| 3. | Estimated Cost | : | Rs. 69.10 lakhs |
| 4. | Period of completion | : | 03 (three) months |
| 5. | Date & time of availability of bid document in the portal | : | From 11.00AM of 03.10.2025 to 5.00 PM of 13.10.2025 |
| 6. | Last date / time of receipt of bids in the portal | : | 5.00 PM of 13.10.2025 |
| 7. | Date & time of opening of technical bids | : | At 11.00 AM of 14.10.2025 |
| 8. | Name & address of the Officer Inviting Bid. | : | Superintending Engineer, P.H. Division, Angul |
| 9. | The bidders have to participate in ONLINE bidding only. Further details can be seen from the website : **https://tendersodisha.gov.in.** Any addendum/corrigendum/cancellation of tender can also be seen in the said website. | | |

Superintending Engineer
P.H. Division, Angul

OIPR : 13056/11/0033/2526

OHPC
**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELETRIC PROJECT**
AT/PO: BARINIPUT - DIST. KORAPUT - 764006, ODISHA
PHONE: - 242001 (O), FAX: - (06854)242038 e-mail: sgmel_ukhep@ohpcltd.com
CIN: U40101OR1995SGC003963

**NOTICE INVITING TENDER NO UKHEP- 28 /2025-26 Dt.25/09/25**

**CAD-1879 :** Sealed Tenders are invited in two parts i.e. (1) Technical/General Bid accompanied with tender value & EMD in the shape of DD/BC on any Nationalized/Scheduled banks in favour of Odisha Hydro Power Corporation Ltd., Upper Kolab Hydro Electric Project, payable at SBI, Jeypore (IFSC Code SBIN0000101) and (2) Price Bid in separate sealed envelope from reputed manufacturers (OEM) of LED & SOLAR lights having manufacturing, Testing, Sales & Service facilities in India. Both bids be super scribed with Tender Call Notice No. & date at the top. The manufacturer's own testing lab should be NABL accredited/certified. At least one LED and one SOLAR lighting system of the OEM have been supplied to Govt. Departments/ PSUs/Local Bodies within last three Financial Years. Bidders are advised to visit our site on any working day, before submission of bids.

| Sl. No. | Description of work/ Service | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|---|
| 1 | Supply, Installation & Commissioning of LED & Solar Lights for Power House, Valve House, Surge Tank & Anchor Block Area of UKHEP, Bariniput | Rs. 11800/- (Rs. 10000 + GST @ 18%) | Rs. 59000/- |

- Period of sale/download of tender document : From 04/10/25 to 11:00 Hrs of 23/10/25
- Last date & Time of receipt of tender document : Up to 12:00Hrs of 23/10/25
- Date & Time of opening of Techno Commercial bid : At 12:30Hrs of 23/10/25
- For details of tender documents / terms & conditions / corrigendum / errata / addendum if any please visit our website **www.ohpcltd.com**

If the date of opening of Tender happens to be a holiday, the next working day will be the corresponding effective date.

Sd/- C&P Head
UKHEP, Bariniput

OIPR : 04002/11/0124/2526



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।



ଉତ୍ସାହୀ ଯୁବକଙ୍କ ଉଦ୍ୟମ କ୍ରମେ ଗାନ୍ଧୀ ଛକ ଆଦିବାସୀ ସାହି ଚଣ୍ଡିଖୋଲ ଠାରେ ପୋଷାକ ଓ ଶୁଖିଲା ଖାଦ୍ୟ ବର୍ଣ୍ଟନ କରାଯାଇଥିଲା । ସଚ୍ଚିଦାନନ୍ଦ ବେହେରାଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ହିମାଂଶୁ ମହାପାତ୍ର, ଅମରଜିତ ସାହୁ, ସୁଦୀପ୍ତ ପଣ୍ଡା, ବିଭୂଦତ୍ତ ବେହେରା, କ୍ଷିତୀଶ ଖଣ୍ଡାଇ ଓ ଅନେକ ଯୁବ ବନ୍ଧୁ ଏଥିରେ ସହାୟତା କରିଥିଲେ ।

# ସ୍କେଟର ଆନନ୍ଦଙ୍କୁ ଦୁଇଟି ସ୍ୱର୍ଣ୍ଣ ପ୍ରାପ୍ତି ନେଇ ଖୁସି ପ୍ରକଟ



ଭୁବନେଶ୍ୱର (ସବ୍ୟୁ): ପ୍ରଖ୍ୟାତ ସ୍କେଟର ଆନନ୍ଦଙ୍କୁ ଦୁଇଟି ସ୍ୱର୍ଣ୍ଣ ପଦକ ଦିଆଯାଇଥିବାରୁ ଆର୍‌ଏସ୍‌ଏଫ୍‌ଆଇର ସଭାପତି ତୁଳସୀରାମ ଅଗ୍ରୱାଲ ଖୁସି ପ୍ରକଟ କରିବା ସହ ତାଙ୍କୁ ହୃଦୟଭରା ଅଭିନନ୍ଦନ ଜଣାଇଛନ୍ତି । ଅନ୍ୟ ପକ୍ଷରେ କ୍ରୀଡାକୁ ଭଲ ପାଉଥିବା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଏବଂ କ୍ରୀଡା ମନ୍ତ୍ରୀ ଉଦୟନିଧି ଆନନ୍ଦଙ୍କୁ ୧.୮୦କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି । ଏହା ତାଙ୍କ କ୍ରୀଡା ଜୀବନକୁ ଅଧିକ ନୈତିକ ମନୋବଳ ଯୋଗାଇ ବୋଲି ଶ୍ରୀ ଅଗ୍ରୱାଲ କହିବା ସହ ସ୍କେଟିଂରେ ଅନ୍ତ ନାହିଁ ବୋଲି ମତ ଦେଇଛନ୍ତି । ଏହି ଅବସରରେ ସେ ଆନନ୍ଦଙ୍କୁ ହୃଦୟଭରା ଅଭିନନ୍ଦନ ଓ ଧନ୍ୟବାଦ ଆର୍‌ଏସ୍‌ଏଫ୍‌ଆଇ ପକ୍ଷରୁ ଜଣାଇଛନ୍ତି ।

# ସୋଆ ଏସ୍‌ପିଏସ୍‌ର ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ସ୍ୱତନ୍ତ୍ର ସେବା ଶିବିର

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନସେସ୍ (ଏସ୍‌ପିଏସ୍)ର ଏନ୍.ଏସ୍.ଏସ୍ ଶାଖା ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭଗବତୀପୁର ଗ୍ରାମରେ ଚଳିତ ମାସ ୧୭ରୁ ୨୩ ତାରିଖ ସାତ ଦିନ ଧରି ସ୍ୱତନ୍ତ୍ର ସେବା ଶିବିର ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ହୋଇଯାଇଛି । ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସୋଆ ଏନ୍‌ଏସ୍‌ଏସ୍ ଶାଖାର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କମଳ ଲୋଚନ ମହନ୍ତ, ସରପଂଚ ଲକ୍ଷ୍ମୀପ୍ରିୟା ସାହୁ, ଭାବଗ୍ରାହୀ ସାହୁ, ୱାର୍ଡମେମ୍ବର ବିଭୀଷଣ ନାୟକ, ଅଙ୍ଗନବାଡୀ କର୍ମୀ ମୌସୁମୀ ପରିଡା ଏବଂ କାର୍ଯ୍ୟକ୍ରମ ଅଧିକାରୀ ସହ-ପ୍ରାଧାପକ ଡକ୍ଟର ରାକେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିର ମାଧ୍ୟମରେ ଫାର୍ମାସୀ ବିଭାଗର ସ୍ୱେଚ୍ଛାସେବୀମାନେ



ଗ୍ରାମବାସୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ବିଷୟରେ ସଚେତନତା ପ୍ରଦାନ କରିଥିବାବେଳେ ଏହି ଗ୍ରାମର ସମସ୍ତ ମହିଳା ଓ ନାବାଳିକାମାନଙ୍କୁ ସ୍ୱଚ୍ଛତା, ମାସିକ ଋତୁସ୍ରାବ, ନାରୀମାନଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ପ୍ରକାରର ସଚେତନତା ଓ ନିୟମ ସଂପର୍କରେ ଅବଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ "ମା ପାଇଁ ଗଛଟିଏ" ସହ ମୌଳିକ ଆଇନ ସହାୟତାର ବିଭିନ୍ନ ଦିଗ ବିଷୟରେ ଶିବିର ଓ ପଦଯାତ୍ରା ଆଦି ଆୟୋଜନ କରାଯାଇଥିଲା । ଏହି ସାତଦିନିଆ ଶିବିରରେ ଗ୍ରାମୀଣ ପରିବେଶରେ ସରକାରଙ୍କ ଦ୍ୱାରା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନେବାର ଲକ୍ଷ୍ୟ ନିଆଯାଇଥିଲା ।

# କେୟାର ହସ୍ପିଟାଲରେ ବିଶ୍ୱ ହୃଦୟ ଦିବସ ପାଳିତ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର କେୟାର ହସ୍ପିଟାଲ ପକ୍ଷରୁ ବିଶ୍ୱ ହୃଦୟ ଦିବସ ପାଳିତ ହୋଇଯାଇଛି । ସଂପ୍ରତି ଦେଶରେ ଏହା ଏକ ବିପର୍ଯ୍ୟନକ ରୂପ ନେଇଛି । ଏହି ରୋଗ ବିଶ୍ୱର ବାର୍ଷିକ ପ୍ରାୟ ୧୮ ଲକ୍ଷ ଲୋକଙ୍କ ଜୀବନ ନେଇଥାଏ ଏବଂ ଭାରତରେ ପ୍ରତି ୪ଜଣଙ୍କ ମୃତ୍ୟୁରେ ଏହି ରୋଗ ଗୋଟିଏରୁ ଅଧିକ । ଏହା ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରୁଥିବା ଏବଂ ହଠାତ୍ ହୃଦରୋଗ ଅନୁଭବ କରୁଥିବା ଯୁବକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏ କ୍ଷେତ୍ରରେ ସଚେତନତା ଓ ପ୍ରତିରୋଧକ କାର୍ଯ୍ୟର ଆବଶ୍ୟକତା ଜରୁରୀ ହୋଇପଡିଛି । କେୟାର ହସ୍ପିଟାଲ ପକ୍ଷରୁ ହୃଦରୋଗ ସ୍ୱାସ୍ଥ୍ୟ ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ଲୋକଙ୍କୁ ଅଧିକ ସକ୍ରିୟ ଜୀବନଶୈଳୀ ଗ୍ରହଣ କରିବାକୁ ଉତ୍ସାହିତ କରିବା ପାଇଁ ବିଶ୍ୱ ହୃଦୟ ଦିବସ ୱାକାଥନ୍ ଆୟୋଜନ କରାଯାଇଥିଲା । ଆୟୁଷ ନିର୍ଦ୍ଦେଶକ ଶ୍ରୀମତୀ ଅଞ୍ଜନା ପଣ୍ଡାଙ୍କ ସମେତ ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ, କେୟାର ହସ୍ପିଟାଲର ବରିଷ୍ଠ ପରିଚାଳନା



ଅଧିକାରୀ ଏବଂ କର୍ମଚାରୀମାନେ ଏଥିରେ ଯୋଗ ଦେଇଥିଲେ । ଅସ୍ୱାସ୍ଥ୍ୟକର ଖାଦ୍ୟ, ଶାରୀରିକ ନିଷ୍କ୍ରିୟତା, ନିଦ୍ରା ଅଭାବ, ତମାଖୁ ସେବନ, ଅତ୍ୟଧିକ ମଦ୍ୟପାନ, ରକ୍ତଚାପ ଆଦି ଏହି ରୋଗର ମୁଖ୍ୟ କାରଣ । ଏହା କେବଳ ବୟସ୍କ ଲୋକଙ୍କ ଠାରେ ସୀମିତ ନୁହେଁ । ସଚେତନତା, ପ୍ରତିରୋଧ ଓ ସମୱିତ ଚିକିତ୍ସା ଏହା ରୋକିବାରେ ସହାୟକ ହୋଇଥାଏ ବୋଲି କେୟାର ହସ୍ପିଟାଲର କ୍ଲିନିକାଲ୍ ନିର୍ଦ୍ଦେଶକ ଏବଂ ହୃଦରୋଗ ମୁଖ୍ୟ ଡ. ମହେନ୍ଦ୍ର ତ୍ରିପାଠୀ କହିଛନ୍ତି । ଏ କ୍ଷେତ୍ରରେ କେୟାର ହସ୍ପିଟାଲ ସକ୍ରିୟତାର ସହିତ ୨୪ ଘଣ୍ଟା ଜରୁରୀକାଳିନ ଯତ୍ନ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ହସ୍ପିଟାଲର ପରିଚାଳନା ଅଧିକାରୀ କିସ୍‌ଲେ ଆନନ୍ଦ କହିଛନ୍ତି ।

# ମା ବଗଳାଦେବୀଙ୍କ ପୀଠରେ ଶାରଦୀୟ ପୂଜା

ପିପିଲି ,(ସବ୍ୟୁ): ପିପିଲି ବ୍ଲକ ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁର ଗ୍ରାମ ପ୍ରଥମ ଭାଗ ରେ ଅବସ୍ଥିତ ମା ବଗଳା ଦେବୀଙ୍କ ପୀଠରେ ଚାଲିଛି ନବରାତ୍ରି ଶାରଦୀୟ ଉତ୍ସବ । ଚଳିତବର୍ଷ ପ୍ରଥମ କରି ଠାକୁରାଣୀ ଚାନ୍ଦିମେଢ ରେ ସୁସଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ।ଦାଣ୍ଡମୁକୁନ୍ଦପୁର ଏବଂ ଏହାର ଆଖପାଖ ଅଂଚଳର ଅନନ୍ୟ ଶକ୍ତିପୀଠ ଭାବେ ପରିଚିତ ଏହି ଦେବିପୀଠ ଏବେ ଚଣ୍ଡୀପାଠ ରେ ମୁଖରିତ ହେଉଥିବା ବେଳେ ମନସ୍କାମନା ପୂରଣ ପାଇଁ ପ୍ରତି ଦିନ ସନ୍ଧ୍ୟାରେ ମାନସିକ ଧାରୀ ମାନଙ୍କୁ ଦେଖିବାକୁ ମିଳୁଛି ।ମାଙ୍କ ଏହି ପାର୍ବଣ ଉତ୍ସବ ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ଠାରୁ ମୁଖ୍ୟ ପଣ୍ଡିତ ଦେବାଶିଷ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ୧୮ ଜଣ ବ୍ରାହ୍ମଣ ଙ୍କ ଦ୍ୱାରା ହେଉଛ । ଦାଣ୍ଡମୁକୁନ୍ଦପୁର ସ୍ଥିତ ଭକ୍ତ ସାଲବେଗ ଙ୍କ ପୀଠ ନିକଟରେ ଥିବା ଏହି ଶକ୍ତିପୀଠ ରେ ନବରାତ୍ରି ରେ ନ ଟି ବୋଧନ ଦ୍ରବ୍ୟରେ ଠାକୁରାଣୀ ସଂସ୍କାର ହୋଇଥାନ୍ତି । ଏହି ଅବସରରେ ପୀଠ ପରିସରରେ ନ ଦିନ ବ୍ୟାପି ବିଶ୍ୱ ଶାନ୍ତି ମହଜଜ୍ଞ ଅନୁଷ୍ଠିତ ହେଉଛି । ବିଜୟା ଦଶମୀ ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ର ଆୟୋଜନ ସହ ସମସ୍ତ ଭକ୍ତଙ୍କ ପାଇଁ ମନ୍ଦିର ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ମନ୍ଦିର ମୁଖ୍ୟ ପୂଜକ ଦେବାଶିଷ ନନ୍ଦ ସୂଚନା ଦେଇଛନ୍ତି ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଦୁର୍ଗାପୂଜା, ନବରାତ୍ରୀ ହୋମ

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଦୁର୍ଗାପୂଜା ଉତ୍ସବ ଓ ନବରାତ୍ରୀ ହୋମ ପାଳନ ହେଉଛି



। ସୋମବାର ଐଶ୍ୱର୍ଯ୍ୟ ଶୁଦ୍ଧ ସପ୍ତମୀ ମୂଳା ନକ୍ଷତ୍ର ଅବସରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସାମୂହିକ ସଂକଳ୍ପ, ଗଣପତି ପୂଜା, ପୁଣ୍ୟବଚନ, ରୁଦ୍ର ପୂଜା, ନବଗ୍ରହ ହୋମ, ମହାଲକ୍ଷ୍ମୀ ହୋମ, ସୁବ୍ରମଣ୍ୟ ହୋମ, ସୁଦର୍ଶନ ହୋମ, ରୁଦ୍ର ହୋମ, ପୂର୍ଣ୍ଣାହୂତି ସାଙ୍ଗକୁ ସାୟାହ୍ନରେ ଶ୍ରୀଚଣ୍ଡୀ କଳସ ସ୍ଥାପନ ଓ ଚଣ୍ଡୀ ପାରାୟଣ ହୋଇଥିଲା । ଏଥିରେ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟଙ୍କ ପ୍ରତ୍ୟକ୍ଷ ତ%ାବଧାନରେ ହୋମଯଜ୍ଞ ସାଙ୍ଗକୁ ଅନ୍ୟାନ୍ୟ ପୂଜାବିଧି ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମ୍ୟାନେଜମେଣ୍ଟ ଫାକଲ୍‌ଟି ଡ. ରିଚା ବଘେଲ, ସିକ୍ୟୁରିଟି ହେଡ୍ ରାଜୀବ ଶର୍ମା, ସିକ୍ୟୁରିଟି ଅଫିସର ସୁବେଦାର ଯାଦବ, ଆଡମିନ୍ ଅଫିସର (ଅପରେସନ୍) ଶ୍ରୀମତି ଓ ଶ୍ରୀ ସୌରଭ ବାଓ୍ୱେଜା, ଆଡମିନ୍ ଅଫିସର (ମେଣ୍ଟେନାନ୍ସ) ଶ୍ରୀମତି ଓ ଶ୍ରୀ ଟି. ନବୀନ କୁମାର, ଆଡମିନ୍ ଅଫିସର (କିଚେନ୍ ହେଡ୍) ଶୁଭାଶିଷ ରଥ, ଆଡମିନ୍ ଅଫିସର (ଆୟୁର୍ବେଦ ହସ୍ପିଟାଲ୍) ସନ୍ଦିପ ମୁଖାର୍ଜୀ, ଗଣମାଧ୍ୟମ ଯୋଗାଯୋଗ ପ୍ରବନ୍ଧକ ହିତାଂଶୁ ଶେଖର ମହାନ୍ତ, ମ୍ୟାନେଜର (ପର୍ଚେଜ୍) ଆଦର୍ଶ ଭାଟେ, ମ୍ୟାନେଜର (ଟ୍ରାନ୍ସପୋର୍ଟ) ଦେବପ୍ରିୟ ମିତ୍ର, ଇଂ. ଆର୍.କେ. ରାଜା, ବରିଷ୍ଠ ଆର୍ଟ ଅଫ୍ ଲିଭିଂ ଶିକ୍ଷୟିତ୍ରୀ ଲଗ୍ନଜିତା ଦାଶ, ତାପସ ଷଡ଼ଙ୍ଗୀ, ଦିଲ୍ଲୀପ ନନ୍ଦ, ପି.ସି. ପଣ୍ଡା, ବହୁ ବେଦ ପଣ୍ଡିତ, ବେଦ ବିଦ୍ୟାର୍ଥୀ ଏବଂ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କର୍ମଚାରୀ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ସେପେଟମ୍ବର ୨୨ ତାରିଖରୁ ନବରାତ୍ରୀ ସହ ଆରମ୍ଭ ହୋଇଥିବା ଏହି ଉତ୍ସବରେ ୨୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଶ୍ରୀ ସୁଦର୍ଶନ ହୋମ ଏବଂ ଲଳିତ ସହସ୍ର ନାମ ପାରାୟଣ ଅନୁଷ୍ଠିତ ହୋଇଥିଲା ।

# ବିଶ୍ୱ ହୃଦୟ ଦିବସ ଉପଲକ୍ଷେ ହାଇଟେକ୍‌ରେ ୱାକଥନ୍




ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ବିଶ୍ୱ ହୃଦୟ ଦିବସ ଅବସରରେ ୱାକଥନ୍ କାର୍ଯ୍ୟକ୍ରମର ଆୟୋଜନ ହୋଇଛି । ଏହି ୱାକଥନ୍ ହାଇଟେକ୍ କ୍ୟାମ୍ପସ୍‌ରୁ ବାହାରି ଜିଜିପି କଲୋନୀ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ହୃଦରୋଗ ବିଭାଗର ଡ. ରିତେଶ ଆଚାର୍ଯ୍ୟ ଏବଂ ସିଟିଭିଏସ୍ ଡ. ଶ୍ୱେତାଙ୍କ ଦାସ ଯୋଗ ଦେଇ ହୃଦୟକୁ ସୁସ୍ଥ ରଖିବା ପାଇଁ ପହଁରିବା ସହ ସାଇକେଲ ଚଲାଇବା ଏବଂ ଦିନକୁ ଅତି କମ୍‌ରେ ୩୦ ମିନିଟ ପର୍ଯ୍ୟନ୍ତ ଚାଲିବା ଉପରେ ଗୁରୁତ୍ୱ ଦେବା ଦରକାର ବୋଲି କହିଛନ୍ତି । କାର୍ଯ୍ୟକ୍ରମରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ସିଓଓ ଜ୍ୟୋତିର୍ମୟ ପଣ୍ଡା, ଶତାଧିକ ବିଦ୍ୟାର୍ଥୀ ଏବଂ କର୍ମଚାରୀ ଯୋଗଦେଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଓ ମ୍ୟାନେଜିଙ୍ଗ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ ଏଥିପାଇଁ ଜନସାଧାରଣମାନେ ନିରୋଗ ରହିବା ନିମନ୍ତେ ସଦାସର୍ବଦା ପୋଷଣ ଯୁକ୍ତ ଖାଦ୍ୟ ଏବଂ ବ୍ୟାୟାମ କରି ସୁସ୍ଥ ଜୀବନ ଅତିବାହିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

# ସେବା ପର୍ବ - ବିକଶିତ ଭାରତ-ଚିତ୍ରକଳା କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର,ଭୁବନେଶ୍ୱର ତରଫରୁ ଏକାଡେମୀ ପରିସରରେ ସେବାପର୍ବ ଅବସରରେ ବିକଶିତ ଭାରତ - ବିକଶିତ ଭାରତର ରଙ୍ଗ - କଳା ସହିତ ଶୀର୍ଷକ ଚିତ୍ରକଳା କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ପ୍ରଫେସନାଲ ଓ ମହାବିଦ୍ୟାଳୟର ଛାତ୍ର ଦୁଇଟି ବର୍ଗରେ ଶିଳ୍ପୀମାନେ ଅଂଶଗ୍ରହଣ କରି ବିକଶିତ ଭାରତ ଉପରେ ସୁନ୍ଦର ସୁନ୍ଦର ଚିତ୍ରକଳା ଅଙ୍କନ କରିଥିଲେ ।ଓଡ଼ିଶାର



ବହୁ ଖ୍ୟାତନାମା ଚିତ୍ରଶିଳ୍ପୀ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଏହି କର୍ମଶାଳାରେ ଯୋଗ ଦେଇଥିଲେ ।କର୍ମଶାଳା ଶେଷରେ ଅଙ୍କିତ ଚିତ୍ରକଳା ଗୁଡ଼ିକ ଅଭିଜ୍ଞ ବରିଷ୍ଠ ଚିତ୍ରଶିଳ୍ପୀଙ୍କ ଦ୍ୱାରା ଉଭୟ ବର୍ଗରୁ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ତିନିଜଣ ଲେଖାଏଁ ଶିଳ୍ପୀଙ୍କୁ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା ।ଏଥି ସହିତ ପ୍ରତ୍ୟେକ ବର୍ଗରୁ ତିନୋଟି ଲେଖାଏଁ ଛବି ପ୍ରଦର୍ଶନୀ ପାଇଁ ମଧ୍ୟ ବଛା ଯାଇଥିଲା ।ଏହି ଅବସରରେ ବରିଷ୍ଠ ଚିତ୍ରଶିଳ୍ପୀ ବଳଦେବ ମହରଥା,ରାମହରି ଜେନା,ଗୌରାଙ୍ଗ ଚରଣ ବାରିକି,ଜୟନ୍ତ ଦାସ,ଲଲାଟେନ୍ଦୁ ରଥ, ଚାଇତ ବସୁ ଜେନା,ଡ. ପଞ୍ଚାନନ ସାମଲ, ଡ. ଚକ୍ରଧର ବେହେରା ଏବଂ ସୁବ୍ରତ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଅଂଶଗ୍ରହଣକାରୀ ଶିଳ୍ପୀ ମାନଙ୍କ କଳାକୃତିର ଭୂୟସୀ ପ୍ରଶଂସା କରିଥିଲେ ।କାର୍ଯ୍ୟକ୍ରମକୁ ଲଳିତ କଳା ଏକାଡେମୀର କ୍ଷେତ୍ରୀୟ ସଚିବ ରାମକୃଷ୍ଣ ବେଦାଲା ସୁଚାରୁ ରୂପେ ପରିଚାଳନା କରିଥିଲେ ।







# ମାଲାବାର ଗୋଲ୍ଡ ସ୍ୱତନ୍ତ୍ର ଉତ୍ସବ ଅଫର ଘୋଷଣା

ଭୁବନେଶ୍ୱର (ସବ୍ୟୁ):ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ପୂଜା ଏବଂ ଧନତେରସ୍ ପାଇଁ ଏହାର ବହୁ ପ୍ରତୀକ୍ଷିତ ଉତ୍ସବ ଅଫର ଗର୍ବର ସହିତ ଘୋଷଣା କରୁଛି । ଗ୍ରାହକମାନଙ୍କ ପାଇଁ ମୂଲ୍ୟ, ବିଶ୍ୱାସ ଏବଂ ଉତ୍କୃଷ୍ଟତା ଆଣିବାର



ପରମ୍ପରାକୁ ଜାରି ରଖି, ମାଲାବାର ଏହି ପବିତ୍ର ଅବସରକୁ ଆହୁରି ସ୍ମରଣୀୟ କରିବା ପାଇଁ ଡିଜାଇନ୍ କରାଯାଇଥିବା ସ୍ୱତନ୍ତ୍ର ଡିଲ୍ସ ଉପସ୍ଥାପନ କରୁଛି ।ଏହି ଉତ୍ସବ ଅଫରକୁ ମୁଖ୍ୟ ଅତିଥି ଧାରା ଶ୍ରାବଣୀ ମହାପାତ୍ର, ଅଲିଉଡ୍ କଳାକାର ଏବଂ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପରିଚାଳନା ଦଳ, ବିଶିଷ୍ଟ ଅତିଥି ଏବଂ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ଉଦଘାଟନ କରିଛନ୍ତି । ପୂଜା ଏବଂ ଧନତେରସ୍ ର ଏକ ଅଂଶ ଭାବରେ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଗ୍ରାହକମାନଙ୍କୁ ସୁନା ଅଳଙ୍କାର, ମୂଲ୍ୟବାନ ପଥର ଏବଂ ଅନକଟ୍ ଡାଇମଣ୍ଡ ଅଳଙ୍କାରର ନିର୍ମାଣ ଚାର୍ଜ ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି ଏବଂ ଡାଇମଣ୍ଡ ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି । ଏହି ଅଫର ୩୧ ଅକେଟାବର ୨୦୨୫ ପର୍ଯ୍ୟନ୍ତ ଜାରି ରହିବ । ଏହି ଉତ୍ସବକାଳୀନ ଅଫରଗୁଡ଼ିକ ଗ୍ରାହକମାନଙ୍କୁ ଅଳଙ୍କାରରେ ନିବେଶ କରିବାର ଏକ ଅସାଧାରଣ ସୁଯୋଗ ପ୍ରଦାନ କରେ ଯାହା "କାରୁଚି ଏବଂ ମୂଲ୍ୟ"କୁ ମିଶ୍ରଣ କରେ । ଏହି ଅଫରଗୁଡ଼ିକ ଓଡ଼ିଶାର ସମସ୍ତ ୮ଟି ଷ୍ଟୋରରେ ଉପଲବ୍ଧ ହୋଇପାରିବ । ମାଲାବାର ଗ୍ରୁପର ଅଧ୍ୟକ୍ଷ ଅହମ୍ମଦ କହିଛନ୍ତି ଘରେ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧିକୁ ସ୍ୱାଗତ କରିବା ପାଇଁ ଧନତେରସର ବିଶାଳ ସାଂସ୍କୃତିକ ମହ%୦ ରହିଛି । ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସରେ, ଆମେ ଅତୁଳନୀୟ ମୂଲ୍ୟ ଏବଂ କାଳଜୟୀ ଡିଜାଇନ୍ ପ୍ରଦାନ କରି ଏହି ଅବସରକୁ ଆମର ଗ୍ରାହକମାନଙ୍କ ପାଇଁ ଆହୁରି ସ୍ୱତନ୍ତ୍ର କରିବାକୁ ଲକ୍ଷ୍ୟ ରଖିଛୁ । ଆମର ସ୍ୱତନ୍ତ୍ର ଅଫରଗୁଡ଼ିକ ଆମର କୃତଜ୍ଞତା ପ୍ରକାଶ କରିବା ଏବଂ ଆମର ମୂଲ୍ୟବାନ ପୃଷ୍ଠପୋଷକଙ୍କ ସହିତ ସ୍ଥାୟୀ ସମ୍ପର୍କ ଗଠନ ଜାରି ରଖିବାର ଏକ ଉପାୟ ।












# ମୋଦୀଙ୍କ ଅଭିନନ୍ଦନ ବାର୍ତ୍ତା ନେଇ ପାକ୍ କ୍ଷୁବ୍ଧ

## ଭାରତ ସହ ସମାଧାନର ଆଶା ଶେଷ

ନୂଆଦିଲ୍ଲୀ: ଏସିଆ କପରେ ଭାରତର ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଟ୍ୱିଟ୍ ପାକିସ୍ତାନକୁ 'ଅପରେସନ ସିନ୍ଦୂର' ରାତିର କଥା ମନେ ପକାଇ ଦେଇଛି, ଯେତେବେଳେ ଭାରତୀୟ ଲଢୁଆ ବିମାନ ପାକିସ୍ତାନ ଏବଂ ପିଓକେରେ ଥିବା ଆତଙ୍କବାଦୀ ଶିବିର ଉପରେ ବୋମା ପକାଇଥିଲାଛ ଏବେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଟ୍ୱିଟ୍ ପାକିସ୍ତାନର କଟା ଘା'ରେ ଚୂନ ଲଗାଇଛି। ଆତଙ୍କବାଦୀ ସଂଗଠନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନ ନେଇ ଭାରତ ସହିତ ଶାନ୍ତି ଏବଂ ବନ୍ଧୁତା ଆଶା କରିଥିବା ପାକିସ୍ତାନ ଏହି



ଟ୍ୱିଟ୍ ପରେ ନିଜର ନିରାଶା ପ୍ରକାଶ କରି କହିଛି ଯେ, ଭାରତ ସହ ସମାଧାନର ଆଶା ଶେଷ ହୋଇଛି।

ରବିବାର ଦିନ, ଯେତେବେଳେ ଭାରତ ଏସିଆ କପର ଫାଇନାଲ ମ୍ୟାଚରେ ପାକିସ୍ତାନକୁ ୫ ୱିକେଟରେ ପରାସ୍ତ କରି ନବମ ଥର ପାଇଁ ଟାଇଟଲ ଜିତିଥିଲା, ସେତେବେଳେ ସମଗ୍ର ଦେଶ ଉତ୍ସବ ପାଳନରେ ବୁଡ଼ି ଯାଇଥିଲା। ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଟ୍ୱିଟ୍ କରି ପାକିସ୍ତାନକୁ ଅପରେସନ ସିନ୍ଦୂର କଥା ମନେ ପକାଇ ଦେଇଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ ଟ୍ୱିଟରରେ ଲେଖିଥିଲେ ଯେ, କ୍ରୀଡା କ୍ଷେତ୍ରରେ ଅପରେସନ ସିନ୍ଦୂରଛ ଫଳାଫଳ ସମାନ - ଭାରତ ପୁଣି ଥରେ ଜିତିଛି। ଆମର କ୍ରିକେଟରମାନଙ୍କୁ ଅଭିନନ୍ଦନ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଅଭିନନ୍ଦନ ବାର୍ତ୍ତା ପାକିସ୍ତାନକୁ ଆଘାତ ଦେଇଛି। ଭାରତ ବିରୁଦ୍ଧରେ ନିରନ୍ତର କଡ଼ା ମନ୍ତବ୍ୟ ଦେଉଥିବା ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଶାନ୍ତି ଏବଂ ସମାଧାନର ପ୍ରସଙ୍ଗକୁ ମନେ ପକାଇବା ଆରମ୍ଭ କରିଛନ୍ତି। ମୋଦୀ ଉପମହାଦେଶରେ କ୍ରିକେଟର ସଂସ୍କୃତି ଏବଂ ଆତ୍ମାକୁ ନଷ୍ଟ କରୁଛନ୍ତି। ସେ ଶାନ୍ତି ଏବଂ ସମସ୍ୟାର ସମାଧାନର ସମ୍ଭାବନାକୁ ନଷ୍ଟ କରିଦେଇଛନ୍ତି ବୋଲି ଖ୍ୱାଜା ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି।

# ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଆତଙ୍କବାଦୀ ସଂଗଠନ ଘୋଷଣା

ଓଟାୱା : କାନାଡା ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗକୁ ଏକ ଆତଙ୍କବାଦୀ ଗୋଷ୍ଠୀ ଭାବରେ ଘୋଷଣା କରିଛି। କାନାଡା ସରକାର କହିଛନ୍ତି ଯେ ଏହି ଗ୍ୟାଙ୍ଗ ଭାରତରେ ଅବସ୍ଥିତ ଏବଂ ଏହାର ନେତା ଜେଲରେ ଥିବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର କରି ଅପରାଧ କରେ। ଆତଙ୍କବାଦୀ ସଂଗଠନ ଘୋଷଣା ପରେ କାନାଡା ସରକାର ଏବେ ଗ୍ୟାଙ୍ଗର ସମ୍ପତ୍ତି ଜବତ କରିପାରିବେ ଏବଂ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ବନ୍ଦ କରିପାରିବେ।

ଗତ ବର୍ଷ, କାନାଡା ପୁଲିସ ଦାବି କରିଥିଲା ଯେ ଭାରତ କାନାଡାରେ ଖଲିସ୍ତାନ ସମର୍ଥକମାନଙ୍କୁ ହତ୍ୟା ଏବଂ ଭୟଭୀତ କରିବା ପାଇଁ ଏହି ଗ୍ୟାଙ୍ଗକୁ ବ୍ୟବହାର କରିଥିଲା। ଭାରତ ଏହାକୁ ଅସ୍ୱୀକାର କରିଥିଲା ଏବଂ କହିଛି ଯେ ଏହା ଗ୍ୟାଙ୍ଗର ପାଣ୍ଠି ବନ୍ଦ କରିବା ପାଇଁ କାନାଡା ସହିତ କାମ କରୁଛି।

କେବଳ ଭାରତରେ, ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ୭୦୦ ସକ୍ରିୟ ସଦସ୍ୟ ଅଛନ୍ତି, ଯେଉଁମାନେ ଡକାୟତି ଠାରୁ ଆରମ୍ଭ କରି ଦାଦାବଟି ଆଦାୟ ଏବଂ ମନି ଲଣ୍ଡରିଂ ପର୍ଯ୍ୟନ୍ତ ବେଆଇନ କାର୍ଯ୍ୟକଳାପରେ ଜଡିତ। ଆତଙ୍କବାଦୀ ସଂଗଠନ ଘୋଷଣା ପରେ କାନାଡା ସରକାର ଏବେ ଗ୍ୟାଙ୍ଗର ସମ୍ପତ୍ତି ଜବତ କରିପାରିବେ ଏବଂ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ବନ୍ଦ କରିପାରିବେ। ଏହା ସେମାନଙ୍କ ଅପରାଧକୁ ରୋକିବାରେ ସାହାଯ୍ୟ କରିବ। ତଥାପି, ବିଶେଷଜ୍ଞମାନେ କହିଛନ୍ତି ଯେ ଗ୍ୟାଙ୍ଗକୁ ଦମନ କରିବା କଷ୍ଟକର ହେବ କାରଣ ଏସବୁ ଗ୍ୟାଙ୍ଗ ମାନଙ୍କ ସମ୍ପର୍କରେ ସୂଚନା ସଂଗ୍ରହ କରିବାର ଯଥେଷ୍ଟ କ୍ଷମତା କାନାଡାର ନାହିଁ। କାନାଡା ସରକାର ଏକ ବିବୃତ୍ତି ଜାରି କରି କହିଛନ୍ତି ଯେ କାନାଡାରେ ଆତଙ୍କବାଦ ଏବଂ ହିଂସାର କୌଣସି ସ୍ଥାନ ନାହିଁ। କାନାଡା ମନ୍ତ୍ରୀ ଗ୍ୟାରି ଆନନ୍ଦସଙ୍ଗରୀ କହିଛନ୍ତି ଯେ ପ୍ରତ୍ୟେକଙ୍କର ନିଜ ଘର ଏବଂ ସମାଜରେ ସୁରକ୍ଷିତ ଅନୁଭବ କରିବାର ଅଧିକାର ଅଛି। ଏହି ନିଷ୍ପତ୍ତି ବିଷ୍ଣୋଇ ଗ୍ୟାଙ୍ଗକୁ ରୋକିବାରେ ସାହାଯ୍ୟ କରିବ।

# ଭାରତରୁ ଭୁଟାନକୁ ଚାଲିବ ଟ୍ରେନ

ନୂଆଦିଲ୍ଲୀ : ଭାରତ ଏବଂ ଭୁଟାନ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ, ସୋମବାର ସରକାର ୪,୦୩୩ କୋଟି "ଟଙ୍କା ମୂଲ୍ୟର ଦୁଇଟି ପ୍ରମୁଖ ରେଳ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ କେବଳ ଦୁଇ ଦେଶ ମଧ୍ୟରେ ସଂଯୋଗକୁ ବୃଦ୍ଧି କରିବ ନାହିଁ ବରଂ ବାଣିଜ୍ୟ, ପର୍ଯ୍ୟଟନ ଏବଂ ଲୋକ-ଲୋକଙ୍କ ମଧ୍ୟରେ ଗତିକୁ ମଧ୍ୟ ସୁଗମ କରିବ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆପଣ ଏବେ ଟ୍ରେନ୍ ଯୋଗେ ସିଧାସଳଖ ଭୁଟାନ ଯାତ୍ରା କରିପାରିବେଛ ପୂର୍ବରୁ ପଶ୍ଚିମବଙ୍ଗର ହାସିମାରାକୁ ଯାଉଥିବା ଏହି ଟ୍ରେନ୍ ଏବେ ସିଧାସଳଖ ଭୁଟାନର ଗେଲେଫୁକୁ ଚାଲିବଛ ପ୍ରଥମ ପ୍ରକଳ୍ପ ହେଉଛି ଆସାମର କୋକରାଝାରରୁ ଭୁଟାନର ଗେଲେଫୁ ପର୍ଯ୍ୟନ୍ତ ଏକ ରେଳ ଲାଇନ ନିର୍ମାଣ କରିବା। ଏହି ୬୯ କିଲୋମିଟର ଲାଇନ ପାଇଁ ୩,୪୫୬ କୋଟି ଟଙ୍କା ଖର୍ଚ୍ଚ ହେବଛ ଦ୍ୱିତୀୟ ପ୍ରକଳ୍ପ ପଶ୍ଚିମବଙ୍ଗର ବନରହାଟକୁ ଭୁଟାନର ସାମତ୍ସେ ସହିତ ସଂଯୋଗ କରିବଛ ଏହା ୨୦ କିଲୋମିଟର ଲମ୍ବା ଏବଂ ଏଥିରେ ୫୭୭ କୋଟି ଟଙ୍କା ଖର୍ଚ୍ଚ ହେବ।ଭାରତ ଏବଂ ଭୁଟାନ ମଧ୍ୟରେ ନୂତନ ରେଳ ଲାଇନ ପ୍ରକଳ୍ପ ବିଷୟରେ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ କହିଛନ୍ତି ଯେ ଏହା ସମ୍ପୂର୍ଣ୍ଣ ଭାବରେ ଦ୍ୱିପାକ୍ଷିକ ଚୁକ୍ତି (ଏମ୍‌ଓୟୁ) ଆଧାରରେ କରାଯାଉଛି ଏବଂ ଏଥିରେ କୌଣସି ତୃତୀୟ ଦେଶର ହସ୍ତକ୍ଷେପ ନାହିଁ।

# କରୁର୍ ଦଳାଚକଟା : ବିଜୟଙ୍କ ବାସଭବନରେ କଡ଼ା ସୁରକ୍ଷା

ଚେନ୍ନାଇ : ଶନିବାର କରୁର୍ ରାଲିରେ ଦଳାଚକଟା ହୋଇ ୪୦ ଜଣଙ୍କର ମୃତ୍ୟୁ ପରେ ଆଜି ଟିଭିକେ ମୁଖ୍ୟ ବିଜୟଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି। କେଣସି ଅପ୍ରୀତିକର ସ୍ଥିତି ଉପୁଜିବା ଆଶଙ୍କା ଥିବାରୁ ବିଜୟଙ୍କ ଚେନ୍ନାଇ ସ୍ଥିତ ବାସଭବନ ବାହାରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ବିଜୟଙ୍କ ସୁରକ୍ଷା ପାଇଁ ଜଣେ ଏସିପି, ଜଣେ ଇନ୍ସପେକଟର, ୨୦ ଜଣ ପୁଲିସ ମୁତୟନ ହୋଇଛନ୍ତି। ଏହାବାଦ୍ ୪ ସିଆରପିଏଫ୍ ଯବାନ ମଧ୍ୟ ମୁତୟନ ହୋଇଛନ୍ତି। ପୁଲିସ ସୂଚନାନୁଯାୟୀ ସମସ୍ତ ଟିଭିକେ ଜିଲ୍ଲା ସମ୍ପାଦକଙ୍କ ବାସଭବନ ଗୁଡ଼ିକରେ ମଧ୍ୟ ସୁରକ୍ଷା ବୃଦ୍ଧି ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ ଯେ ଆସନ୍ତାବର୍ଷ ତାମିଲନାଡୁ ବିଧାନସଭା ନିର୍ବାଚନ



ଥିବାବେଳେ ଅଭିନେତାରୁ ରାଜନେତା ପାଲଟିଥିବା ବିଜୟ ଏବେଠାରୁ ପ୍ରଚାର ଆରମ୍ଭ କରିଦେଇଛନ୍ତି। ଗତକାଲିର ଘଟଣା ପରେ ଲୋକମାନେ ତାଙ୍କ ଉପରେ କ୍ଷୁବ୍ଧ ହୋଇଯାଇଛନ୍ତି।

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ଏହି ଘଟଣା ରାଜ୍ୟର ସବୁଠାରୁ ଦୁଃଖଦାୟକ ଘଟଣା ବୋଲି କହିଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଅରୁଣା ଜଗଦୀଶନଙ୍କ ନେତୃତ୍ୱରେ ଏକ ନ୍ୟାୟିକ କମିସନ୍ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଷ୍ଟାଲିନ ଆଜି ସ୍ଥିତି ସମୀକ୍ଷା ପାଇଁ ବରିଷ୍ଠ ଅଧିକାରୀମାନଙ୍କ ସହ ଚେନ୍ନାଇରେ ଏକ ଜରୁରୀ ବୈଠକ କରିଛନ୍ତି। ପୀଡ଼ିତଙ୍କ ପରିବାର ସଦସ୍ୟ ଏବଂ ଆହତମାନଙ୍କୁ ଭେଟିଛନ୍ତି। ଷ୍ଟାଲିନ ମୃତକଙ୍କ ପରିବାର ସଦସ୍ୟଙ୍କୁ ୧୦ ଲକ୍ଷ ଏବଂ ଆହତମାନଙ୍କୁ ୧ ଲକ୍ଷ କ୍ଷତିପୂରଣ ଘୋଷଣା କରିଛନ୍ତି। ଇତି ମଧ୍ୟରେ କରୁର୍ ଜିଲ୍ଲା ପୁଲିସ ଟିଭିକେ ଦଳର ସାଧାରଣ ସମ୍ପାଦକ ଆନନ୍ଦ ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ନିର୍ମଳ କୁମାରଙ୍କ ବିରୋଧରେ ଏତଲା ରୁଜୁ କରିଛି।

# ଅକ୍ଟୋବରରୁ ଏଫ୍‌ଟିଏ କାର୍ଯ୍ୟକାରୀ



ନୂଆଦିଲ୍ଲୀ : ମାର୍ଚ୍ଚ ୨୦୨୪ ରେ ଚୂଡ଼ାନ୍ତ ହୋଇଥିବା ଇଫଟିଏ ଦେଶଗୁଡ଼ିକ (ଆଇସଲ୍ୟାଣ୍ଡ, ଲିଚେନଷ୍ଟାଇନ୍, ନରୱେ ଏବଂ ସ୍ୱିଜରଲ୍ୟାଣ୍ଡ) ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ୧ ଅକ୍ଟୋବର, ୨୦୨୫ ରୁ କାର୍ଯ୍ୟକାରୀ ହେବ, ବୋଲି କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଆଜି ୟୁପି ଆନ୍ତର୍ଜାତୀୟ ବାଣିଜ୍ୟ ପ୍ରଦର୍ଶନୀର ଶେଷ ଅଧିବେଶନରେ ଉଦବୋଧନ ଦେଇ କହିଛନ୍ତି। ଶ୍ରୀ ଗୋୟଲ ସୂଚନା ଦେଇଛନ୍ତି ଯେ ବିକଶିତ ରାଷ୍ଟ୍ରଗୁଡ଼ିକ ଭାରତ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ସ୍ୱାକ୍ଷର କରିବାକୁ ଆଗ୍ରହୀ, ଯାହା ପୂର୍ବରୁ ୟୁଏଇ, ଅଷ୍ଟ୍ରେଲିଆ ଏବଂ ୟୁକେ ସହିତ ଏପରି ଚୁକ୍ତିନାମା କରିସାରିଛି। ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୭୦୦ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି।

ମନ୍ତ୍ରୀ ଆହୁରି କହିଛନ୍ତି ଯେ ଭାରତ ଆମେରିକା, ଇୟୁ, ନ୍ୟୁଜିଲ୍ୟାଣ୍ଡ, ଓମାନ, ପେରୁ ଏବଂ ଚିଲି ସହିତ ମଧ୍ୟ ଆଲୋଚନା କରୁଛି, ଯେତେବେଳେ କାତାର ଏବଂ ବାହାରିନ ମଧ୍ୟ ଆଗ୍ରହ ପ୍ରକାଶ କରିଛନ୍ତି। ୟୁରେସିଆ ସହିତ ସନ୍ଦର୍ଭର ସର୍ତ୍ତାବଳୀ ଚୂଡ଼ାନ୍ତ ହୋଇଛି, ଯାହା ଭାରତର ଦୃଢ଼ ବିଶ୍ୱ ସ୍ଥିତିକୁ ପ୍ରତିଫଳିତ କରେ, ସେ ଆହୁରି ମଧ୍ୟ କହିଛନ୍ତି।

ସାମ୍ପ୍ରତିକ ଜିଏସ୍‌ଟି ସଂସ୍କାର ଉପରେ ଆଲୋକପାତ କରି ଗୋୟଲ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନବରାତ୍ରି ସମୟରେ ଦେଶକୁ ଏକ ପରିବର୍ତ୍ତନକାରୀ ସଂସ୍କାର ଉପହାର ଦେଇଛନ୍ତି। ୨୨ ସେପେଟମ୍ବର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲେଖାଯିବ। ମୁଁ ବିଶ୍ୱାସ କରେ ଏହା ସ୍ୱାଧୀନତା ପରେ ସବୁଠାରୁ ବଡ଼ ସଂସ୍କାର, ଯାହାର ପ୍ରଭାବ ଦଶନ୍ଧି ଧରି ଅନୁଭୂତ ହେବ ବୋଲି ସେ ମନ୍ତବ୍ୟ ଦେଇଛନ୍ତି।

# ବରେଲି ହିଂସା

## ମୌଲାନା ତୌକିର ରଜାଙ୍କ କାର୍ଯ୍ୟାଳୟ ସିଲ୍

ବରେଲି : ବରେଲିରେ ଶୁକ୍ରବାର ପ୍ରାର୍ଥନା ପରେ 'ଆଇ ଲଭ୍ ମହମ୍ମଦ' ଅଭିଯାନକୁ ସମର୍ଥନ କରି ବିକ୍ଷୋଭକାରୀ ଓ ପୁଲିସ ମଧ୍ୟରେ ହିଂସାତ୍ମକ ସଂଘର୍ଷ ହୋଇଥିଲା। ହିଂସାତ୍ମକ ସଂଘର୍ଷର ମାଷ୍ଟରମାଇଣ୍ଡ ଅଭିଯୋଗରେ ସ୍ଥାନୀୟ ମୌଲାନା ତଥା ଇତ୍ତେହାଦ୍-ଏ-ମିଲ୍ଲତ ପରିଷଦର ମୁଖ୍ୟ ତୌକିର ରଜା ଖାନଙ୍କୁ ପୁଲିସ ଗିରଫ କରିଥିଲା। ଏବେ ତାଙ୍କ ବିରୋଧରେ ଆଉ ଏକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବରେଲି ନଗର ନିଗମ ମୌଲାନା ତୌକିର ରଜାଙ୍କ ସଂଗଠନ, ଇତ୍ତେହାଦ-ଏ-ମିଲ୍ଲତ ପରିଷଦ (ଆଇଏମସି)ର କାର୍ଯ୍ୟାଳୟକୁ ସିଲ୍ କରିଛି। ଏହି କାର୍ଯ୍ୟାନୁଷ୍ଠାନ ବରେଲିରେ ନିଆଯାଇଛି। ଆଇଏମସି କାର୍ଯ୍ୟାଳୟ ଏକ ସଫି କମ୍ପ୍ଲେକ୍ସ ଭିତରେ ଥିଲା। ଏହି ସଫି କମ୍ପ୍ଲେକ୍ସକୁ ଏକ ଡ୍ରେନ୍ ଉପରେ ବେଆଇନ ଭାବରେ ନିର୍ମାଣ କରାଯାଇଥିବା ଚିହ୍ନଟ କରିଥିଲା ମ୍ୟୁନିସିପାଲ କର୍ପୋରେସନ। ଡ୍ରେନ୍ ଉପରେ ଜବରଦଖଲ କରି ନିର୍ମିତ ହୋଇଥିବା ଏହି ବେଆଇନ ନିର୍ମାଣ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମ୍ୟୁନିସିପାଲ କର୍ପୋରେସନ ଏହି ପଦକ୍ଷେପ ନେଇଛି।

ତେବେ ହିଂସାତ୍ମକ ସଂଘର୍ଷର ମାଷ୍ଟରମାଇଣ୍ଡ ଅଭିଯୋଗରେ ଶନିବାର ଏକ ସ୍ଥାନୀୟ କୋର୍ଟ ରଜା ଓ ସାତ ଜଣଙ୍କୁ ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇଥିଲେ। ଜିଲ୍ଲା ମାଜିଷ୍ଟ୍ରେଟ୍ ଅବିନାଶ ସିଂହ ଓ ବରିଷ୍ଠ ପୁଲିସ ଅଧୀକ୍ଷକ ଅନୁରାଗ ଆର୍ଯ୍ୟ ଶନିବାର ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଗିରଫଦାରୀ ଘୋଷଣା କରିଥିଲେ।

# ଅଯୋଧ୍ୟାରେ ଏବର୍ଷ ହେବନି ରାବଣପୋଡ଼ି

ଅଯୋଧ୍ୟା : ଗତ ସାତ ବର୍ଷ ଧରି ରାମ ନଗରୀ ଅଯୋଧ୍ୟାରେ ଏକ ଭବ୍ୟ ରାମଲୀଳା ଅନୁଷ୍ଠିତ ହୋଇଆସୁଛି। ଗତ ବର୍ଷ ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ପରେ ଏହି ରାମଲୀଳାର ଗୁରୁତ୍ୱ ବଢିଯାଇଛି । ଏହି ରାମଲୀଳାରେ ବଲିଉଡ୍ ତାରକାମାନଙ୍କୁ ମଧ୍ୟ ଦେଖିବାକୁ ମିଳିଥାଏ ଚଳିତ ବର୍ଷ, ପୁଣି ଥରେ ଅଯୋଧ୍ୟାରେ ଏକ ଭବ୍ୟ ରାମଲୀଳା ଆୟୋଜନ କରାଯାଇଛି। ରାମଲୀଳା କମିଟିର ଅଧ୍ୟକ୍ଷ ସୁଭାଷ ମଲ୍ଲିକଙ୍କ ଦ୍ୱାରା ଆୟୋଜିତ ଏହି ମହାନ ରାମଲୀଳା ନୟାଘାଟସ୍ଥିତ ରାମ କଥା ପାର୍କରେ ଆୟୋଜନ ହେବାର ଥିଲା। ରାମଲୀଳା ସହ ଏକ ରାବଣପୋଡ଼ି ହେବାର ଥିଲା । ଏଥିପାଇଁ ଦିଲ୍ଲୀର କୁତୁବ ମୀନାର (୨୩୮ ଫୁଟ) ଠାରୁ ଉଚ୍ଚ ୨୪୦ ଫୁଟ ଉଚ୍ଚ ରାବଣର ପ୍ରତିମୂର୍ତ୍ତି ଦହନ କରାଯିବା କଥା ଥିଲାଛ ପ୍ରତିମୂର୍ତ୍ତିରେ ମେଘନାଥ ଏବଂ କୁମ୍ଭକରଣ ଅନ୍ତର୍ଭୁକ୍ତ ଥିଲେଛ ଏହି ତିନୋଟି ପ୍ରତିମୂର୍ତ୍ତି ସହିତ, ସୁନାର ଲଙ୍କା ମଧ୍ୟ ଦହନ କରାଯିବା କଥା ଥିଲା। ଏହାକୁ ନେଇ ସାଧାରଣ ଲୋକେ ଉତ୍ସାହିତ ଥିବାବେଳେ ଏହାକୁ ନେଇ ଏକ ବଡ଼ ଖବର ସାମନାକୁ ଆସିଛି ଯାହାକି ଲୋକଙ୍କ ଉତ୍ସାହକୁ ଫିକା କରିଦେବ । ଏହି ରାବଣପୋଡ଼ି କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ପ୍ରଶାସନ ଅନୁମତି ଦେଇନାହିଁ। ସୁରକ୍ଷା କାରଣରୁ ଏହି ଅନୁମତି ଦିଆଯାଇନାହିଁ ବୋଲି ଜିଲ୍ଲା ପ୍ରଶାସନ କହିଛି । ଏହା ପରେ କମିଟିର ଅଧ୍ୟକ୍ଷ ସୁଭାଷ ମଲ୍ଲିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ।

# ପିଓକେରେ ସରକାର ବିରୋଧୀ ବିକ୍ଷୋଭ

ନୂଆଦିଲ୍ଲୀ : ଆଲୋଚନା ବିଫଳ ହେବାରୁ ଆଜି ହଜାର ହଜାର ଲୋକ ରାଜରାସ୍ତାକୁ ଓହ୍ଲାଇଛନ୍ତି। ମୁଜାଫରବାଦର ବ୍ୟବସାୟୀ ମହାସଂଘ ପକ୍ଷରୁ ଦୋକାନ ବଜାର ବନ୍ଦ ରଖାଯାଇଛି। ଗାଡ଼ି ଚଳାଚଳ ଠପ ହୋଇଥିବା ବେଳେ ସୁରକ୍ଷାକର୍ମୀଙ୍କ ବିଭିନ୍ନ ସ୍ଥାନରେ ପ୍ୟାଟ୍ରୋଲିଂ କରୁଛନ୍ତି।

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଦେଖିବାକୁ ମିଳିଛି ବିଶାଳ ବିକ୍ଷୋଭ। ସୋମବାର ଅୱାମୀ ଆକ୍ସନ କମିଟି(ଏସିସି) ପକ୍ଷରୁ ପୂରା ପିଓକେରେ ଆୟୋଜନ କରାଯାଇଛି ବିକ୍ଷୋଭ ଶୋଭାଯାତ୍ରା। ହଜାର ହଜାର ଲୋକ ରାଜରାସ୍ତାକୁ ଓହ୍ଲାଇ ପାକିସ୍ତାନର ଶେହବାଜ ଶରିଫ ସରକାର ବିରୋଧରେ ଦେଇଛନ୍ତି ରଣହୁଙ୍କାର। ବିକ୍ଷୋଭକାରୀଙ୍କ ପକ୍ଷରୁ ଅନିର୍ଦ୍ଦିଷ୍ଟକାଳ ପାଇଁ ଦୋକାନ ବଜାର ଓ ଗାଡ଼ି ଚଳାଚଳ ବନ୍ଦ ଡାକରା ଦିଆଯାଇଛି। ବିକ୍ଷୋଭକୁ ଭଣ୍ଡୁର କରିବା ପାଇଁ ପାକିସ୍ତାନ ସରକାର ବିପୁଳ ସଂଖ୍ୟାରେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରିଛନ୍ତି।



ସେହିପରି ମଧ୍ୟରାତ୍ରରୁ ଇଣ୍ଟରନେଟ ସେବାକୁ ବନ୍ଦ କରି ଦେଇଛନ୍ତି। ତଥାପି ହଜାର ହଜାର ଲୋକ ଏକାଠି ହୋଇ ରାଜରାସ୍ତାକୁ ଜାମ କରିବାକୁ ସକ୍ଷମ ହୋଇଛନ୍ତି।

ସାମାଜିକ ସଂଗଠନ ଏସିସି ବେଶ କିଛି ମାସ ହେଲା ପିଓକେରେ ସକ୍ରିୟ ହୋଇଛି। ସଂଗଠନର ବ୍ୟାନରରେ ହଜାର ହଜାର ଲୋକ ଏକାଠି ହୋଇଛନ୍ତି। ଦୀର୍ଘ ଦଶନ୍ଧି ଧରି ପିଓକେ ଲୋକଙ୍କ ସହ କରାଯାଉଥିବା ରାଜନୀତିକ ପାତରଅନ୍ତର ଓ ଅର୍ଥନୀତିକ ଅବହେଳା ବିରୋଧରେ ଏହି ସଂଗଠନ ଲଢ଼େଇ କରିବାକୁ ଅଣ୍ଟା ଭିଡ଼ିଛି।

ସଂଗଠନ ପକ୍ଷରୁ ସାଂଗଠନିକ ସଂସ୍କାର ସମେତ ପାକିସ୍ତାନରେ ରହୁଥିବା କଶ୍ମୀର ଶରଣାର୍ଥୀଙ୍କ ପାଇଁ ପିଓକେ ବିଧାନସଭାରେ ୧୨ଟି ଆସନ ସଂରକ୍ଷଣ, ଅଟାରେ ସବସିଡ, ମଙ୍ଗଳା ହାଇଡ୍ରୋପାୱାର ପ୍ରକଳ୍ପରେ ଆବଶ୍ୟକ ଟାରିଫ ସୁବଧା ଭଳି ୩୮ଟି ଦାବି ଉପସ୍ଥାପନ କରାଯାଇଛି।ଏସିସି ନେତା ସୌକତ ନୱାଜ ମୀର ମୁଜାଫରବାଦରେ ଆୟୋଜିତ ବିକ୍ଷୋଭ ସମାବେଶରେ କହିଛନ୍ତି, "ଦୀର୍ଘ ୭୦ ବର୍ଷ ହେଲା ଆମ ଲୋକଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରାଯାଇଛି। ଆମ ବିକ୍ଷୋଭ କୌଣସି ପ୍ରତିଷ୍ଠାନ ବିରୋଧରେ ନୁହେଁ, ବରଂ ଆମେ ଆମର ଅଧିକାର ଓ ହକ ପାଇଁ ଲଢ଼େଇ କରୁଛୁ। ବହୁତ ହୋଇଗଲା। ଏବେ କାର୍ଯ୍ୟ କରିବାର ସମୟ ଆସି ଯାଇଛି। ଶରିଫ ସରକାର ଉପଯୁକ୍ତ ପଦକ୍ଷେପ ନିଅନ୍ତୁ, ନଚେତ ଲୋକଙ୍କ ଆକ୍ରୋଶର ସାମ୍ନା କରିବାକୁ ପ୍ରସ୍ତୁତ ରୁହନ୍ତୁ। କିଛି ଦିନ ହେବ ବିପୁଳ ସଂଖ୍ୟାରେ ସୁରକ୍ଷାକର୍ମୀ ପିଓକେର ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରିଛନ୍ତି।

# ସ୍ୱାମୀ ଚେତନ୍ୟାନନ୍ଦ ଆଗ୍ରାରୁ ଗିରଫ

ନୂଆଦିଲ୍ଲୀ: ଶେଷରେ ଆତ୍ମଘୋଷିତ ଭଗବାନ ତଥା ଶ୍ରୀ ଶାରଦା ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ମ୍ୟାନେଜମେଣ୍ଟ-ରିସର୍ଚ୍ଚର ପୂର୍ବତନ ନିର୍ଦ୍ଦେଶକ ସ୍ୱାମୀ ଚେତନ୍ୟାନନ୍ଦ ସରସ୍ୱତୀଙ୍କୁ ପୁଲିସ ଗିରଫ କରିଛି। ରବିବାର ଭୋର ୩ଟା ୩୦ ସମୟରେ ଆଗ୍ରାର ଏକ ହୋଟେଲରୁ ଦିଲ୍ଲୀ ପୁଲିସ ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଦିଲ୍ଲୀ ପୁଲିସର ସୂଚନା ଅନୁଯାୟୀ, ୬୨ ବର୍ଷୀୟ ଆତ୍ମଘୋଷିତ ଧର୍ମଗୁରୁ ସ୍ୱାମୀ ଚେତନ୍ୟାନନ୍ଦ ସରସ୍ୱତୀ ପୁଲିସର ଗିରଫ ଏଡ଼ାଇବା ପାଇଁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲେ। ପୁଲିସ ନଜରରୁ ଖସିବା ପାଇଁ ସେ ଇତିମଧ୍ୟରେ ୧୫ରୁ ଅଧିକ ସ୍ଥାନ ବଦଳାଇଛନ୍ତି। ସେ ପ୍ରମୁଖ ଧାର୍ମିକ ସ୍ଥଳୀର ହୋଟେଲଗୁଡ଼ିକରେ ରହୁଥିଲେ। ଏସବୁ ସ୍ଥାନରେ ଯାଞ୍ଚ କମ୍ ହେଉଥିବାରୁ ସେ ଏଗୁଡ଼ିକୁ ଚୟନ କରୁଥିଲେ।ଚେତନ୍ୟାନନ୍ଦ ଏବଂ ତାଙ୍କ ସହଯୋଗୀମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ସହ ସଂପର୍କ ଥିବାର ମିଛ ଦାବି କରୁଥିଲେ। ସନ୍ଦେହରୁ ଊର୍ଦ୍ଧ୍ୱରେ ରହିବା ପାଇଁ ସେମାନେ ଏଭଳି ପନ୍ଥା ଆପଣାଇଥିଲେ। ଏପରିକି ସ୍ୱାମୀ ଚେତନ୍ୟାନନ୍ଦଙ୍କର ପିଏମ୍‌ଓ ସହିତ ସଂପର୍କ ଥିବା କହି ତାଙ୍କର ସହଯୋଗୀମାନେ ଲୋକଙ୍କୁ ଫୋନ୍ କରୁଥିଲେ। ୧୭ ଜଣ ଛାତ୍ରୀ ସ୍ୱାମୀ ଚେତନ୍ୟାନନ୍ଦ ଓରଫ ପାର୍ଥସାରଥିଙ୍କ ବିରୋଧରେ ଅସଦାଚରଣ, ଅଶ୍ଳୀଳ ମେସେଜ୍ ପଠାଇବା ଆଦି ଅଭିଯୋଗ ଆଣିବା ପରଠାରୁ ତାଙ୍କର ପତ୍ତା ମିଳୁ ନଥିଲା। ଏହି ଛାତ୍ରୀମାନଙ୍କ ମଧ୍ୟରୁ ଅଧିକାଂଶ ଅର୍ଥନୈତିକ ଦୁର୍ବଳ ବର୍ଗ ମେଧାବୃତ୍ତି ବର୍ଗର। ରାତିରେ ଛାତ୍ରୀମାନଙ୍କୁ କ୍ୱାର୍ଟର୍ସକୁ ଡାକିବା ଓ ଅନ୍ୟାନ୍ୟ ଅଭିଯୋଗରେ ତାଙ୍କ ନାମରେ ଏତଲା ରୁଜୁ ହୋଇଥିଲା।

# ଏଏମ୍/ଏନ୍‌ଏସ୍ ସହିତ ପିପିଏର ଚୁକ୍ତିନାମା

ନୂଆଦିଲ୍ଲୀ : ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ଏବଂ ଏଏମ୍/ଏନ୍‌ଏସ୍ ବନ୍ଦରଗୁଡ଼ିକ ଶୁଷ୍କ ବର୍ଥ କାର୍ଗୋ ପରିଚାଳନା ପାଇଁ ସିକ୍ୟୁ ୩ ବର୍ଥର ଯାନ୍ତ୍ରିକୀକରଣ ପାଇଁ ଏକ ରିହାତି ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏହା ବନ୍ଦର ଭିତ୍ତିଭୂମି ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।



ଏହି ପ୍ରକଳ୍ପ ୩୦ ବର୍ଷର ରିହାତି ଅବଧି ପାଇଁ। ଏହା ଯାନ୍ତ୍ରିକ ପରିବହନ ଏବଂ ଅତ୍ୟାଧୁନିକ ପରିଚାଳନା ସୁବିଧା ସହିତ ସଜ୍ଜିତ ଏକ ଜାହାଜ ଲୋଡର ସିଷ୍ଟମ ମାଧ୍ୟମରେ ଏଏମ୍/ଏନଏସ୍ ଭାରତର ଲୁହା ପଥର ପେଲେଟଗୁଡ଼ିକର ପରିବହନକୁ କଳ୍ପନା କରିଥାଏ। ଏହି ଚୁକ୍ତିନାମା ସ୍ଥାୟୀ ଏବଂ ଦକ୍ଷ କାର୍ଗୋ ପରିଚାଳନା ପାଇଁ ଏକ ଦୃଢ଼, ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରିଥାଏ।

ଏହି ଚୁକ୍ତିନାମାକୁ ପିପିଏର ମୁଖ୍ୟ ଇଞ୍ଜିନିୟର ହିମାଂଶୁ ଶେଖର ରାଉତ ଏବଂ ଏଏମ୍/ଏନ୍‌ଏସ୍ ବନ୍ଦରର ପ୍ରାଧିକୃତ ସ୍ୱାକ୍ଷରକାରୀ ଶୁଭକାନ୍ତ ଦାଶ ସମ୍ପାଦିତ କରିଥିଲେ। ସ୍ୱାକ୍ଷର ସମାରୋହରେ ପି.ଏଲ୍. ହାରଣାଧ, ଆଇଆରଟିଏସ୍, ଅଧ୍ୟକ୍ଷ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଏବଂ ସୁରେଶ ଜି, ମୁଖ୍ୟ - ଓଡ଼ିଶା ଅପରେସନ୍ସ, ଏଏମ୍/ଏନ୍‌ଏସ୍ ଇଣ୍ଡିଆ, ଉଭୟ ସଂଗଠନର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସହିତ। ଏହି ଅବସରରେ, ଶ୍ରୀ ପି.ଏଲ୍. ହାରଣାଧ ଗୁରୁତ୍ୱାରୋପ କରିଥିଲେ ଯେ ଏହି ପ୍ରକଳ୍ପ ବର୍ଥ ଉତ୍ପାଦକତାକୁ ଉନ୍ନତ କରିବା ଏବଂ ପରିବେଶ ଅନୁକୂଳ ଉପକୂଳ କାର୍ଗୋ ପରିଚାଳନା କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସୁରେଶ ଜି କହିଛନ୍ତି, ଏହି ସହଭାଗୀତା ବନ୍ଦର କାର୍ଯ୍ୟକୁ ଆଧୁନିକୀକରଣ କରିବା ଏବଂ ଏହି ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଆମର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ସିକ୍ୟୁ ୩ ବର୍ଥର ଯାନ୍ତ୍ରିକୀକରଣ କାର୍ଯ୍ୟକ୍ଷମ ଉତ୍କୃଷ୍ଟତା ଏବଂ ପରିବେଶଗତ ସ୍ଥିରତା ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିବଛଏହି ପ୍ରକଳ୍ପ ପିପିଏକୁ ଏକ ବିଶ୍ୱସ୍ତରୀୟ ବନ୍ଦର ହବ୍‌ରେ ପରିଣତ କରିବ ଏବଂଏଏମ୍/ଏନ୍‌ଏସ୍ ଇଣ୍ଡିଆର ଲଜିଷ୍ଟିକ୍ସ କ୍ଷମତାକୁ ସୁଦୃଢ଼ କରିବ।

# ମାସୁଦ୍ ପରିବାରକୁ ମ୍ୟାଚ୍ ଫି' ଦେବେ ପାକ୍ ଅଧିନାୟକ

ଦୁବାଇ : ନବମ ଥର ପାଇଁ ଏସିଆ କପ୍ ବିଜୟ ଭାରତୀୟ କ୍ରିକେଟ୍‌ପ୍ରେମୀଙ୍କ ପାଇଁ ଆଉ ଏକ ସ୍ମରଣୀୟ ମୁହୂର୍ତ୍ତ ଆଣି ଦେଇଛି। ଭାରତ ଏଥି ସହିତ ଶେଷ ୫ଟି ସଂସ୍କରଣରୁ ଚତୁର୍ଥ ଥର ବିଜେତା ହୋଇ ଏସିଆ ମହାଦେଶର ଅପ୍ରତିଦ୍ୱନ୍ଦ୍ୱୀ କ୍ରିକେଟ୍ ଦେଶ ହୋଇଛି। ବିଜୟ ପରେ ଭାରତୀୟ କ୍ରିକେଟ୍ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏକ ବଡ଼ ଘୋଷଣା କରି କହିଛନ୍ତି ଯେ, 'ମୁଁ ବ୍ୟକ୍ତିଗତ ଭାବରେ ଏହି ଟୁର୍ଣ୍ଣାମେଣ୍ଟର ମୋର ସମ୍ପୂର୍ଣ୍ଣ ମ୍ୟାଚ୍ ଫି ଭାରତୀୟ ସେନାକୁ ଦାନ କରିବାକୁ ଚାହୁଁଛି।

ଅନ୍ୟପକ୍ଷରେ ପାକିସ୍ତାନ ଅଧିନାୟକ ସଲମାନ ଆଗା କରିଥିବା ଘୋଷଣାକୁ ନେଇ ଏବେ ବିବାଦ ଆରମ୍ଭ ହୋଇଛି। ଏସିଆ କପ୍ ହାରିବା ପରେ, ପାକିସ୍ତାନୀ ଅଧିନାୟକ ସଲମାନ ଆଗା ତାଙ୍କର ଘୋଷଣା ମାଧ୍ୟମରେ ସ୍ପଷ୍ଟ କରିଛନ୍ତି ଯେ, ସେ ଏବେ ବି ଆତଙ୍କବାଦୀଙ୍କ ସହିତ ଠିଆ ହୋଇଛନ୍ତି। ମ୍ୟାଚ୍ ହାରିବା ପରେ ପାକିସ୍ତାନୀ ଦଳର ଅଧିନାୟକ ଆଗାଙ୍କ କରିଥିବା ଘୋଷଣାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି।



ସେପ୍ଟେମ୍ବର ୨୮ ତାରିଖରେ ଏସିଆ କପ୍ ୨୦୨୫ ଫାଇନାଲରେ ପରାଜୟ ପରେ, ସଲମାନ ଅଲି ଆଗା କହିଥିଲେ, ଆମେ (ସମ୍ପୂର୍ଣ୍ଣ ଦଳ) ଆମର ସମ୍ପୂର୍ଣ୍ଣ ମ୍ୟାଚ୍ ଫି' ଭାରତୀୟ ଆକ୍ରମଣରେ ପ୍ରାଣ ହରାଇଥିବା ସାଧାରଣ ନାଗରିକ ଏବଂ ପିଲାମାନଙ୍କୁ ଦାନ କରିବାକୁ ଚାହୁଁଛୁ। ଆଗାଙ୍କ ଏଭଳି ଘୋଷଣା ସ୍ପଷ୍ଟ କରିଛି ଯେ, ପାକିସ୍ତାନୀ କ୍ରିକେଟ୍ ଦଳ ମଧ୍ୟ ଆତଙ୍କବାଦୀଙ୍କ ସହିତ ଛିଡ଼ା ହୋଇଛି।

ଉଲ୍ଲେଖଯୋଗ୍ୟ, ଏପ୍ରିଲ ମାସରେ ପାକିସ୍ତାନୀ ଆତଙ୍କବାଦୀ ଭାରତକୁ ଆସି ପହଲଗାମରେ ଆକ୍ରମଣ କରିଥିଲେ। ଏଥିରେ ୨୬ଜଣଙ୍କ ମୃତ୍ୟୁ ହୋଇଥିଲା। ଏହାର ପ୍ରତିଶୋଧ ନେବାକୁ ଭାରତ ସରକାର ଅପରେସନ ସିନ୍ଦୂର ଆରମ୍ଭ କରିଥିଲେ, ଯେଉଁଥିରେ ୧୦୦ ଜଣ ଆତଙ୍କବାଦୀ ନିହତ ହୋଇଥିଲେ। 'ଅପରେସନ୍ ସିନ୍ଦୂର' ସମୟରେ ଜୈଶ-ଏ-ମହମ୍ମଦ ମୁଖ୍ୟ ମାସୁଦ ଆଝାରର ପରିବାରର ୧୦-୧୪ ଜଣ ସଦସ୍ୟ ନିହତ ହୋଇଥିବା ରିପୋର୍ଟ ଆସିଥିଲା। 'ଅପରେସନ୍ ସିନ୍ଦୂର' କେଣସି ସାଧାରଣ ନାଗରିକଙ୍କୁ ଟାର୍ଗେଟ କରାଯାଇନଥିବା ଭାରତୀୟ ସେନା ସ୍ପଷ୍ଟ କରିଥିଲେ। ଏମଧ୍ୟରେ ସଲମାନଙ୍କ ସାଧାରଣ ନାଗରିକଙ୍କୁ ମ୍ୟାଚ୍ ଫି' ଦେବା ଘୋଷଣା ଅନେକ ପ୍ରଶ୍ନ ଉଠାଇଛି। ସଲମାନ ମୃତ ଆତଙ୍କବାଦୀ ପରିବାର ମ୍ୟାଚ୍ ଫି' ଦେବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ବିନା ଟ୍ରଫିରେ ବିଜୟ ପାଳନ

## ନକ୍‌ବୀଙ୍କ ହାତରୁ ଟ୍ରଫି ନେଲାନି ଭାରତୀୟ ଟିମ୍



ଦୁବାଇ : ରବିବାର ପାକିସ୍ତାନକୁ ହରାଇ ଏସିଆ କପ୍ ଦଖଲ କରିଛି ଭାରତୀୟ କ୍ରିକେଟ୍ ଦଳ । ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ହ୍ୟାଟ୍ରିକ୍ ବିଜୟ ସହ ଭାରତ ନବମ ଥର ପାଇଁ ଏସିଆ କପ୍ ମୁକୁଟ ଜିତିଛି । ଭାରତକୁ ବିଜୟର ଟିକା ପିନ୍ଧାଇଛନ୍ତି ତିଳକ ବର୍ମା (୫୩ ବଲ୍ରୁ ୬୯ ରନ୍, ୩ ଚେକା, ୪ ଛକା) । ତେବେ ବିଜୟ ପରେ ପାକିସ୍ତାନୀ ମନ୍ତ୍ରୀ ଏବଂ ଏସୀୟ କ୍ରିକେଟ୍ ପରିଷଦ (ଏସିସି) ସଭାପତି ମୋହସିନ୍ ନକବୀ ଟ୍ରଫି ଦେବାକୁ ଆସିବାରୁ ଭାରତୀୟ ଟିମ୍ ତାଙ୍କ ହାତରୁ ଟ୍ରଫି ନେବାକୁ ମନା କରିଦେଇଥିଲା । ବିସିସିଆଇ ମଧ୍ୟ ଏହି ନିଷ୍ପତ୍ତିକୁ ସମର୍ଥନ କରିଥିଲା । ପ୍ରଥମ କରି କେଣସି ଦଳ ମ୍ୟାଚ୍ ଜିତିବା ପରେ ବିନା ଟ୍ରଫିରେ ବିଜୟ ପାଳନ କରିଥିବା ଦେଖାଯାଇଥିଲା । ତେବେ ଅନ୍ୟ କାହା ହାତରୁ ଟ୍ରଫି ଦେବା ପରିବର୍ତ୍ତେ ନକବୀ ଟ୍ରଫିକୁ ଡ୍ରେସିଂ ରୁମକୁ ନେଇଯାଇଥିଲେ ବୋଲି କୁହାଯାଉଛି । ଏବେ ନକବୀ ଟ୍ରଫିକୁ ନିଜ ଘରକୁ ନେଇଯାଇଥିବା ଦାବି କରାଯାଉଛି ।

ଭାରତର ଟାଇଗର୍ସ ଗୋଟିଏ ବି ମ୍ୟାଚ୍ ହାରିବା ବିନା ଏସିଆ କପ୍ ଚାମ୍ପିଅନ୍ ଭାବରେ ଉଭା ହୋଇଛି । ତଥାପି, ଏକ ନାଟକୀୟ ଏବଂ ଅଜବ ଘଟଣାକ୍ରମରେ, ପାକିସ୍ତାନୀ ମନ୍ତ୍ରୀ ଏବଂ ଏସୀୟ କ୍ରିକେଟ୍ ପରିଷଦ (ଏସିସି) ସଭାପତି ମୋହସିନ୍ ନକବୀଙ୍କ ଠାରୁ ଚାମ୍ପିଅନ୍ ଭାରତୀୟ ଦଳକୁ ଏସିଆ କପ୍ ଟ୍ରଫି ଗ୍ରହଣ କରିବାକୁ ମନା କରିବା ପରେ ସେମାନଙ୍କୁ ପ୍ରଦାନ କରାଯାଇ ନଥିଲା । ରବିବାର, ସେପେଟମ୍ବର ୨୯ ତାରିଖରେ ଏସିଆ କପ୍ ଫାଇନାଲରେ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ପାଞ୍ଚ ୱିକେଟରେ ରୋମାଞ୍ଚକର ବିଜୟ ପରେ ଏକ ନାଟକୀୟ ଘଟଣା ଘଟିଥିଲା । ମୋହସିନ୍ ନକବୀଙ୍କ ଉପରେ ଏବେ ଭାରତର ଟ୍ରଫି ଚୋରି କରିବାର ଅଭିଯୋଗ ଲଗାଯାଉଛି ।

ଏହି ଘଟଣାକୁ ନେଇ ମୁମ୍ବାଇର ବୋର୍ଡ ମୁଖ୍ୟାଳୟରେ ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି ଯେ, ଆମେ ପାକିସ୍ତାନର ପ୍ରମୁଖ ନେତାମାନଙ୍କ ମଧ୍ୟରୁ ଜଣେ ତଥା ଏସିସି ଅଧ୍ୟକ୍ଷ ମୋହସିନ୍ ନକବୀଙ୍କଠାରୁ ଏସିଆ କପ୍ ୨୦୨୫ଟ୍ରଫି ନନେବାକୁ ନିଷ୍ପତ୍ତି ନେଇଥିଲୁ । କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ, ସେ ଭଦ୍ରଲୋକଜଣଙ୍କ ପଦକ ସହିତ ଟ୍ରଫି ମଧ୍ୟ ନିଜ ସାଙ୍ଗରେ ନେଇଯିବେ । ତେଣୁ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଆମେ ଆଶା କରୁଛୁ ଯେ, ଟ୍ରଫି ଏବଂ ପଦକ ଯଥାଶୀଘ୍ର ଭାରତକୁ ଫେରସ୍ତ କରାଯିବ ।

ଅନ୍ୟପକ୍ଷରେ ଯେତେବେଳେ ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଗାଙ୍କୁ ଏହା ବିଷୟରେ ପଚରାଗଲା, ସେ ତାଙ୍କ ଅଧ୍ୟକ୍ଷଙ୍କ ବିବାଦୀୟ ନିଷ୍ପତ୍ତିକୁ ସମର୍ଥନ କରିଥିଲେ । ସେ କହିଥଇଲେ, ଦେଖ, ସେ ଏସିସି ଅଧ୍ୟକ୍ଷ । ତାଙ୍କର ଟ୍ରଫି ଦେବାର ସମ୍ପୂର୍ଣ୍ଣ ଅଧିକାର ଅଛି । ତେବେ ନକବୀଙ୍କ ଏଭଳି କାମକୁ ନେଇ ସୋସିଆଲ ମିଡିଆରେ ଅନେକ ମିମ୍ ଭାଇରାଲ ହେବାରେ ଲାଗିଛି ।

# ନିଜ ଦେଶରେ ପାକ୍ ଟିମ୍ ସମାଲୋଚିତ

ଇସଲାମାବାଦ : ୨୦୨୫ ଏସିଆ କପ୍ ଫାଇନାଲରେ ଭାରତଠାରୁ ପାକିସ୍ତାନ ଦଳ ଶୋଚନୀୟ ଭାବେ ପରାସ୍ତ ହୋଇଥିଲା । ରବିବାର ଫାଇନାଲ ଖେଳାଯାଇଥିବା ବେଳେ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ହ୍ୟାଟ୍ରିକ୍ ବିଜୟ ସହ ଭାରତ ନବମ ଥର ପାଇଁ ଏସିଆ କପ୍ ମୁକୁଟ ଜିତିଥିଲା । ପରାଜୟ ପରେ ପୂର୍ବତନ ପାକିସ୍ତାନୀ ଦ୍ରୁତ ବୋଲର ତନବୀର ଅହମ୍ମଦ ରାଗ ତମତମ ହୋଇ ନିଜ ଦଳକୁ ସମାଲୋଚନା କରିଛନ୍ତି । ଏକ ପାକିସ୍ତାନୀ ଟିଭି ଚ୍ୟାନେଲରେ ସିଧା ପ୍ରସାରଣ ସମୟରେ ତନବୀର ନିଜ ଦେଶର ଖେଳାଳିମାନଙ୍କ ଉପରେ ବର୍ଷିଛନ୍ତି । ସେ କହିଛନ୍ତି ଯେ, ଦଳ ଫାଇନାଲରେ ଖେଳିବା ପାଇଁ ଯୋଗ୍ୟ ନୁହେଁ ।ତନବୀର କହିଥିଲେ ଯେ, ସେମାନେ (ଭାରତ) ଫାଇନାଲ ଜିତିଲେ । ଆମ ଦଳ ସବୁବେଳେ ପ୍ରତିଦ୍ୱନ୍ଦିତା ବିଷୟରେ ବହୁତ ବଡ଼ ବଡ଼ କଥା କହେ, କିନ୍ତୁ ସେମାନେ କାମରେ ଦେଖାଇଦେଲେ ଯେ କାହାର ଶକ୍ତି ଅଧିକ । ସେମାନେ ଆମକୁ ଜଣାଇଦେଲେ ଯେ, ସେମାନେ ସବୁକିଛି ଏବଂ ତୁମେ କେବଳ ହାରିବା ପାଇଁ ଯୋଗ୍ୟ ।ତନବୀର ପାକିସ୍ତାନୀ ଖେଳାଳିମାନଙ୍କ ଉପରେ ତାଙ୍କର କ୍ରୋଧ ପ୍ରକାଶ କରି ଆହୁରି କହିଥିଲେ ଯେ, ଭାରତ ଦେଖାଇଦେଲା ଯେ, ସେ ସବୁଥିରେ ପାରଙ୍ଗମ । ତୁମର ବ୍ୟାଟିଂ ଶୂନ ଥିଲା । ଅତି ଥାର୍ଡ କ୍ଲାସ୍ । ସାରା ଟୁର୍ଣ୍ଣାମେଣ୍ଟରେ, ତୁମର ଅଧିନାୟକ ପ୍ରେସ୍ କନଫରେନ୍ସରେ ନିଜକୁ ରକ୍ଷା କରି ଚାଲିଥିଲେ ।












## ଅଭିନନ୍ଦନ ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଏସିଆ କପ୍ ୨୦୨୫ ଫାଇନାଲରେ ପାକିସ୍ତାନକୁ ପରାଜିତ କରି ନବମ ଥର ପାଇଁ ଭାରତ ଏସିଆ କପ୍ ହାସଲ କରିଛି । ଏଥିଲାଗି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଭାରତୀୟ କ୍ରିକେଟ୍ ଟିମକୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିନ୍ନ ଢଙ୍ଗରେ କହିଛନ୍ତି, ଖେଳ ପଡ଼ିଆରେ ଅପରେସନ ସିନ୍ଦୂର । ଫଳାଫଳ ସମାନ - ଭାରତ ଜିତିଲା । ଆମର କ୍ରିକେଟରମାନଙ୍କୁ ଅଭିନନ୍ଦନ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଜିତିବା ପାଇଁ ଟିମ୍ ଇଣ୍ଡିଆକୁ ମୋର ହାର୍ଦ୍ଦିକ ଅଭିନନ୍ଦନ । ଦଳ ଟୁର୍ଣ୍ଣାମେଣ୍ଟରେ କୌଣସି ମ୍ୟାଚ୍ ହାରି ନାହିଁ, ଖେଳରେ ନିଜର ପ୍ରାଧାନ୍ୟ ବିସ୍ତାର କରୁଛି । ମୁଁ କାମନା କରୁଛି ଯେ ଟିମ୍ ଇଣ୍ଡିଆ ଭବିଷ୍ୟତରେ ଗୌରବ ବଜାୟ ରଖୁ ।


















Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି